ନବଜୀବନ ଗ୍ରନ୍ଥମାଳା—୯ମ ଖଣ୍ଡ

# ହିନ୍ଦୁଧର୍ମରେ
# ଜାତି ଓ ତା'ର ଗତି

ଚିନ୍ତାମଣି ମିଶ୍ର

# ହିନ୍ଦୁ ଧର୍ମରେ
# ଜାତି ଓ ତାହାର ଗତି

ଲେଖକ
ଶ୍ରୀ ଚନ୍ଦ୍ରାମଣି ମିଶ୍ର

ପ୍ରକାଶକ
ନବଜୀବନ କାର୍ଯ୍ୟାଳୟ
ଗୃଧମାଚୌକ,
କଟକ-୨

ନବଜୀବନ ଗ୍ରନ୍ଥମାଳା—୧ମ ଖଣ୍ଡ

ପ୍ରଥମ ସଂସ୍କରଣ

୧୯୫୫

ମୂଲ୍ୟ ଏକ ଟଙ୍କା

# ବିଷୟ ବସ୍ତୁର ନିର୍ଦ୍ଦେଶ

## ଜାତିର ଦୋଷ କେଉଁଠି ?

ଚୀନ ଓ ରୁଷିଆକୁ ଛାଡ଼ି ଆଉ ସବୁ ଦେଶରେ ଲୋକେ ବିଭିନ୍ନ ଜାତିରେ ବା ଶ୍ରେଣୀରେ ବିଭକ୍ତ ହୋଇ ଅଛନ୍ତି ଓ ରହିବାକୁ ପସନ୍ଦ କରୁଛନ୍ତି । ମୋଟାମୋଟି ବେପାରୀର ପୁଅ ବେପାର କରୁଛି, ଚାକିରିଆର ପୁଅ ଚାକିରି କରୁଛି, ଏହିପରି । ଆଜିକାଲି ଯୁଗରେ ଅନେକଙ୍କ ବାପଠାରୁ ପୁଅ ଯାଏ ଜାତି ଗଡ଼ିଯାଉ ନାହିଁ । ଆମ ଦେଶରେ ମଧ୍ୟ ଶିକ୍ଷିତ ଲୋକଙ୍କ ଭିତରେ ବାପପୁଅର ଜାତି ବା ଶ୍ରେଣୀରେ ପାର୍ଥକ୍ୟ ରହିବାକୁ ଆରମ୍ଭ କଲାଣି । ବେପାରୀର ପୁଅ ଚାକିରି କରୁଛି, ଚାକିରିଆର ପୁଅ ବେପାରୀ ହେଉଛି । ଅବଶ୍ୟ ଏ ଢଙ୍ଗ ପାଶ୍ଚାତ୍ୟ ଦେଶମାନଙ୍କରେ ଯେତେ ସ୍ପଷ୍ଟ, ଆମ ଦେଶରେ ସେତେ ନୁହେଁ । ସେଠାରେ ମୋଚିର ପୁଅ ଧର୍ମଯାଜକ ହେବାର ବି ଦେଖାଯାଉଛି । ମୋଟାମୋଟି କିନ୍ତୁ ପୁଅ ବାପର ଜାତି ଧରୁଛି । ଏହି ରକ୍ଷଣଶୀଳତା ସହର ଅପେକ୍ଷା ମଫସଲରେ ବେଶୀ ଦେଖାଯାଉଛି—ଏଠାରେ ଓ ସେଠାରେ ।

ପୁରୁଷାନୁକ୍ରମିକ ଜାତି କଥା ଯାହା ହେଉ ପଛେ, ମନୁଷ୍ୟ ନିଜ ଜୀବନରେ ଜାତି ଧରି ରହୁଛି । ଯେ ସରକାରୀ ଚାକିରି କରୁଛି ତା ପୁଅ ତାହା କରି ନପାରେ, କିନ୍ତୁ ଯେ ନିଜେ ସରକାରୀ ଚାକିରିରେ ଅଛି,

ସେ ଗୃହକରଆ ଶ୍ରେଣୀ, ଗୋଷ୍ଠି ବା ଜାତିରେ ରହୁଛି ଓ ପେନସନ୍ ପାଇବା ପରେ ସହରରେ ରହିଲେ, ପେନସନଆ ଜାତିର ଅନ୍ତର୍ଭୁକ୍ତ ହେଉଛି । ଗୃହକରଆଙ୍କ ଭିତରେ ବି ଉପଜାତି ସୃଷ୍ଟି ହୋଇଛି । ବଡ଼ ଗୃହକରଆଙ୍କର ଗୋଟିଏ ଜାତି ତ ଛୋଟ ଗୃହକରଆଙ୍କର ଆଉ ଗୋଟିଏ ଜାତି । ବିଭିନ୍ନ ପ୍ରକାର ଗୃହକରରେ ପୁଣି ଭିନ୍ନ ଭିନ୍ନ ଜାତି । ସମସ୍ତେ ନିଜ ଜାତି ଶ୍ରେଣୀ, ଉପଜାତି ବା ଉପଶ୍ରେଣୀର ସ୍ୱାର୍ଥ ରକ୍ଷା କରିବା ପାଇଁ ମେଣ୍ଟ ବାନ୍ଧୁଛନ୍ତି । ଥୋକେ ତ ବିଶ୍ୱାସ କରୁଛନ୍ତି, ଏହି ଶ୍ରେଣୀମାନଙ୍କର ସଂଘର୍ଷରେ ସଭ୍ୟତାର ବିକାଶ ହେବ । ତେବେ ଆମ ଦେଶରେ ଚଳୁଥିବା ଜାତି ପ୍ରଥାର ଦୋଷ କେଉଁଠି ?

## ପୁରୁଷାନୁକ୍ରମିକ ଜାତିରେ ଅନ୍ୟାୟ

ଆମ ଦେଶରେ ବ୍ରାହ୍ମଣ, କରଣ ପ୍ରଭୃତି ଯେଉଁ ଜାତିବିଭାଗ ଅଛି, ତାହା ଆମ ସମାଜର କଳଙ୍କ ବୋଲି ସମସ୍ତେ କହୁଛନ୍ତି । ଏହା ହିନ୍ଦୁ ସମାଜର ଅଙ୍ଗ ହୋଇ ନ ପାରେ, କିନ୍ତୁ ଏ କଳଙ୍କ ବା ଦାଗ ଏପରି ସ୍ଥାୟୀ ଭାବରେ ରହିଗଲାଣି ଯେ ଏହା ସମାଜର ଅଙ୍ଗ ନୁହେଁ ବୋଲି କହି ହେଉନାହିଁ । ବାପ ଓ ପୁଅର, ବ୍ୟବସାୟରେ ପାର୍ଥକ୍ୟ ଥିଲେ ବି, ଜାତି ଏକ ରହୁଛି । ପୁଣି ଉଚ୍ଚନୀଚ ଭେଦ ବ୍ୟବସାୟ ଉପରେ ନ ରହି ଏହି ଜନ୍ମଗତ ଜାତିରେ ରହି ଯାଉଛି । ମଣିଷ ମଣିଷ ଭିତରେ ଉଚ୍ଚ ନୀଚଭେଦ— ପାର୍ଥକ୍ୟ, ରହିବ । ଏ ପାର୍ଥକ୍ୟ ଈଶ୍ୱର-ଦତ୍ତ । ମନୁଷ୍ୟ ଏ ପାର୍ଥକ୍ୟକୁ ଦୂର କରିବାକୁ ସବୁବେଳେ ଚେଷ୍ଟା କରୁଛି, କିନ୍ତୁ ପୁରାପୁରି ପାରୁନାହିଁ । ରୁସିଆରେ ସମସ୍ତେ ସମାନ ହେବେ ବୋଲି କମ୍ୟୁନିଷ୍ଟ ହେଲେ, କିନ୍ତୁ ସେଠାରେ ଏବେ ଜଣେ ରୁସ୍‌ର ପୂର୍ବ ସମ୍ରାଟଙ୍କ ପ୍ରାସାଦରେ କ୍ୱାଇଁ ଭୋଗ କରୁଛି ତ ଆଉ ଜଣେ କଳକାର-

ଖାନାରେ ଗଧ ଖଟଣି ଖଟୁଛି, ତୃତୀୟ ଜଣକ ଯାବତ୍ ଜୀବନ କଏଦୀ ହୋଇଛି ତ ଚତୁର୍ଥ ଜଣକ ବିଶ୍ୱାସଘାତକତା ଦୋଷରେ ପ୍ରାଣ ହରାଇ ସାରିଲଣି । ଏହାକୁ ସ୍ୱେଚ୍ଛାଚାରୀ ଶାସନର କୁଫଳ ବୋଲି ଉଡ଼ାଇ ଦେଲେ ଚଳିବ ନାହିଁ । ଯେତେ ସୁଶାସନ ହେଲେ ବି ମନୁଷ୍ୟ ମନୁଷ୍ୟ ମଧ୍ୟରେ ପାର୍ଥକ୍ୟ ରହିବ । ଅବଶ୍ୟ ରାଜ୍ୟରେ ସମସ୍ତେ ବଡ଼ ହେବାକୁ ସମାନ ସୁବିଧା ପାଇବେ, କିନ୍ତୁ ସେ ସୁବିଧାର ଫାଇଦା ହାସଲ କରିବାକୁ ସମସ୍ତଙ୍କର ସମାନ ଶକ୍ତି ଓ ସାମର୍ଥ୍ୟ ଥିଲେ ସିନା ହେବ ! ଈଶ୍ୱର କହ, ବା ପ୍ରକୃତି କହ, ଯେ ଆମକୁ ସୃଷ୍ଟି କରିଛି ସେ ସମସ୍ତଙ୍କୁ ସମାନ ମଥା ବା ସମାନ ବାହୁବଳ ଦେଇ ନାହିଁ । ଏଣୁ ଲୋକେ ନିଜର ଆୟ ବା ଆସନ ଅନ୍ୟଠାରୁ ନ୍ୟୂନ ହେଲେ ସହି ଯାନ୍ତି, କିନ୍ତୁ ମୁଁ ସାନ ବୋଲି ମୋ ପୁଅ ସାନ ହେବ ଏହା ସହି ହୁଏ ନାହିଁ, ଅନ୍ତତଃ ସହିବାକୁ କଷ୍ଟ ହୁଏ । ଆମ ଦେଶର ଜାତିଭେଦରେ ଏହି କଥାଟି ପଶି-ଯାଇଛି ।

## ଅସ୍ପୃଶ୍ୟତାର ଯୁକ୍ତିଯୁକ୍ତତା ନାହିଁ

ଆଉ ଗୋଟିଏ ଦୋଷ—ଅମୁକ ଜାତିର କାମ ଉଚ୍ଚ ଓ ଅମୁକର ନୀଚ । ଏହା ମୂଳରେ କୌଣସି ସନ୍ତୋଷଜନକ ଯୁକ୍ତି ଥିଲାପରି ମନକୁ ଆସୁନାହିଁ । ଯେଉଁ କାମପାଇଁ ବେଶୀ ପାଠ ଦରକାର ବା ବେଶୀ ତାଲିମ ଦରକାର ସେ କାମପାଇଁ ବେଶୀ ମଜୁରୀ ବା ମର୍ଯ୍ୟାଦା ମିଳିବା ଆଧୁନିକ ସଭ୍ୟତାରେ ଅଦ୍ୟାପି ଚଳୁଛି । କିନ୍ତୁ ସ୍ୱା ବୋଲି ଯେଉଁ କାର୍ଯ୍ୟରେ ବେଶୀ ପଇସା ନାହିଁ, ସେ କାମ ନ ହେଲେ ଯଦି ନ ଚଳେ, ତେବେ ତାହା କରୁଥିବା ଲୋକକୁ ଛୋଟ ନଜର କରାଯିବ କାହିଁକି ? ପାଠୁଆ ଲୋକ କମ୍ ଅଛନ୍ତି ବୋଲି ବେଶୀ ମଜୁରୀ

ସେ ଗୃହକରିଆ ଶ୍ରେଣୀ, ଗୋଷ୍ଠି ବା ଜାତିରେ ରହୁଛି ଓ ପେନସନ୍ ପାଇବା ପରେ ସହରରେ ରହିଲେ, ପେନସନିଆ ଜାତିର ଅନ୍ତର୍ଭୁକ୍ତ ହେଉଛି । ଗୃହକରିଆଙ୍କ ଭିତରେ ବି ଉପଜାତି ସୃଷ୍ଟି ହୋଇଛି । ବଡ଼ ଗୃହକରିଆଙ୍କର ଗୋଟିଏ ଜାତି ତ ଶ୍ରେଷ୍ଠ ଗୃହକରିଆଙ୍କର ଆଉ ଗୋଟିଏ ଜାତି । ବିଭିନ୍ନ ପ୍ରକାର ଗୃହକରରେ ପୁଣି ଭିନ୍ନ ଭିନ୍ନ ଜାତି । ସମସ୍ତେ ନିଜ ଜାତି ଶ୍ରେଣୀ, ଉପଜାତି ବା ଉପଶ୍ରେଣୀର ସ୍ୱାର୍ଥ ରକ୍ଷା କରିବା ପାଇଁ ମେଣ୍ଟ ବାନ୍ଧୁଛନ୍ତି । ଥୋକେ ତ ବିଶ୍ୱାସ କରୁଛନ୍ତି, ଏହି ଶ୍ରେଣୀମାନଙ୍କର ସଂଘର୍ଷରେ ସଭ୍ୟତାର ବିକାଶ ହେବ । ତେବେ ଆମ ଦେଶରେ ଚଳୁଥିବା ଜାତି ପ୍ରଥାର ଦୋଷ କେଉଁଠି ?

## ପୁରୁଷାନୁକ୍ରମିକ ଜାତିରେ ଅନ୍ୟାୟ

ଆମ ଦେଶରେ ବ୍ରାହ୍ମଣ, କରଣ ପ୍ରଭୃତି ଯେଉଁ ଜାତିବିଭାଗ ଅଛି, ତାହା ଆମ ସମାଜର କଳଙ୍କ ବୋଲି ସମସ୍ତେ କହୁଛନ୍ତି । ଏହା ହିନ୍ଦୁ ସମାଜର ଅଙ୍ଗ ହୋଇ ନ ପାରେ, କିନ୍ତୁ ଏ କଳଙ୍କ ବା ଦାଗ ଏପରି ସ୍ଥାୟୀ ଭାବରେ ରହିଗଲାଣି ଯେ ଏହା ସମାଜର ଅଙ୍ଗ ନୁହେଁ ବୋଲି କହି ହେଉନାହିଁ । ବାପ ଓ ପୁଅର, ବ୍ୟବସାୟରେ ପାର୍ଥକ୍ୟ ଥିଲେ ବି, ଜାତି ଏକ ରହୁଛି । ପୁଣି ଉଚ୍ଚନୀଚ ଭେଦ ବ୍ୟବସାୟ ଉପରେ ନ ରହି ଏହି ଜନ୍ମଗତ ଜାତିରେ ରହି ଯାଉଛି । ମଣିଷ ମଣିଷ ଭିତରେ ଉଚ୍ଚ ନୀଚଭେଦ— ପାର୍ଥକ୍ୟ, ରହିବ । ଏ ପାର୍ଥକ୍ୟ ଈଶ୍ୱର-ଦତ୍ତ । ମନୁଷ୍ୟ ଏ ପାର୍ଥକ୍ୟକୁ ଦୂର କରିବାକୁ ସବୁବେଳେ ଚେଷ୍ଟା କରୁଛି, କିନ୍ତୁ ପୁରାପୁରି ପାରୁନାହିଁ । ରୁସିଆରେ ସମସ୍ତେ ସମାନ ହେବେ ବୋଲି କମ୍ୟୁନିଷ୍ଟ ହେଲେ, କିନ୍ତୁ ସେଠାରେ ଏବେ ଜଣେ ରୁସ୍‌ର ପୂର୍ବ ସମ୍ରାଟଙ୍କ ପ୍ରାସାଦରେ ଜ୍ୱାଇଁ ଭୋଗ କରୁଛି ତ ଆଉ ଜଣେ କଳକାର-

ଖାନାରେ ଗଧ ଖଟଣି ଖଟୁଛି, ତୃତୀୟ ଜଣକ ଯାବତ୍ ଜୀବନ କଏଦୀ ହୋଇଛି ତ ଚତୁର୍ଥ ଜଣକ ବିଶ୍ୱାସଘାତକତା ଦୋଷରେ ପ୍ରାଣ ହରାଇ ସାରିଲାଣି । ଏହାକୁ ସ୍ୱେଚ୍ଛାଚାରୀ ଶାସନର କୁଫଳ ବୋଲି ଉଡ଼ାଇ ଦେଲେ ଚଳିବ ନାହିଁ । ଯେତେ ସୁଶାସନ ହେଲେ ବି ମନୁଷ୍ୟ ମନୁଷ୍ୟ ମଧ୍ୟରେ ପାର୍ଥକ୍ୟ ରହିବ । ଅବଶ୍ୟ ରାଜ୍ୟରେ ସମସ୍ତେ ବଡ଼ ହେବାକୁ ସମାନ ସୁବିଧା ପାଇବେ, କିନ୍ତୁ ସେ ସୁବିଧାର ଫାଇଦା ହାସଲ କରିବାକୁ ସମସ୍ତଙ୍କର ସମାନ ଶକ୍ତି ଓ ସାମର୍ଥ୍ୟ ଥିଲେ ସିନା ହେବ ! ଈଶ୍ୱର କହ, ବା ପ୍ରକୃତି କହ, ଯେ ଆମକୁ ସୃଷ୍ଟି କରିଛି ସେ ସମସ୍ତଙ୍କୁ ସମାନ ମଥା ବା ସମାନ ବାହୁବଳ ଦେଇ ନାହିଁ । ଏଣୁ ଲୋକେ ନିଜର ଆୟୁ ବା ଆସନ ଅନ୍ୟଠାରୁ ନ୍ୟୂନ ହେଲେ ସହି ଯାନ୍ତି, କିନ୍ତୁ ମୁଁ ସାନ ବୋଲି ମୋ ପୁଅ ସାନ ହେବ ଏହା ସହି ହୁଏ ନାହିଁ, ଅନ୍ତତଃ ସହିବାକୁ କଷ୍ଟ ହୁଏ । ଆମ ଦେଶର ଜାତିଭେଦରେ ଏହି କଥାଟି ପଶି-ଯାଇଛି ।

## ଅସ୍ପୃଶ୍ୟତାର ଯୁକ୍ତିଯୁକ୍ତତା ନାହିଁ

ଆଉ ଗୋଟିଏ ଦୋଷ—ଅମୁକ ଜାତିର କାମ ଉଚ୍ଚ ଓ ଅମୁକର ନୀଚ । ଏହା ମୂଳରେ କୌଣସି ସନ୍ତୋଷଜନକ ଯୁକ୍ତି ଥିଲାପରି ମନକୁ ଆସୁନାହିଁ । ଯେଉଁ କାମପାଇଁ ବେଶୀ ପାଠ ଦରକାର ବା ବେଶୀ ତାଲିମ ଦରକାର ସେ କାମପାଇଁ ବେଶୀ ମଜୁରି ବା ମର୍ଯ୍ୟାଦା ମିଳିବା ଆଧୁନିକ ସଭ୍ୟତାରେ ଅଦ୍ୟାପି ଚଳୁଛି । କିନ୍ତୁ ସ୍ୱା ବୋଲି ଯେଉଁ କାର୍ଯ୍ୟରେ ବେଶୀ ପଇସା ନାହିଁ, ସେ କାମ ନ ହେଲେ ଯଦି ନ ଚଳେ, ତେବେ ତାହା କରୁଥିବା ଲୋକକୁ ଗ୍ଳେଟ ନଜର କରାଯିବ କାହିଁକି ? ପାଠୁଆ ଲୋକ କମ୍ ଅଛନ୍ତି ବୋଲି ବେଶୀ ମଜୁରି

ନ ଦେଲେ ମିଳିବେ ନାହିଁ । ଅପାଠୁଆ ଲୋକ ଅଳ୍ପ ପଇସାକୁ ମଧ୍ୟ ହାଉଯାଉ ହେଉଛନ୍ତି । ଏ ଯୁଗର ସଂସ୍କାରକମାନେ ତ କହିଲେଣି ପଢୁଆ ଓ ଅପଢୁଆଙ୍କ ମଧ୍ୟରେ ଆୟ ବା ମର୍ଯ୍ୟାଦାରେ ଇତର ବିଶେଷ ରହିବ ନାହିଁ । ସମସ୍ତେ ନିଜ ନିଜ ଶକ୍ତି ବା ସାମର୍ଥ୍ୟକୁ ଚାହିଁ କାମ କରିବେ ଓ ପ୍ରୟୋଜନକୁ ଚାହିଁ ପାଇବେ । ଏହା ଏ ପର୍ଯ୍ୟନ୍ତ ଚଳିନାହିଁ । କିନ୍ତୁ ଯାହା ସାଧାରଣତଃ ଚଳୁଛି ତାହା ବି ଆମ ଦେଶରେ ସ୍ୱୀକୃତ ହେଉନାହିଁ । ଯେ ଆମ ବାପାଙ୍କ ଗତାନୁଗତିକ ଶୁଦ୍ଧି ଶ୍ରାଦ୍ଧରେ ମନ୍ତ୍ର କାଣ୍ଡିଏ ବୋଲି ଦେଉଛି ସେ ପୂଜା ପାଉଛି କିନ୍ତୁ ଯେ ଆମ ଗୁହାଳରୁ ମଇଳା ହାଣ୍ଡି ଉଠାଇ ଆମ ଘରକୁ ଯଥାର୍ଥ ଶୁଦ୍ଧ କଲା, ତାକୁ ଛୁଇଁଲେ ଆମେ ଛୁଆଁ ହେଉଛୁ—ଏ କିମିତି କଥା ?

## ଯୁଗର ଡାକ

ଗଣତନ୍ତ୍ର ଯୁଗରେ ସମସ୍ତେ ସମାନ ରାଜନୀତିକ ଅଧିକାର ପାଇଛନ୍ତି । ରାଜଧର୍ମ, ଯାହାକୁ ରାଜନୀତି କହୁଥାଇଁ, ତାହାର ପ୍ରଭାବ ବ୍ୟକ୍ତି ଓ ସମାଜ ଉପରେ ନିଶ୍ଚୟ ପଡ଼ିବ । ଆମ ଶାସ୍ତ୍ରରେ ଅଛି "ରାଜାନୁଗତଃ ଧର୍ମଃ" ଅର୍ଥାତ୍ ରାଜଧର୍ମ ଦ୍ୱାରା ସମାଜ ପ୍ରଭାବିତ ହେବ ଓ ନିୟନ୍ତ୍ରିତ ହେବ । ରାଜନୀତିକ ଅଧିକାର ସମାନ ଥାଇ ସାମାଜିକ ଦୃଷ୍ଟିରେ ଲୋକେ ବଡ଼ସାନ ହୋଇ ରହିବେ, ଏକଥା ଏ କାଳ ସହିବ ନାହିଁ । ଏହି କାରଣରେ ଆମର ନେତାମାନେ ଜାତିଭେଦ ଓ ଅସ୍ପୃଶ୍ୟତା ବିଷୟରେ ବହୁ ବର୍ଷ ହେଲା କହି ଆସୁଛନ୍ତି । ମହାତ୍ମା ଗାନ୍ଧୀ ଜୀବନତମାମ ସାଧନା କରି ସମସ୍ତଙ୍କ ଦୃଷ୍ଟି ଏହି କଥା ପ୍ରତି ଆକର୍ଷଣ କରିଛନ୍ତି । ତାଙ୍କ ପରେ ତାଙ୍କର ଅନୁଚରମାନେ ଖାଲି ପ୍ରଚାରରେ ହେଲା ନାହିଁ ବୋଲି ଏହା

ବିରୁଦ୍ଧରେ ରାଜଶକ୍ତିକୁ ମଧ୍ୟ ଖଟାଉଛନ୍ତି । କିନ୍ତୁ ଆଶାନୁରୂପ ଫଳ ହୋଇନାହିଁ । କାହିଁକି ?

## ସଂସ୍କାରକ ପାରୁ ନାହାନ୍ତି କାହିଁକି ?

ସାଧାରଣତଃ ଏହାର କାରଣ ଦିଆଯାଉଛି ଯେ, ଜାତି-ଭେଦ ବହୁକାଳର କୁସଂସ୍କାର, ଶାସ୍ତ୍ର ପୁରାଣରେ ଯୋଗରୂଢ଼ ହୋଇ ଯାଇଛି, ଲୋକେ ଅନ୍ଧ ଭାବରେ ଏହାକୁ ମାନି ଚଳୁଛନ୍ତି । ପୁଣି କୁହାଯାଉଛି, ହିନ୍ଦୁ ରକ୍ଷଣଶୀଳ, ନିଜର ପ୍ରଥା ଓ ରୀତି ନୀତିକୁ ଅନ୍ଧ ଭାବରେ ଧରି ରଖେ । ଶାସ୍ତ୍ର ପୁରାଣରେ ଜାତି ଭେଦ ସମର୍ଥିତ ହୋଇଛି କି ନାହିଁ ତାହାର ଅନୁସନ୍ଧାନ ପଛକୁ ରଖି, ଆଉ ଗୋଟିଏ କଥା ପ୍ରତି ଦୃଷ୍ଟି ଦିଆଯିବା ଦରକାର ।

ଜାତିଭେଦ ଯେଉଁମାନେ ଉଠାଇବାକୁ ଆନ୍ଦୋଳନ କରୁଛନ୍ତି, ସେମାନେ ଯେ ଖାଲି ଜାତିଭେଦ ଉଠାଇବାକୁ ଇଚ୍ଛା କରୁଛନ୍ତି ତାହା ନୁହେଁ । ସେମାନେ ନିଜକୁ ହିନ୍ଦୁ ଧର୍ମର ବାହାରେ ବା ଉପରେ ରଖିଛନ୍ତି । ହିନ୍ଦୁ ଧର୍ମର ବେଦ, ଉପନିଷଦ୍‌ରେ ସେମାନଙ୍କର ବିଶ୍ୱାସ ନାହିଁ । ତୁଣ୍ଡରେ ହିନ୍ଦୁ ସଂସ୍କୃତିର ବଡ଼େଇ କରୁଥିଲେ ମଧ୍ୟ ତାହାର ପ୍ରକୃତି ବା ମର୍ମର ଆଲୋଚନା ନାହିଁ, କି ତଦନୁସାରେ ନିଜର ଆଚରଣ ନିୟନ୍ତ୍ରିତ କରିବାର ସ୍ପୃହା ନାହିଁ । ସେମାନେ ବାହାରର ପ୍ରଭାବରେ ଏତେ ପ୍ରଭାବିତ ଯେ ନିଜର ପିତୃ, ଋଷି ଓ ଦେବତାଙ୍କୁ ଚିହ୍ନିବା ପ୍ରୟୋଜନ ମନେ କରନ୍ତି ନାହିଁ । ଯେଉଁମାନେ ଧର୍ମକୁ ଧରି ରହିଛନ୍ତି ବୋଲି ମନେ କରୁଛନ୍ତି, ସେମାନେ ଖିରସ୍ତାନ ଓ ପଠାଣଙ୍କୁ ଯେଉଁ ଦୃଷ୍ଟିରେ ଦେଖନ୍ତି ଏପରି ସଂସ୍କାରକମାନଙ୍କୁ ସେହି ଦୃଷ୍ଟିରେ ଦେଖୁଛନ୍ତି । ଆଦରରେ ଅଭାବ ହୁଏ ନାହିଁ; ଏ ବିଷୟ ଶୁଣିବାକୁ ବି ଆଗ୍ରହ

ଅଛି, କିନ୍ତୁ ଶୁଣି ସାରିବା ପରେ ମନରେ ସଂଶୟ ଜାତ ହେଉଛି,—ସଂସ୍କାରକ ଯାହା କହୁଛନ୍ତି ସେପରି କଲେ ଧର୍ମ ବୁଡ଼ିଯିବ ପରା ! ଯେଉଁ ସଂସ୍କୃତି ମୁସଲମାନ ଓ ଇଂରେଜଙ୍କ ତାଡ଼ନାରେ ଟିକିଏ ମାତ୍ର ବଞ୍ଚିଛି ସେତକ ବି ଲୋପ ହୋଇଯିବ ପରା ! ପିତୃପୁରୁଷ ନରକରେ ପଡ଼ିଯିବେ ପରା ! ଏହି ଭୟରେ ଦେଶର ସାଧାରଣ ଲୋକେ ସେମାନଙ୍କର ଅତି ପ୍ରିୟ ନେତାଙ୍କର ଉପଦେଶକୁ ବି ଶୁଣି ନ ଶୁଣିଲା ପରି ରହି ଯାଉଛନ୍ତି । ନିଜର ପରମ୍ପରା ଛିଣ୍ଡି ଯାଉଥିବାରୁ ଏମାନେ ନିଜେ ନିଜର କର୍ତ୍ତବ୍ୟ ନିର୍ଣ୍ଣୟ କରିବାକୁ ମଧ୍ୟ ସମର୍ଥ ହେଉ ନାହାନ୍ତି । ଲୋକଙ୍କର ଏ ବିମୂଢ଼ ଭାବ ବୁଝି ନ ପାରି ସଂସ୍କାରକମାନେ ସନ୍ଦେହ କରୁଛନ୍ତି ଯେ ଉଚ୍ଚ ଜାତିର ଲୋକେ ନିଜର ସ୍ୱାର୍ଥହାନି ଭୟରେ ଅସ୍ପୃଶ୍ୟତାକୁ ଧରି ବସିଛନ୍ତି । ଏ କଥାର ସବିଶେଷ ଆଲୋଚନା ପରେ କରାଯିବ ।

## ଅତୀତରେ ଅବିଶ୍ୱାସ

ଏଠାରେ ଏତିକି ମାତ୍ର କହିଲେ ହେବ ଯେ ଜାତିଭେଦ ଯୋଗୁଁ ବୈଷୟିକ ସ୍ୱାର୍ଥର ଇତର ବିଶେଷ ହେଉ ନାହିଁ । ଗାଁ ଗହଳରେ ଜାତିଭେଦର ପ୍ରକୃତି ଓ ପରିସର ଅନୁସନ୍ଧାନ କଲେ ଜଣାଯିବ ଯେ, ଯେ ଯେତିକି ଉଚ୍ଚ ଜାତି ସେ ସେତିକି ଦରିଦ୍ର ଓ ଦାରିଦ୍ର୍ୟରେ ସେହି ପରିମାଣରେ ସନ୍ତୋଷ ବା ଗର୍ବ ଅନୁଭବ କରୁଛି । ବୈଷୟିକ ସ୍ୱାର୍ଥ ରକ୍ଷାର ପ୍ରଶ୍ନ ଉଠୁନାହିଁ । ବରଂ ତାହା ଥିଲେ, ଗୋଷ୍ଠୀକୁ ବଡ଼ କରିବାରେ ନିଜର ସ୍ୱାର୍ଥ ସିଦ୍ଧି କରିବାର ଆକାଂକ୍ଷା ରହନ୍ତା । ଶିବାଜୀ ଶୂଦ୍ର ଥିଲେ ; ତାଙ୍କୁ କ୍ଷତ୍ରିୟ କରିବାରେ ସେ କାଳରେ ୫୦ ଲକ୍ଷରୁ ଅଧିକ ଟଙ୍କା ଖରଚ ହୋଇଥିଲା ; ରାଜକୋଷ ଏକବାର ଶୂନ୍ୟ ହୋଇଗଲା ; ତେଣୁ ଶିବାଜୀଙ୍କୁ ଲୁଟ୍‌ତରାଜ କରିବାକୁ ପଡ଼ିଥିଲା ବୋଲି

ଇଂରେଜ ପ୍ରଭାବରେ ଦୁଷ୍ଟ ହୋଇଥିବା ଇତିହାସରେ ଲେଖାଅଛି । ଆମ ଓଡ଼ିଶାରେ ତ ସମସ୍ତେ ଜାଣନ୍ତି, ପୂର୍ବ ଗଡ଼ଜାତମାନଙ୍କର ଅନେକ ରାଜା କ୍ଷତ୍ରିୟ ନ ଥିଲେ । ଲୋକେ କହୁଛନ୍ତି, କିଏ କରଣ ଥିଲା ତ କିଏ ମାଳି ଥିଲା ; କେହି କେହି ପୁଣି ଥିଲେ ଚଷା, ସଅର, ଭୂୟାଁ, ବଣିଆ, ଗଣ୍ଡ ଓ କନ୍ଧ । ବ୍ରାହ୍ମଣ ପୁରସ୍କୃତ ହେବାରୁ ଏମାନଙ୍କୁ କ୍ଷତ୍ରିୟ କରିଦେଲେ ବୋଲି ଆଧୁନିକ ଇଂରେଜଶିକ୍ଷିତ ଲୋକେ ଇଂରେଜଙ୍କ ବହିରୁ ପଢ଼ିଛନ୍ତି । ଶିବାଜୀ ବା ଏ ରଜାମାନଙ୍କର ପୂର୍ବପୁରୁଷ ଯୋଗ୍ୟ ଥିଲେ ବୋଲି ଯେ ଏମାନଙ୍କୁ ଉଚ୍ଚ ଜାତି କରି ହୋଇଥିଲା ଓ ଲୋକଙ୍କୁ ମନାଇବା ସକାଶେ ଯାଗ, ହୋମ, ଅତିଥିବ୍ରାହ୍ମଣ ଭୋଜନର ବ୍ୟବସ୍ଥା ହୋଇଥିଲା, ସେକଥାକୁ ଆଜିକାଲି ଲୋକେ ଆଗ ଧେନୁ ନାହାନ୍ତି, ବୁଝାଇ ଦେଲେ ମୋଡି ଭିଡ଼ି ହୋଇ ମୁଣ୍ଡ ଝୁଙ୍କାଉଛନ୍ତି । ଏହାର କାରଣ ନିଜ ଅତୀତ ଉପରେ ବିଶ୍ୱାସର ଅଭାବ ।

**ଦାଅଁ ଗଡ଼ୁଗଡ଼ୁ—**

ସେ ଯାହାହେଉ, ବର୍ତ୍ତମାନର ଜାତିଭେଦର ପ୍ରଧାନ ଆଘାତ ହେଉଛି ମନ ଉପରେ—ଉଚ୍ଚ ଜାତିର ଲୋକ ସ୍ତବ୍ଧ ହେଉଛି, ତାହାର ଗୋଟାଏ କ'ଣ ମୌରସୀ ସମ୍ପତ୍ତି ହାତରୁ ଖସି ଯାଉଛି ପରି ; ନୀଚ ଜାତିର ଲୋକର ମନରେ କ୍ଷୋଭ ବଢ଼ୁଛି ଯେ ତାହାର ଗୋଟାଏ କ'ଣ ନ୍ୟାଯ୍ୟ ପାଉଣା ଉଚ୍ଚ ଜାତିର ଲୋକେ ଫାଙ୍କି ଦେଉଛନ୍ତି । ଏଣେ ସଂସ୍କାରକମାନେ ବି ଆଉରି ଏକ ବିଭ୍ରାଟ ସୃଷ୍ଟି କରୁଛନ୍ତି । ସେମାନଙ୍କର ନିଜର ଦାଅଁ ଦେଉଳରେ ବିଶ୍ୱାସ ନାହିଁ । କିନ୍ତୁ ସେମାନେ ଧରି ବସୁଛନ୍ତି, ହରିଜନ ଦେଉଳରେ ପଶୁ । ହରିଜନର ଏପରି ଆର୍ଥିକ ଅବସ୍ଥା ଯେ ତାହାର ଦେଉଳକୁ ଯିବାକୁ ବଳ ନାହିଁ କି ବେଳ ନାହିଁ ।

ସଂସ୍କାରକମାନେ ଜାତିଭେଦ ଦୂର କରିବା ନାମରେ ହରିଜନର କୌଳିକ ବୃତ୍ତି ଗୁଡ଼ିକ ନିଜ ହାତକୁ ନେଇଯାଉଛନ୍ତି । ଏବେ ସାଆନ୍ତ ବ୍ରାହ୍ମଣମାନେ ବାଳ୍ପୁର ଧରିଣ କଲେଣି ଓ ତାଙ୍କ ସ୍ତ୍ରୀ-ମାନେ କୁଲ ବାଉଁଶିଆ ବୁଣିବା ଫଳରେ ହାଡ଼ି ଓ ଡମ ହାତ ବାନ୍ଧି ବସିବାର ଆଶଙ୍କା ହେଲାଣି । ଦୁଃଖୀଙ୍କର ଦାରିଦ୍ର୍ୟ ବଢ଼ୁଛି ଏବଂ ସେମାନେ ସମାଜରେ ଅଧିକରୁ ଅଧିକ ଅସହାୟ ହେଉଛନ୍ତି ।

## ସଂସ୍କୃତିକୁ ଧରି ସଂସ୍କାର କର

ଚିନ୍ତାରାଜ୍ୟର ଏ ବିଭ୍ରାଟ ଦୂର କରିବାକୁ ହେଲେ ଲୋକ-ସାଧାରଣ ଯେପରି ବୁଝିବେ ସେପରି ଏ ସମସ୍ୟାର ଆଲୋଚନା କରିବାକୁ ହେବ ବୋଲି ମନେହୁଏ । ବୈଦେଶିକ ଯୁକ୍ତି ଓ ଚିନ୍ତା-ଧାରା ଏ ଦେଶରେ ଅତି ଅଳ୍ପ ଲୋକଙ୍କ ଭିତରେ ପଶିଛି । ତାହା ଯେପରି ମନ୍ଥର ଗତିରେ ପ୍ରବେଶ କରୁଛି, ସେ କଥା ଦେଖି ପାଶ୍ଚାତ୍ୟ ଚିନ୍ତାଧାରା ସମସ୍ତେ ଗ୍ରହଣ କଲା ପର୍ଯ୍ୟନ୍ତ ଅପେକ୍ଷା କରିବା ଦୁଃସାହସିକତା ହେବ । ସାହେବ ହେଲେ, ନକଲି ହେବା ନା ଅସଲ ହେବା ତାହା ବି ବିଚାର୍ଯ୍ୟ ।

ଦେଶର ରୀତିରେ ଦେଶୀଲୋକେ ପ୍ରଭାବିତ ହେବେ । ଏ ଦେଶର ଲୋକସାଧାରଣଙ୍କ ମନକୁ ଯୁଗର ଡାକ ଶୁଣାଇବାକୁ ପଡ଼ିବ, ଆମ ଚିରନ୍ତନ ସଂସ୍କୃତିର ମାଧ୍ୟମରେ । ବେଦ, ଉପନିଷଦ, ସ୍ମୃତି, ପୁରାଣ ଓ ଇତିହାସମାନଙ୍କୁ ମୂଳଦୁଆ କରି ବର୍ତ୍ତମାନର ସମାଜ ଗଢ଼ିବାକୁ ହେବ । ପୁରାଣ ନାମ ଶୁଣିଲେ ଅନେକେ ମନେ କରୁଛନ୍ତି, ସତେ ଯେପରି ଅତୀତକୁ ଫେରିଯିବାକୁ ଡାକରା ହେଉଛି; କହୁଛନ୍ତି, ଉଡ଼ାଜାହାଜରେ ଚଢ଼ି ଆଗେଇଲାବେଳେ ଆମେ ଆମର ଶଗଡ଼ ଗାଡ଼ି ୫୦୦୦ ବର୍ଷ ପଛକୁ ଠେଲିବା, ଏହା ବାଉଳା ପାଗଳର ପ୍ରଳାପ ।

ଦେଶର ଅଶୀଭାଗ ଯଦି ପାଗଳ, ତେବେ ଯେଉଁ କୋଡ଼ିଏ ଜଣ ନିଜକୁ ସ୍ଥିର-ମସ୍ତିଷ୍କ ବୋଲି ମନେ କରୁଛନ୍ତି, ସେମାନେ ପାଗଳାଗାରକୁ ଠେଣା ହେବାର ଯେ ଆଶଙ୍କା ଅଛି ! ଯାତ୍ରୀ ଯେଉଁଠାରେ ଅଛନ୍ତି ଗାଡ଼ି ସେହିଠାରେ ରୋକିବାକୁ ପଡ଼ିବ । ଯାତ୍ରୀ ମଙ୍ଗି ଗାଡ଼ିଭିତରେ ପଶିସାରିଲେ ସିନା ଯେତେ ଇଚ୍ଛା ସେତେ ଜୋରରେ ଗାଡ଼ି ଚଳାଇବ । ଅବଶ୍ୟ ସେଥିପାଇଁ ମଧ୍ୟ ଯାତ୍ରୀଙ୍କୁ ମଙ୍ଗାଇବାକୁ ହେବ । ଆମ ଦେଶର ଅନେକ ଲୋକ ସଂସ୍କୃତିରେ ପୁରାଣ ଯୁଗର ପାଖାପାଖି ଅଛନ୍ତି । ବହୁକାଳର ବ୍ରତ ମହୋତ୍ସବ ନିତ୍ୟ ନୂତନଭାବେ ଚାଲିଛି । କୁରୁକ୍ଷେତ୍ର ଓ କୁମ୍ଭମେଳା ପ୍ରଭୃତିର ଭିଡ଼ି ଏତେ ବଢ଼ୁଛି ଯେ ଲୋକେ ମାଡ଼ିଚକଟି ହୋଇ ମରୁଛନ୍ତି ।

ଯୌବନରେ ପାଶ୍ଚାତ୍ୟ ସଭ୍ୟତାର ଯେଉଁମାନେ ବଡ଼ାଇ କରୁଥିଲେ, ସେମାନେ ଉତ୍ତର ବୟସରେ ଏହି ଭଉଁରିରେ ପଡ଼ି ଛଟପଟ ହେଉଛନ୍ତି । ଅବସରପ୍ରାପ୍ତ ବଡ଼ ହାକିମମାନେ ଯେଉଁ ନିରର୍ଥକ କର୍ମକାଣ୍ଡରେ ମାତିଛନ୍ତି ତାହା ଦେଖି ପିଲାଙ୍କୁ ଯେତେ ହସ ମାଡ଼ୁଛି ନିଜ ବାପଙ୍କୁ ମଧ୍ୟ ସେତିକି ମାଡ଼ିଥାନ୍ତା । ରାଷ୍ଟ୍ରପତି 'ବ୍ରାହ୍ମଣ' ପଣ୍ଡିତଙ୍କର ଗୋଡ଼ ଧୋଉଛନ୍ତି, କୁମ୍ଭ ମେଳାରେ ବୁଡ଼ି ପକାଉଛନ୍ତି, ପ୍ରଧାନ ମନ୍ତ୍ରୀ ମଧ୍ୟ ବିଶ୍ୱାସ ନ ଥିଲେ ବି ପାଣି ମୁଣ୍ଡାଏ ଛୁଇଁ ହୋଇ ପଡ଼ୁଛନ୍ତି । ଶେଷରେ ଏ ଲେଖକ ବି ଜୀବନର ଗତି ବଦଳାଇ ସାରି ଦୋଦୋପାଞ୍ଚ ହେଉଛି । ଏ ସବୁ କ'ଣ ବାର୍ଦ୍ଧକ୍ୟର ଅସହାୟତାର ପ୍ରକାଶ ? ଦିଅଁ ପହଣ୍ଡି ବେଳେ, ରଥ ଟଣା ବେଳେ ପିଲାପିଲି, ବୁଢ଼ାବୁଢ଼ୀ ସମସ୍ତେ ଯେପରି ଖରାବର୍ଷା ଭୁଲି ଯାଉଛନ୍ତି, ତାହା ଦେଖିଲେ ଦର୍ଶୀର ବି ମୁଣ୍ଡ ନଇଁଯାଏ ; ସଂଶୟ ହୁଏ, ଏ ଆପାତ-ନିରର୍ଥକ କ୍ରିୟାକାଣ୍ଡ ମୂଳରେ କଣ ଗୋଟାଏ ଅଛି ପରା ! ତା ନ ହେଲେ ଏ ସବୁ, ଏ କାଳର ପ୍ରତିଲୋମରେ ଚାଲିଛି

କପରି ? ଏ ସଂଶୟ ଦୂର କରିବାକୁ ହେଲେ ଧୀର ସ୍ଥିର ଭାବରେ ଶାସ୍ତ୍ର ପୁରାଣର ଆଲୋଚନା କରି ଆମ ସଂସ୍କୃତିର ବଶିଷ୍ଟତା କେଉଁଠାରେ ଅଛି ତାହା ଅନୁଧ୍ୟାନ କରିବାକୁ ହେବ ଓ ସେପରି ଅନୁସନ୍ଧାନ କଲେ ଯାଇ ମୂଳ ଗଣ୍ଠିକୁ ରଖି କେଉଁଠି କପରି କାଟଛାଣ୍ଟ କଲେ ଚଳିବ, ତାହା ଜଣା ପଡ଼ିବ ।

## ହିନ୍ଦୁ ପରିବର୍ତ୍ତନକୁ ସ୍ୱାଗତ କରେ

ଏ ଦେଶର ସଂସ୍କୃତିରେ ଆଜି ଯାହା ଦୋଷ ଥାଉ ପଛେ ରକ୍ଷଣଶୀଳତା ନ ଥିଲା । ବର୍ତ୍ତମାନ ଯଦି ତାହା ରୋଗପରି ସମାଜକୁ ଗ୍ରାସ କରିଛି ତେବେ ରୋଗ ଭଲ କରିବାକୁ ଉଦ୍ୟମ କରାଯାଉ, ରୋଗୀକୁ ମାରିବାକୁ ଉଦ୍ୟମ ନ କରି । ଦେଶ କାଳ ପାତ୍ରକୁ ଚାହିଁ ଆଚାର ବିଚାରର ପରିବର୍ତ୍ତନ କରିବା ପଦ୍ଧତି ଏ ଦେଶରେ ବହୁ କାଳରୁ ପ୍ରଚଳିତ । କାଳର ପ୍ରୟୋଜନରେ ଅତି ତୀବ୍ର ସଂସ୍କାରମାନ ଅନୁମୋଦିତ ହୋଇଛି । ଏଠାରେ ଗୋଟିଏ ଉଦାହରଣ ଦେବି । ସିନ୍ଧୁ ପ୍ରାନ୍ତରେ ମ୍ଲେଚ୍ଛ ଓ ଯବନମାନେ ପଶି ନାରୀଧର୍ଷଣ କଲେ । ବହୁନାରୀ ସମାଜଭ୍ରଷ୍ଟ ହେଲେ । ଏଥିରେ ଚିନ୍ତିତ ହୋଇ ମୁନି ଋଷିମାନେ ସେତେବେଳର ମୁନିସତ୍ତମ ଦେବଳଙ୍କ ପାଖରେ ଯାଇ ବ୍ୟବସ୍ଥା ମାଗିଲେ । ଦେବଳ ବ୍ୟବସ୍ଥା ଦେଲେ—ଏଇ ନାରୀମାନଙ୍କୁ ପାରିଲେ ଘରକୁ ଫେରାଇ ଆଣ । ମାସିକିଆ ଲୁଗା ପିନ୍ଧିଲେ ନାରୀର ଶୁଦ୍ଧି ହୋଇଯିବ—'ରଜସା ଶୁଦ୍ଧ୍ୟତେ ନାରୀ'; ଯଦି କାହାର ପେଟରେ ପିଲା ଅଛି, ତେବେ ପିଲା ଜନ୍ମ ହେଲା ଯାଏଁ ଗର୍ଭିଣୀକୁ ଅଲଗା କରି ରଖ । ପିଲା ଜନ୍ମ ହେଲା ପରେ ତାକୁ ମ୍ଲେଚ୍ଛ ଘରେ ଦେଇ ନାରୀକୁ ଗ୍ରହଣ କରିବ । ଏପରି ଉଦାରତା ସ୍ମୃତିମାନଙ୍କରେ ଥିବାଠାରେ ଭାରତୀୟ

ସଂସ୍କୃତି ଆଉ କି ଉଗ୍ର ପରିବର୍ତ୍ତନ ସମ୍ଭାଳି ନ ପାରିବ ? କିନ୍ତୁ ଏ ପରିବର୍ତ୍ତନର ସୂଚନା ଶାସ୍ତ୍ରୀୟ ଭିତ୍ତିରେ ହେବା ଉଚିତ ।

## ଧାର୍ମିକ ଜନସାଧାରଣ ଆଶୀର୍ବାଦ କରନ୍ତୁ

ସେହି ଦୃଷ୍ଟିରେ ଜାତିଭେଦ ଓ ଅସ୍ପୃଶ୍ୟତାର ବିଚାର ଏ ପୁସ୍ତକରେ କରିବାର ପ୍ରୟାସ କରିଛି । ଆଜି ସାମାଜିକ ପରିସ୍ଥିତିରେ ଯେଉଁ ପରିବର୍ତ୍ତନ ଦରକାର ପଡ଼ୁଛି ସେପରି ପରିବର୍ତ୍ତନ ପୂର୍ବେ ଆବଶ୍ୟକ ହୋଇଥିଲା କି ନାହିଁ ଓ ଯଦି ହୋଇଥିଲା ତାହା କି ଭିତ୍ତିରେ ହୋଇଥିଲା, ଦେଖି ବୁଝି, ବର୍ତ୍ତମାନର କାଳ ଓ ପାତ୍ରରେ କ'ଣ କରିବା ଉଚିତ ଓ କିପରି କରିବାକୁ ହେବ ତାହାର ସମ୍ୟକ୍ ଆଲୋଚନା ହେଲେ ଯାଇ ଜାତ୍ୟଭିମାନୀ ଓ ସଂସ୍କାରକ ଉଭୟଙ୍କର ଦିଗ୍‌ଦର୍ଶନରେ ସୁବିଧା ହେବ । ଏହି ବିଷୟ ଯଥାଯଥ ଭାବେ ଚର୍ଚ୍ଚା କରିବାର ପାତ୍ର ମୁଁ ନୁହେଁ । ଶାସ୍ତ୍ରରେ ମୁଁ ଏ ପର୍ଯ୍ୟନ୍ତ ପ୍ରବେଶିକା ପାସ୍ କରିନାହିଁ ବୋଲି ନିଜେ ଭଲକରି ବୁଝୁଛି । ଉଡ଼ୁପରେ ସାଗର ତରିବାକୁ ପ୍ରୟାସ କରିବା ବେଳେ ଏତିକିମାତ୍ର ଭରସା ଯେ କୂଳରେ ଠିଆହୋଇଥିବା ସମର୍ଥ ନାବିକମାନେ ଉଦ୍‌ଭ୍ରାନ୍ତ ବେଳେ ନିଶ୍ଚୟ ରକ୍ଷା କରିବାକୁ ଧପେଇ ପଶିବେ—ଅବଶ୍ୟ ଯଦି ଏ ଉଦ୍ୟମରେ ସେମାନଙ୍କର ଶ୍ରଦ୍ଧା ଓ ଆଶୀର୍ବାଦ ଥାଏ । ମୋର ବିଶ୍ୱାସ, ଏ ଯେଉଁ ଉଦ୍ୟମ କରୁଛି, ତାହା ଯଦି ସତ୍ ହୋଇଥିବ, ତେବେ ଧାର୍ମିକ ଜନସାଧାରଣଙ୍କର ଆଶୀର୍ବାଦ ନିଶ୍ଚୟ ମିଳିବ ।

ଏ ପୁସ୍ତକରେ ତଥ୍ୟ ବୋଲି ଯାହା ଦିଆଯାଇଛି, ତାହା ମୋ ଦୃଷ୍ଟିରେ ତଥ୍ୟ ପରି ଦିଶିଛି । ଏହା ଅନ୍ୟ ଦୃଷ୍ଟିରେ ଅନ୍ୟ ରୂପରେ ପ୍ରତିଭାତ ହୋଇପାରେ । ଧର୍ମର ତତ୍ତ୍ୱ ଗୁହାରେ ନିହିତ ଓ ଏକ ବିଷୟ, ସବୁ ଶାସ୍ତ୍ରରେ ଏକ ରୂପେ ପ୍ରତିପାଦିତ ହୋଇନାହିଁ । ଯୁଗ ଦୃଷ୍ଟିରେ ମୁଁ ଶାସ୍ତ୍ରକୁ ଦେଖିବାକୁ ଚେଷ୍ଟା କରିଛି ।

ଏଠାରେ କେତୋଟି ଉଦାହରଣ ଦେବି । ଉତ୍ତରକାଣ୍ଡରେ ଅଛି, ରାମଚନ୍ଦ୍ର ଶୂଦ୍ରମୁନିଙ୍କୁ ମାରିଥିଲେ । ବହୁ ପଣ୍ଡିତ ଏଥିରୁ ବାହାର କରିଛନ୍ତି ଯେ ତ୍ରେତାଯୁଗରେ ଶୂଦ୍ରମାନଙ୍କର ତପସ୍ୟା କରିବାର ଅଧିକାର ନ ଥିଲା ; ଥିଲେ, ସ୍ୱୟଂ ଭଗବାନ ଶୂଦ୍ର ମୁନିଙ୍କୁ ମାରିଥାନ୍ତେ କାହିଁକି ? ଶମ୍ବୂକ ଋଷିଙ୍କର ଓ ତାଙ୍କ ତପସ୍ୟାର ପ୍ରକାର ଓ ଉଦ୍ଦେଶ୍ୟ ବିଷୟରେ ରାମାୟଣରେ ଯାହା ଲେଖାଅଛି, ସେଥିରୁ ପରିଷ୍କାର ଜଣାପଡୁଛି, ତାଙ୍କଠାରେ ବ୍ରାହ୍ମଣର ସ୍ୱଭାବ ନଥିଲା; ସେ ମୁଣ୍ଡକୁ ତଳକରି ଗୋଡ଼ ଉପରକୁ ଟେକି, ଦେବତା ହୋଇଯିବା ଉଦ୍ଦେଶ୍ୟରେ ତପସ୍ୟା କରୁଥିଲେ । ଏହା ଘୋର ତାମସିକ ବୃତ୍ତି—ଶୂଦ୍ରବୃତ୍ତି । ତେଣୁ ଶୂଦ୍ର ମୁନିତ୍ୱ ପାଇବାର ଉଦ୍ୟମ କରୁଥିବା ଦେଖି ନୁହେଁ, ମୁନିଠାରେ ଶୂଦ୍ରତ୍ୱ ଦେଖି ଶ୍ରୀରାମ ଶମ୍ବୂକଙ୍କୁ ମାରିଲେ ବୋଲି ଧରିବା ସଙ୍ଗତ ହେବ ବୋଲି ମୁଁ ବିଚାରୁଛି ।

ମନୁସଂହିତାର "ଶୂଦ୍ରାଶ୍ଚ ବ୍ରହ୍ମଲିଙ୍ଗିନଃ"କୁ ଅର୍ଥ କରି ଶ୍ରୀଯୁକ୍ତ ରାଧାକୃଷ୍ଣନ୍ ଦୁଃଖ ପ୍ରକାଶ କରିଛନ୍ତି ଯେ, ଶୂଦ୍ରମାନେ ବ୍ରାହ୍ମଣ କାମ କରିବା ମନୁ ପସନ୍ଦ କରି ନାହାନ୍ତି । ମନୁସ୍ମୃତି, ଅନ୍ୟ ସ୍ମୃତି ଓ ପୁରାଣମାନଙ୍କରେ ଏ ବିଷୟରେ ଯାହା ଲେଖା ଅଛି ତାହାର ସାମଞ୍ଜସ୍ୟରେ ଅର୍ଥ କଲେ, ଉପରୋକ୍ତ ବାକ୍ୟର ଅର୍ଥ ହେବ, ବ୍ରାହ୍ମଣର ଭାବ ନ ଥାଇ ଖାଲି ଚିତା ପଇତା କରିଥିବା ବ୍ରାହ୍ମଣମାନେ ଶୂଦ୍ରସଙ୍ଗେ ସମାନ । ସେହିପରି ପରାଶରରେ ଅଛି, ଜଣେ ବ୍ରାହ୍ମଣର ଅନେକ ଦୋଷ ଥିଲେ ବି ସେ ବ୍ରାହ୍ମଣ, ଶୂଦ୍ରର ଅନେକ ଗୁଣ ଥିଲେ ବି ସେ ଶୂଦ୍ର । ପଢ଼ି ଦେଲା ମାତ୍ରେ ଏ କଥାର ଯେଉଁ ଅର୍ଥ ବାହାରୁଛି, ତାହାର ପୂର୍ଣ୍ଣ ବିରୋଧ କରୁଥିବା ଅନେକ ବାକ୍ୟ ପରାଶର ସଂହିତାରେ ମିଳିବ । ପରେ ଏହିପରି କେତେ କଥା ପରାଶର ସଂହିତାରୁ ଉଦ୍ଧାର କରିଛି । ସେ ସବୁ ଦୃଷ୍ଟିରେ

ମନେ ହେଉଛି, ଉପରୋକ୍ତ କଥାର ମର୍ମ—ବ୍ରାହ୍ମଣର ବହୁତ ଗୁଣ, କେତେକ ଦୋଷ ଅଛି ବୋଲି ତାକୁ ଅବଜ୍ଞା କରିବ ନାହିଁ, କାରଣ ଏ ଦୋଷ ସବୁ ଛାଡ଼ି ଆଉ ଅନେକ ଗୁଣ ଯେ ଅଛି । ସେହିପରି ଶୂଦ୍ରର ଅନେକ ଗୁଣ ଥାଇପାରେ, କିନ୍ତୁ ବ୍ରହ୍ମତ୍ୱ ପାଇବାକୁ ହେଲେ ଆହୁରି ଗୁଣ ଅର୍ଜନ କରିବାକୁ ହେବ । ଆଜି ସାଧାରଣତଃ ବ୍ରାହ୍ମଣନାମଧାରୀ ଯେଉଁମାନଙ୍କୁ ଦେଖୁଥାଇଁ ସେମାନେ ସିନା ଶୂଦ୍ରଙ୍କଠାରୁ ବିଶେଷ ଫରକ ଜଣାପଡ଼ୁ ନାହାନ୍ତି, କିନ୍ତୁ ଅସଲ ବ୍ରାହ୍ମଣ ହେବା କି କଷ୍ଟ ତାହା ବଶିଷ୍ଠ ବିଶ୍ୱାମିତ୍ର ସମ୍ବାଦରେ ବର୍ଣ୍ଣିତ ହୋଇଛି । ପରେ ବ୍ରାହ୍ମଣଙ୍କର ଯେଉଁ ଲକ୍ଷଣ ଆଲୋଚିତ ହୋଇଛି ତାହା ଥିଲେ ଯାଇ ବ୍ରାହ୍ମଣ । ତାହା ନଥାଇ ଖାଲି ଟିକା ପଇତା ବାଲାଙ୍କୁ ଶାସ୍ତ୍ରରେ "ବ୍ରାହ୍ମଣବ୍ରୁବଃ" ଅର୍ଥାତ୍ ନାମମାତ୍ର ବ୍ରାହ୍ମଣ ବୋଲି କୁହାଯାଇଛି । ନୀଚ ବୃତ୍ତିରେ ଥିବା ବ୍ରାହ୍ମଣଙ୍କୁ ଚଣ୍ଡାଳଠାରୁ ଅଧମ ବୋଲି କୁହାଯାଇଛି ।

ଏହିପରି ଖାଲି ଯେ ଏକ ବିଷୟରେ ବିଭିନ୍ନ ମତ ଅଛି ତାହା ନୁହେ, ଏକ କଥାର ବିଭିନ୍ନ ଅର୍ଥ ବି ହୋଇପାରେ । ଏ ଯୁଗକୁ ଯାହା ଭଲ ବୋଲି ମୁଁ ମନେ କରୁଛି, ମୁଁ ସେହିପରି ନଜର ଦେଇଛି ଓ ଶାସ୍ତ୍ର-ବାକ୍ୟର ଯୁକ୍ତିଯୁକ୍ତ ଅର୍ଥ କରିଛି । ଏହା ଠିକ୍ ନୁହେ ବୋଲି ଯେଉଁମାନେ ମନେ କରିବେ ସେମାନଙ୍କୁ ମୋର ଅନୁରୋଧ, ସେମାନେ ନିଜ ମତ ପ୍ରଖ୍ୟାପନ କରନ୍ତୁ । ଏ ପୁସ୍ତକରେ ଯାହା ମୁଁ ପ୍ରତିପାଦିତ କରିବାକୁ ଚେଷ୍ଟା କରିଛି, ତାହା ଠିକ୍ ବୋଲି ଦାବୀ କରିବାର ଔଦ୍ଧତ୍ୟ ମୋର ନାହିଁ । ମୋର ଏତିକି ମାତ୍ର ଆଶା, ଏ ବିଷୟରେ ଅଧିକାରୀମାନେ ଚିନ୍ତା ଚଳାଇବେ ।

ଚିନ୍ତାମଣି ମିଶ୍ର ।

ତା ୧୫ । ୮ । ୫୫

# ଆମ ସଂସ୍କୃତି ଓ ଜାତିଭେଦ

## ଜାତିର ଉତ୍ପତ୍ତି ଓ ବର୍ତ୍ତମାନ ଅବସ୍ଥା

ଆମ ଶାସ୍ତ୍ର ପୁରାଣର ପ୍ରମାଣକୁ ଧରିଲେ ଭାରତର ହିନ୍ଦୁ ସଭ୍ୟତା ବହୁ ପୁରାତନ । ଐତିହାସିକ ପ୍ରମାଣରେ ଏହାର ବୟସ ପାଞ୍ଚ ହଜାର ବର୍ଷ ବୋଲି ଧରା ଯାଇଛି । ମିଶର ଓ ବେବିଲନ୍ ସଭ୍ୟତାର ଏହା ସମସାମୟିକ । ଏଇ ଦୁଇ ସଭ୍ୟତାର ଆଉ ଚିହ୍ନ ବର୍ତ୍ତି ନାହିଁ । କାଳର ଉତ୍ଥାନ ପତନରେ ଏ ଦୁଇଟି ଲୀନ ହୋଇ ଯାଇଛି । କିନ୍ତୁ ହିନ୍ଦୁ ସଭ୍ୟତା ଅଦ୍ୟାପି ବଞ୍ଚିଆ ଅଛି । ଯେଉଁମାନେ ପ୍ରଗତିବାଦୀ, ଅଶିତିର ମୁଣ୍ଡରେ ଗୋଡ଼ଦେଇ ପୃଥିବୀ ଉପରକୁ ଉଠୁଛି ବୋଲି ବିଶ୍ୱାସ କରନ୍ତି, ସେମାନେ ହିନ୍ଦୁ ସଭ୍ୟତାର ସନାତନତ୍ୱ ଦେଖି ତାଜୁବ୍ ହୁଅନ୍ତି ।

## ହିନ୍ଦୁ ସଂସ୍କୃତିର ଅକାଟ ଜୀବନ

ଅବଶ୍ୟ ବେଦ ସମୟରେ ଏ ସଭ୍ୟତାର ରୂପରେଖ ଯାହା ଥିଲା ତାହା ବର୍ତ୍ତମାନ ଅଛି ବୋଲି କୁହାଯାଇ ନ ପାରେ । କାଳ ଓ ପାତ୍ରକୁ ଚାହିଁ ସଭ୍ୟତାର ରୂପାନ୍ତର ହେଉଛି । କିନ୍ତୁ ଅସଲ ମର୍ମ ସେହିପରି ରହିଛି । ଧାରାବାହିକ ଭାବରେ ବିଦେଶୀ ଲୋକେ ଆସି ଭାରତକୁ ଲୁଟି ଓ ଦଖଲ କରିଛନ୍ତି; ନିଜର ସଂସ୍କୃତି ଏ ଦେଶରେ ଚାପି ଦେବାକୁ କମ୍ ଚେଷ୍ଟା କରି ନାହାନ୍ତି ; କିନ୍ତୁ ଦେଶକୁ ଦଖଲ କରି ମଧ୍ୟ ଲୋକଙ୍କୁ ପାରି ନାହାନ୍ତି ; ଏଠା ଲୋକଙ୍କ ସଂସ୍କୃତିକୁ ବଦଳାଇବା ପରିବର୍ତ୍ତେ ନିଜେ ବଦଳି ଯାଇଛନ୍ତି । ଅନେକେ ହିନ୍ଦୁ ସମାଜ ଭିତରେ ନିଜେ ସାମିଲ ହୋଇ ଯାଇଛନ୍ତି । ମୁସଲମାନଙ୍କ-ପରି ଯେଉଁମାନେ ନିଜର ଧର୍ମକୁ ଅକ୍ଷୁଣ୍ଣ ରଖିଛନ୍ତି, ସେମାନେ

ହିନ୍ଦୁର ରୀତିନୀତି ଓ ଆଚାରର ବ୍ୟବହାର ଗ୍ରହଣ କରି ଯାଇଛନ୍ତି । ଇଂରେଜ, ଧର୍ମ, ରୀତିନୀତି ଓ ଆଚାରର ବ୍ୟବହାର ସ୍ୱତନ୍ତ୍ର ରଖିବାକୁ ଯାଇ, ଶେଷରେ ବାଧ ହୋଇ ନିଜେ ଆଡ଼େଇ ହୋଇ ଯାଇଛନ୍ତି । ହିନ୍ଦୁ ସଂସ୍କୃତି ବା ଧର୍ମର ଏ ଅଦ୍ଭୁତଶକ୍ତି ବାହାରର ଲୋକେ ସହଜରେ ବୁଝି ପାରନ୍ତି ନାହିଁ ।

ବୁଦ୍ଧଦେବଙ୍କଠାରୁ ଆରମ୍ଭ କରି ଏ ଯୁଗର ରାମମୋହନ ରାୟଙ୍କ ପର୍ଯ୍ୟନ୍ତ ବହୁ ସଂସ୍କାରକ, ହିନ୍ଦୁ ଧର୍ମର ମୂଳୋତ୍ପାଟନ କରିବାକୁ ଯାଇ ନିଜେ ଉତ୍ପାଟିତ ହୋଇଛନ୍ତି ବା ଛିଟିକି କରି ଦୂରରେ ଫୋପାଡ଼ି ହୋଇ ପଡ଼ିଛନ୍ତି । ହିନ୍ଦୁ ଧର୍ମ ସେମାନଙ୍କୁ ଆଡ଼େଇ ଦେଇଛି, କିନ୍ତୁ ତାଙ୍କ ସଂସ୍କାରକୁ ସ୍ୱାଗତ କରି ନେଇଛି । ବୁଦ୍ଧଦେବ ଜୀବହିଂସା ଓ ଜାତିଭେଦ ବିରୁଦ୍ଧରେ ଲୋକମତକୁ ଜାଗ୍ରତ କରିଥିଲେ । ବୁଦ୍ଧଦେବଙ୍କୁ ହିନ୍ଦୁ ଦଶ ଅବତାର ଭିତରେ ପୂରାଇ ପୂଜା କରୁଛି, କିନ୍ତୁ ବୌଦ୍ଧଧର୍ମ ଭାରତରେ ନାହିଁ ବୋଲି କହିଲେ ଚଳେ । ରାମମୋହନଙ୍କ ବ୍ରାହ୍ମଧର୍ମ ନାମରେ ସିନା ନାହିଁ, ଆଉ ପୂରୁଷର ବ୍ରାହ୍ମଙ୍କଠାରୁ ଏ ପୁରୁଷର ଶିକ୍ଷିତ ହିନ୍ଦୁଙ୍କର ଚାଲିଚଳନରେ ବିଶେଷ କଣ ପାର୍ଥକ୍ୟ ଅଛି ? ଆଜି ସହରରେ ରହୁଥିବା ସବୁ ହିନ୍ଦୁ ରୀତିନୀତିରେ ବ୍ରାହ୍ମବୋଲି କହିଲେ ହିନ୍ଦୁଙ୍କ ଆଡୁ ଆପତ୍ତି ହେବ ନାହିଁ ।

ଅପରପକ୍ଷେ ଚୀନ ଓ ଜାପାନର ଲୋକେ ନାମକୁ ମାତ୍ର ବୌଦ୍ଧ, କିନ୍ତୁ ବୁଦ୍ଧଙ୍କର ମୂଳମନ୍ତ୍ର ଅହିଂସା ସେ ଦେଶରେ ପ୍ରଚଳିତ ବୌଦ୍ଧଧର୍ମରେ ଥାନ ପାଉନାହିଁ । ସେଠାରେ ସମସ୍ତେ ମାଂସାଶୀ, ଏଣ୍ଡୁଅ, ଝିଟିପିଟି ମଧ୍ୟ ଖାଦ୍ୟମାଂସର ତାଲିକାଭୁକ୍ତ । ଆମ ଦେଶରେ ବୌଦ୍ଧଧର୍ମର ଲୋପ ହୋଇଛି, 'କିନ୍ତୁ ଜୀବେ ଦୟା' ଏଡ଼େ ପ୍ରବଳ ଯେ ଭାରତର ଅଧିକାଂଶ ହିନ୍ଦୁଙ୍କ ଦୃଷ୍ଟିରେ ମୃଗମାଂସ ମଧ୍ୟ

ଅମେଧ । ଆମପରି ଯେଉଁମାନେ ମାଛମାଂସ ଖାନ୍ତି ସେମାନେ ବି ମାନନ୍ତି ନ ଖାଇଲେ ଭଲ * । ହିନ୍ଦୁ ଯୁଦ୍ଧରେ ପାରିନାହିଁ, ବିଜେତାର ଦର୍ପ ଓ ଦୁରାଗ୍ରହ ଆଗରେ ମୁଣ୍ଡ ନୁଆଁଇ ଦେଇଛି, ତଥାପି ଯୁଦ୍ଧରେ ବିଜେତା, ନିଜର ଭାଷା, ରୀତି ନୀତି ଓ ଧର୍ମ, ଏ ଦେଶରେ ଲଦିବା ପରିବର୍ତ୍ତେ ନିଜେ ପରାଭୂତ ହୋଇଛି ।

## ଆମ ଧର୍ମର ମୂଳତତ୍ତ୍ୱ

ଏହାର କାରଣ ବିଶେଷ ଭାବେ ଆଲୋଚନା କରିବାର ସ୍ଥାନ ଏ ନୁହେଁ । କେବଳ ଏତିକି କହିଲେ ହେବ ଯେ, ହିନ୍ଦୁ ଧର୍ମର ସନାତନ ମୂଳତତ୍ତ୍ୱ ଯୋଗୁଁ ଏହା ସମ୍ଭବ ହୋଇଛି । ସେ ତତ୍ତ୍ୱ କଣ, ତାହା ଅତି ସଂକ୍ଷେପରେ ଏଠାରେ ଖାଲି ସୂଚାଇ ଦିଆଯାଇ ପାରେ ।

ଇଂରେଜରେ ଧର୍ମ (Religion) ବୋଲି ଯାହା ବୁଝାଯାଏ, ଆମ ଧର୍ମ ଅନ୍ତତଃ ଗୋଟିଏ ବିଷୟରେ ତହିଁରୁ ସମ୍ପୂର୍ଣ୍ଣ ଭିନ୍ନ । ଖ୍ରୀଷ୍ଟିଆନ୍ ଓ ଇସ୍ଲାମ୍ ଉଭୟ ଧର୍ମରେ ପରମେଶ୍ୱର, ଉପରେ କେଉଁଠି ଅଛନ୍ତି । ଲୋକଙ୍କୁ ଠିକ୍ ବାଟରେ ଚଳାଇବାକୁ ସେ ପୁତ୍ର ବା ପ୍ରତିନିଧି ପଠାଇଛନ୍ତି । ସେଇମାନଙ୍କ ଶାସନରେ ରହି ଖ୍ରୀଷ୍ଟିଆନ ଓ ମୁସଲମାନ୍ ଭଗବାନଙ୍କ ଅନୁଗ୍ରହ ବା ନିଗ୍ରହ ପାଇବ । ସେଇ ଆଶାରେ ତାଙ୍କର ନିର୍ଦ୍ଦେଶରେ ଚଳିବାକୁ ହେବ । ଆମ ଧର୍ମରେ ମଧ୍ୟ ଏପରି ବିଶ୍ୱାସ କାହାର କାହାର ଅଛି, ନାରାୟଣ କ୍ଷୀର ସମୁଦ୍ରରେ ଅନନ୍ତ ଉପରେ ଶୟନ କରି ଅଛନ୍ତି, ଓ ତାଙ୍କର ଇଚ୍ଛାରେ ବା ଇଙ୍ଗିତରେ ସଂସାର ଚଳୁଛି । କିନ୍ତୁ ଖ୍ରୀଷ୍ଟିଆନ୍ ଓ ଇସ୍ଲାମ ଧର୍ମରେ ଈଶ୍ୱରଙ୍କୁ

---

* ନ ମାଂସଭକ୍ଷଣେ ଦୋଷୋ ନ ମଦ୍ୟେ ନ ଚ ମୈଥୁନେ
ପ୍ରବୃତ୍ତିରେଷା ଭୂତାନାଂ ନିବୃତ୍ତିସ୍ତୁ ମହାଫଳା ॥

ଯାହା ବୋଲି କଳ୍ପନା କରାଯାଇଛି, ତାହା ଯେ ଅସ୍ୱୀକାର କରିବ ସେ ଆଉ ଖ୍ରୀଷ୍ଟିଆନ୍ ବା ମୁସଲମାନ ବୋଲାଇ ପାରିବ ନାହିଁ । ଈଶ୍ୱରଙ୍କ ସାଙ୍ଗକୁ ଯିଶୁ ଖ୍ରୀଷ୍ଟ ଓ ମହମ୍ମଦଙ୍କୁ ଯେ ଖାଲି ସ୍ୱୀକାର କରିବାକୁ ହେବ ତାହା ନୁହେଁ, ରୋମାନ୍ କ୍ୟାଥୋଲିକ୍‌ମାନଙ୍କର ଏବେ ଗୋଟିଏ ଫତୁଆ ବାହାରିଛି, ଯିଶୁ ଖ୍ରୀଷ୍ଟଙ୍କ ଜନ୍ମଦାତ୍ରୀ ଶ୍ରୀମତୀ ମେରୀ ସ୍ୱଦେହରେ ସ୍ୱର୍ଗକୁ ଗଲେ ବୋଲି ଯେ ନ ମାନିବ ସେ ରୋମାନ୍ କ୍ୟାଥୋଲିକ୍ ବୋଲି ସ୍ୱୀକୃତ ହେବ ନାହିଁ । ଏପରି ବିଶ୍ୱାସରେ ହିନ୍ଦୁ ବନ୍ଧା ନୁହେ । ଈଶ୍ୱର କ୍ଷୀର ସମୁଦ୍ରରେ ଶୋଇ ରହିଥିବା ସ୍ୱୀକାର କରିବା ତ ଦୂରର କଥା, ଈଶ୍ୱର ରୂପରେ ଅଛନ୍ତି ବୋଲି ସ୍ୱୀକାର କରିବାକୁ ହିନ୍ଦୁ ବାଧ୍ୟ ନୁହେ । ଈଶ୍ୱରଙ୍କ ବିଷୟରେ ନାନା ମତବାଦ ଚଳୁଛି ; ସେଥିରୁ କୌଣସିଟା ମାନିବା ନ ମାନିବା ଲୋକର ରୁଚି ଉପରର କଥା । ହିନ୍ଦୁ ଧର୍ମ ଏଥିରେ ନାହିଁ । ଆମେ ଯେଉଁମାନେ ହିନ୍ଦୁ ବୋଲାଉଥାଇଁ, ସେମାନଙ୍କର କେଉଁ ନିର୍ଦ୍ଦିଷ୍ଟ ବିଷୟରେ ବିଶ୍ୱାସ ବା କାହାରଠାରେ ବିଶ୍ୱାସ ନାହିଁ, ସେ କଥାରେ ବିଶେଷ ଯାଏ ଆସେ ନାହିଁ । ଯିଶୁ ଓ ମହମ୍ମଦଙ୍କୁ ଭଗବାନଙ୍କ ଅବତାର ବା ପ୍ରତୀକ ବୋଲି ମାନିଲେ ମଧ୍ୟ କିଛି ଦୋଷ ନାହିଁ । ଆମ ଦେଶରେ ଯେଉଁ ସତ୍ୟନାରାୟଣ ବା ସତ୍ୟପୀର ପାଲା ହୁଏ, ସେ ସତ୍ୟନାରାୟଣ ସ୍ୱୟଂ ମହମ୍ମଦ । ପାଲାରେ ଅଛି, " ମକ୍କା ସହରରେ ଥିଲି ସତ୍ୟନାରାୟଣ " । ତାଙ୍କୁ ମକ୍‌କେଶ୍ୱର ମହାଦେବ ବୋଲି କେହି କେହି ହିନ୍ଦୁ ମାନନ୍ତି । ଆଲ୍ଲୋପନିଷଦ୍ (ଆଲ୍ଲା+ ଉପନିଷଦ୍) ବୋଲି ଗୋଟିଏ ଉପନିଷଦ୍ ବି ଲେଖା ହୋଇଛି । କଟକର କଦମ ରସୁଲ ଓ ଜାଇପଦରର ବୋଖାରି ସାହେବଙ୍କ ଦର୍ଗାରେ ନୈଷ୍ଠିକ ହିନ୍ଦୁ, ମୁସଲମାନଙ୍କ ହାତରୁ ପ୍ରସାଦ ଖାଉଛନ୍ତି । କୃଷ୍ଣ ଓ ଗାନ୍ଧୀଙ୍କର ପ୍ରତିମୂର୍ତ୍ତି ଯେପରି ପୂଜା ହେଉଛି,

ସେପରି ଯଦି କୌଣସି ହିନ୍ଦୁ, ମହମ୍ମଦଙ୍କ ପ୍ରତୀକ ବା କ୍ରୁସ୍‌ର ପୂଜା କରେ ତେବେ ସେ ଜାତିଭ୍ରଷ୍ଟ ହେବାର କୌଣସି କାରଣ ନାହିଁ । ନିର୍ଦ୍ଦିଷ୍ଟ ରୂପବାନ୍ ଈଶ୍ୱରରେ ବିଶ୍ୱାସ ବା ନିର୍ଦ୍ଦିଷ୍ଟ ପ୍ରତିମାପୂଜା ଆମ ଧର୍ମର ପ୍ରଧାନ ଅଙ୍ଗ ନୁହେ । କାଷ୍ଠ, ପାଷାଣର ମୂର୍ତ୍ତିରେ ଯେଉଁ ଦିଅଁ କଳ୍ପିତ ହୋଇଛନ୍ତି, ତାଙ୍କୁ ଭାବିଲେ ଦିଅଁ, ନ ଭାବିଲେ କାଠ ପଥର । ଅସଲ ହେଉଛି ମନର ଭାବ । ଶୁଦ୍ଧ ହୃଦୟରେ ଭଗବାନଙ୍କର ଚିନ୍ତା କଲେ ସେ କାଠ, ପଥର, ତରୁ, ତୃଣ, କୁକୁର, ଗାଈ, ବ୍ରାହ୍ମଣ, ଚଣ୍ଡାଳ ସମସ୍ତଙ୍କଠାରେ ଅଛନ୍ତି * ।

## ଆମ ଭଗବାନଙ୍କର ପାଏ ଅନ୍ତର ନାହିଁ

ଖାଲି ଭଲ ମଣିଷଙ୍କଠାରେ ଯେ ଭଗବାନ ଅଛନ୍ତି, ବା ତାଙ୍କୁ ସୁଖ ପା'ନ୍ତି, ତାହା ନୁହେଁ । ଚଣ୍ଡୀ ପୁରାଣ ଯେଉଁଥିରେ କି ଚଣ୍ଡୀଙ୍କୁ ସୃଷ୍ଟିର କାରଣ ବୋଲି କଳ୍ପନା କରାଯାଇଛି, ସେଥିରେ ଅଛି, "ମା ! ତୁ ସୁକୃତିବନ୍ତ ଲୋକଙ୍କଘରେ ଲକ୍ଷ୍ମୀ, ପାପାତ୍ମାଘରେ ଅଲକ୍ଷ୍ମୀ, ଉଚ୍ଚମନା ଲୋକଙ୍କ ହୃଦୟରେ ବୁଦ୍ଧି, ସତ୍ ଲୋକଙ୍କ ମନରେ ଶ୍ରଦ୍ଧା, ଘରର ପିଲାଙ୍କ ହୃଦୟରେ ଲଜ୍ଜାଭୟ ରୂପେ ପ୍ରକାଶିତ ହେଉ । ତୋଠାରେ ଆମେ ପ୍ରଣତ ହେଉଛୁ । ତୁ ଲୋକଙ୍କୁ ପାଳନ କର † । ଭଲମନ୍ଦ କାହାକୁ ସୃଷ୍ଟିର କର୍ତ୍ତା ଛାଡ଼ି ନାହାନ୍ତି

---

* ନ କାଷ୍ଠେ ବିଦ୍ୟତେ ଦେବୋ ନ ପାଷାଣେ ନ ମୃଣ୍ମୟେ
ଭାବେ ହି ବିଦ୍ୟତେ ଦେବ ସ୍ତସ୍ମାଦ୍ ଭାବୋହି କାରଣମ୍ ।

† ଯା ଶ୍ରୀଃ ସ୍ୱୟଂ ସୁକୃତିନାଂ ଭବନେଷ୍ୱଲକ୍ଷ୍ମୀଃ
ପାପାତ୍ମନାଂ, କୃତଧିୟାଂ ହୃଦୟେଷୁ ବୁଦ୍ଧିଃ
ଶ୍ରଦ୍ଧା ସତାଂ କୁଳଜନପ୍ରଭବସ୍ୟ ଲଜ୍ଜା,
ତାଂ ତ୍ୱାଂ ନତାସ୍ମ, ପରିପାଳୟ ଦେବି ବିଶ୍ୱମ୍ ।

ବୋଲି ହିନ୍ଦୁ ବିଶ୍ୱାସ କରେ । ସମସ୍ତଙ୍କଠାରେ ଭଗବାନ୍ ଅବସ୍ଥାନ କରୁଛନ୍ତି—ଏହି ଜ୍ଞାନ ଯାହାର ମନରେ ପ୍ରତିଷ୍ଠିତ, ସେ ହିଁ ସନାତନ ଧର୍ମର ମୂଳ ବୁଝିଛି ବୋଲି ହିନ୍ଦୁ ବୁଝେ * । ସ୍ମୃତିକାର ବ୍ୟବସ୍ଥା ଦେଇଛନ୍ତି, "ଧର୍ମର ସାରକଥା କହୁଛି ଶୁଣ, ଓ ଶୁଣି କରି ମନରେ ଘେନ । ନିଜ ପ୍ରତି ଯାହା ଖରାପ ବୋଲି ବିଚାରୁଛ, ତାହା ନିଜଶତ୍ରୁ ପ୍ରତି ମଧ୍ୟ ଆଚରଣ କରନାହିଁ † । କାୟମନବାକ୍ୟରେ ସମସ୍ତଙ୍କ ପ୍ରତି ମିତ୍ରଭାବ ରଖିବା, ଅପରକୁ ଅନୁଗ୍ରହ କରିବା ଓ (ଯଥାସାଧ୍ୟ) ଦାନ କରିବା ହିନ୍ଦୁର ସନାତନ ଧର୍ମ ‡ ।

## ସୃଷ୍ଟିରେ ସ୍ରଷ୍ଟା କର୍ତ୍ତା—

ଏହି ମୂଳଦୁଆ ଉପରେ ହିନ୍ଦୁ ଈଶ୍ୱରଙ୍କର କଳ୍ପନା କରିଛି । ହିନ୍ଦୁ ଯୁଗଯୁଗ ଧରି ଯାହାକୁ ସଦାଚାର ବୋଲି ସ୍ଥିର କରିଛି ତାହାର ସମଷ୍ଟି ଭଗବାନ । ସେହି ଭଗବାନଙ୍କ ସଙ୍ଗେ ସମାନ ହେବାକୁ, ନିଜର ଅନ୍ତରକୁ ପବିତ୍ର କରି ସେହି ଭଗବାନଙ୍କୁ ଅର୍ଥାତ୍ ଗୁଣ ସମଷ୍ଟିକୁ ନିଜ ଭିତରେ ଅନୁଭବ କରିବାକୁ ହିନ୍ଦୁର ଅଧ୍ୟବସାୟ, ପୂଜା, ସ୍ତୁତି, ତପସ୍ୟା ଓ ଧ୍ୟାନରେ । ଏହି ସାଧନରେ ସେ ନିଜର ମନ, ବୃତ୍ତି ଓ ଆଚରଣକୁ ମାର୍ଜିତ କରେ ଓ ଏହିପରି କରୁ କରୁ ମନରୁ ସମସ୍ତ କ୍ଷୁଦ୍ରତା ଦୂର କରି, ଭଗବାନ୍‌ଙ୍କୁ ନିଜ

---

* ଭଗବାନ୍ ବାସୁଦେବୋହି ସର୍ବଭୂତେଷ୍ୱବସ୍ଥିତଃ
ଏତଜ୍ଜ୍ଞାନଂ ହି ସର୍ବସ୍ୟ ମୂଳଂ ଧର୍ମସ୍ୟ ଶାଶ୍ୱତମ୍ ।

† ଶ୍ରୂୟତାଂ ଧର୍ମସର୍ବସ୍ୱଂ ଶ୍ରୁତ୍ୱା ଚୈବାବଧାର୍ଯ୍ୟତାମ୍
ଆତ୍ମନଃ ପ୍ରତିକୂଲାନି ପରେଷାଂ ନ ସମାଚରେତ୍ ।
—ଦେବଲସ୍ମୃତି

‡ ଅଦ୍ରୋହଃ ସର୍ବଭୂତେଷୁ କର୍ମଣା ମନସାଗିରା
ଅନୁଗ୍ରହଶ୍ଚ ଦାନଞ୍ଚ ସତାଂ ଧର୍ମଃ ସନାତନଃ ।

ଭିତରେ ବା ନିଜଠାରେ ଦେଖେ । ମନ ନିର୍ମଳ ହୋଇଗଲେ, କୁକୁର, ଚଣ୍ଡାଳ ଓ ବ୍ରାହ୍ମଣ ସମସ୍ତଙ୍କଠାରେ ଭଗବାନ ଦିଶନ୍ତି ; ନିଜଠାରୁ ସେମାନେ ଯେ ଫରକ ଏ ବୁଦ୍ଧି ମନରୁ ଅପସାରିତ ହୁଏ । ସମାଜରେ ଶାନ୍ତି ଆସେ ।

## ପ୍ରତିମା ଆମ ନିଜ କଳ୍ପନାସାମଗ୍ରୀ

ଏ ସହଜ କଥା ନୁହେ । ସଦାଚରଣ କରିବାକୁ, ଅପରକୁ ଆପଣାର ବୋଲି ମନେ କରିବାକୁ ବେଳେ ବେଳେ ମନରେ ସଦିଚ୍ଛା ଜାତ ହୁଏ, କିନ୍ତୁ ପର ମୁହୂର୍ତ୍ତରେ ନାନାପ୍ରକାର ଅଭାବ ତାଡ଼ନାରେ ମଣିଷ ମନରେ ଆତ୍ମପରଭାବ ପୁଣି ମୁଣ୍ଡ ଟେକି ଉଠେ । ଲୋକେ ନିଜର ସ୍ୱାର୍ଥପାଇଁ ଅନ୍ୟର ସର୍ବନାଶ କରିବାକୁ ପଶ୍ଚାତ୍‌ପଦ ହୁଅନ୍ତି ନାହିଁ । ସ୍ୱାର୍ଥପର ହେବା ମନୁଷ୍ୟର ସତେ ଯେପରି ସ୍ୱାଭାବିକ ବୃତ୍ତି ବୋଲି ମନେହୁଏ । ଏହି ବୃତ୍ତିକୁ ଦମନ କରିବା ପାଇଁ ହିନ୍ଦୁର ବେଦ, ଉପନିଷଦ୍, ପୁରାଣ ଓ ସ୍ମୃତିର ଶିକ୍ଷା । ଏହି ଶିକ୍ଷା ଅଭ୍ୟାସରେ ପଡ଼ିଯିବା ସକାଶେ ପୂଜା, ସ୍ତୁତି ଓ ତୀର୍ଥ ଯାତ୍ରାଦିର ବ୍ୟବସ୍ଥା । ଏହା ଅଭ୍ୟାସରେ ପଡ଼ି ଯିବାପରେ ସେ ପୁଣି ଭଗବାନଙ୍କଠାରୁ ଦୋଷ ମାଗିନିଏ, "ଭଗବନ୍ ! ଆପଙ୍କର ରୂପ ନାହିଁ, କିନ୍ତୁ ମୁଁ ଧ୍ୟାନରେ ଆପଣଙ୍କର ରୂପ କଳ୍ପନା କରିଛି । ଆପଣଙ୍କର ମହିମା ଅନିର୍ବଚନୀୟ, ମୁଁ ସ୍ତୁତିରେ ତାହା କହିବାକୁ ଯାଇ ଆପଣଙ୍କ ଅନିର୍ବଚନୀୟତା ଅସ୍ୱୀକାର କରିଛି । ପୁଣି ଆପଣ ସର୍ବବ୍ୟାପୀ ହେଲେହେଁ ମୁଁ ତୀର୍ଥଯାତ୍ରାକରି ଅର୍ଥାତ୍ ତୀର୍ଥରେ କେବଳ ଆପଣ ଥାଆନ୍ତି ବୋଲି ଧରି ନେଇ, ଆପଣଙ୍କ ବ୍ୟାପିତ୍ୱକୁ ଅସ୍ୱୀକାର କରିଛି । ଏହି ତିନୋଟି ଦୋଷ କରି ମୁଁ ଆପଣଙ୍କ ମହିମାକୁ ଯାହା କ୍ଷୁଣ୍ଣ କରିଛି, ସେଥିପାଇଁ, ଜଗଦୀଶ !

ମୋତେ କ୍ଷମା କରନ୍ତୁ ।" * ଜଗଦୀଶଙ୍କ ପାଖକୁ ଯିବାପାଇଁ ସ୍ତୁତି ଓ ତୀର୍ଥଯାତ୍ରା ନିଶ୍ଚିତ ପଥ ବ୍ୟବହାର କରାଯାଇଥିବା ହେତୁ, ଏ ଦୋଷ ଦୋଷରୂପେ ଧରା ନ ଯିବ ବୋଲି ଆମର ବିଶ୍ୱାସ । ଯେଉଁଦିନ ଯାଏ ମନ ବାଟରେ ନ ପଡ଼ିଛି ସେଦିନ ଯାଏ ଏସବୁ ପ୍ରୟୋଜନ ; ମନ ବାଟରେ ପଡ଼ିଗଲେ ଏସବୁ ହିନ୍ଦୁ ଛାଡ଼ିଦିଏ । ତାହାର ମୋକ୍ଷ ହୋଇଗଲା । ଏହି ମୋକ୍ଷ ଏହି ସଂସାରରେ ଅନ୍ୟମାନଙ୍କ ସହି ଆଚରଣରେ ସଂସାର ଧର୍ମ ଭିତରେ ମିଳିପାରେ । ମୋକ୍ଷ ପାଇବା ପାଇଁ, ସଂସାର ଛାଡ଼ିଯିବା ପ୍ରୟୋଜନ ନାହିଁ ; ଅନ୍ୟମାନଙ୍କ ସଙ୍ଗେ ଆଚରଣରେ ଶୁଦ୍ଧି ଆସିଗଲେ ମୋକ୍ଷ ବୋଲି ସ୍ୱୀକାର କରାଯାଇଛି † ।

ଏ ମୂଳ କଥାଟି ବୁଝି ବର୍ଣ୍ଣ ଓ ଜାତିଭେଦର ବିଚାର କଲେ ଯାଇ ବିଚାର ଠିକ୍ ହେବ ଓ ହିନ୍ଦୁସମାଜରେ ଯୁକ୍ତିଯୁକ୍ତ ବୋଲି ବିବେଚିତ ହେବ ।

## ମନୁଷ୍ୟ ଗୋଟିଏ ଜାତି

ମନୁଷ୍ୟ ସୃଷ୍ଟିକୁ ଭଗବାନ ମାନସିକ ବୃତ୍ତି ଓ ଉପଯୋଗିତା ଘେନି ଚାରି ଭାଗରେ ବା ବର୍ଣ୍ଣରେ ବିଭକ୍ତ କରିଛନ୍ତି ‡ । ଏ ସୃଷ୍ଟି ହେଲା କିପରି ? ଭଗବାନ କରାଇଲେ, କିନ୍ତୁ କଲେ ବ୍ରହ୍ମା ।

---

* ରୂପଂ ରୂପବିବର୍ଜିତସ୍ୟ ଭବତୋ ଧ୍ୟାନେନ ଯତ୍ କଳ୍ପିତଂ
ସ୍ତୁତ୍ୟାନିର୍ବଚନୀୟତା ଭବଗୁରୋ ଦୂରୀକୃତା ଯନ୍ମୟା
ବ୍ୟାପିତ୍ୱଂଚ ନିରାକୃତଂ ଭଗବତୋ ଯତ୍ତୀର୍ଥଯାତ୍ରାଦିନା ।
କ୍ଷନ୍ତବ୍ୟଂ ଜଗଦୀଶ ତଦ୍ବିକଳତାଦୋଷତ୍ରୟଂ ମତ୍କୃତମ୍ ।

† ଆଚାରପ୍ରଭବୋ ଧର୍ମଃ ଧର୍ମସ୍ୟ ପ୍ରଭୁରଚ୍ୟୁତଃ ।

‡ ଚାତୁର୍ବର୍ଣ୍ଣ୍ୟଂ ମୟା ସୃଷ୍ଟଂ ଗୁଣକର୍ମବିଭାଗଶଃ — ଗୀତା

ଭଗବାନ ନିଜର ନାଭିକମଳରୁ ବ୍ରହ୍ମାଙ୍କୁ ସୃଷ୍ଟି କଲେ ଓ ମନୁଷ୍ୟ ସୃଷ୍ଟି କର ବୋଲି ତାଙ୍କୁ ନିର୍ଦ୍ଦେଶ ଦେଲେ । ତେଣୁ ସମସ୍ତଙ୍କର ସୃଷ୍ଟିକର୍ତ୍ତା ପିତାମହ ବ୍ରହ୍ମା । ଜଣକଠାରୁ ଜାତ ହୋଇଥିବାରୁ ଜାତି ଏକ, ଫରକ ହୋଇ ନ ପାରେ । ଯେଉଁ ଫରକଟା ହୋଇଛି, ତାହାର ମୂଳରେ ପ୍ରତ୍ୟେକ ଲୋକର ମାନସିକ ବୃତ୍ତି, ବା କୌଣସି ବିଶେଷ କାର୍ଯ୍ୟରେ କୁଶଳତା * । ଏହି ବର୍ଣ୍ଣ ବା ଜାତି ପୁଣି ପ୍ରତ୍ୟେକ ବ୍ୟକ୍ତିର ନିଜସ୍ୱ । ବ୍ରାହ୍ମଣର ପୁଅ ଯଦି ଏପରି କାମ କଲା ଯାହା କି ବ୍ରାହ୍ମଣ କାମ ନୁହେ ତେବେ ସେ ବ୍ରାହ୍ମଣ ବୋଲାଇ ପାରିବ ନାହିଁ । ଆଜି ମୁଁ ଯେ ବ୍ରାହ୍ମଣ ବୋଲି ନିଜକୁ କହୁଛି ତା ମୂଳରେ ନିଜର ଦାମ୍ଭିକତା ବ୍ୟତୀତ ଅନ୍ୟ କିଛି ଥାଇ ନ ପାରେ । ବ୍ରାହ୍ମଣ ନିଜତୁଣ୍ଡରେ ନୁହେ, ଅନ୍ୟର ତୁଣ୍ଡରେ ବ୍ରାହ୍ମଣ ବୋଲାଇବାର କଥା ।

ଆଜି ଜଣେ ଯଦି ନିଜକୁ ଶୁଦ୍ଧ ବ୍ରାହ୍ମଣ ସନ୍ତାନ ବୋଲି ଦାବୀ କରେ ତେବେ ସୃଷ୍ଟିରେ ସମସ୍ତେ ବ୍ରାହ୍ମଣ ବୋଲି ସ୍ୱୀକାର କରିବାକୁ ପଡ଼ିବ । ଜଣେ ଶୁଦ୍ଧ ବ୍ରାହ୍ମଣ ସନ୍ତାନ ହେବାକୁ ହେଲେ, ବାପ ମା ଦୁହେଁ ତ ଶୁଦ୍ଧ ବ୍ରାହ୍ମଣ ହେବା ଦରକାର ; ସେ ଦୁହେଁ ଶୁଦ୍ଧ ବ୍ରାହ୍ମଣ ହେବାକୁ ହେଲେ ତାଙ୍କ ବାପ ମା ଚରିଜଣ ଶୁଦ୍ଧ ବ୍ରାହ୍ମଣ ହେବା ପ୍ରୟୋଜନ ; ସେ ଚରିଜଣଙ୍କ ଶୁଦ୍ଧି ନିମନ୍ତେ ତାଙ୍କ ବାପ ମା ୮ ଜଣ ଶୁଦ୍ଧ ବ୍ରାହ୍ମଣ ସନ୍ତାନ ହେବାକୁ ହେବ— ଏହିପରି ଗାଣିତିକ କ୍ରମବୃଦ୍ଧିରେ, ୮ ରୁ ୧୬, ୧୬ ରୁ ୩୨, ୩୨ ରୁ

---

* ନ ବିଶେଷୋଽସ୍ତି ବର୍ଣ୍ଣାନାଂ ସର୍ବଂ ବ୍ରାହ୍ମମିଦଂ ଜଗତ୍
ବ୍ରହ୍ମଣାପୂର୍ବସୃଷ୍ଟଂ ହି କର୍ମଭିର୍ବର୍ଣତାଂ ଗତମ୍ ।
—ମହାଭାରତ, ଶାନ୍ତିପର୍ବ ।

ଜିଏ ହେଉ ହେଉ ସୃଷ୍ଟିର ସମସ୍ତେ ଶୁଦ୍ଧ ବ୍ରାହ୍ମଣ ବୋଲି ସ୍ୱୀକାର କରିବାକୁ ହେବ ‡ । ତେଣୁ ଜଣେ ଶୁଦ୍ଧ ଜାତି ବୋଲି ଧରିବାକୁ ଗଲେ, ଅନନ୍ତ କୁଳର ସମସ୍ତେ ଶୁଦ୍ଧ ଜାତି ବା ଏକ ଜାତି ବୋଲି ମାନିବାକୁ ହେବ । ଜାତି ଫରକ ଫରକ ଥିବା ସ୍ଥଳେ, କିପରି କହି ପାରିବା ଯେ ଜାତି ରକ୍ତଗତ ?

## ସମାନତାର ପରିସର

ଆଜି ପ୍ରତ୍ୟେକ ସଭ୍ୟଦେଶରେ ସ୍ୱୀକାର କରାଗଲାଣି ଯେ ଆଇନ ଦୃଷ୍ଟିରେ ସବୁ ଲୋକ ସମାନ । ତାହାର ଏତିକି ମାତ୍ର ଅର୍ଥ ଯେ, ଆବଶ୍ୟକ ଯୋଗ୍ୟତା ଥିବା ଜଣେ ଯେଉଁ ସୁବିଧା ପାଇବାକୁ ହକ୍‌ଦାର, ଅନ୍ୟ ଜଣେ ସେହି ଯୋଗ୍ୟତା ଥାଇ ସେ ସୁବିଧାରୁ ବଞ୍ଚିତ ହୋଇ ପାରିବ ନାହିଁ । ଅପର ପକ୍ଷେ ଦୁଇଜଣ ଯଦି ଏକାଭଳି ଦୋଷ କରିବେ, ତେବେ ଏକାଭଳି ଦଣ୍ଡ ପାଇବେ । ପୁଣି ଦେଶର ସମସ୍ତଙ୍କୁ ତ ନିଜର ଉନ୍ନତି କରିବା ସକାଶେ ସମାନ ସୁବିଧା ଦିଆଯିବ । ସେ ସୁବିଧାର ଜଣେ ଯଦି ସଦୁପଯୋଗ କଲା ଓ ଅନ୍ୟଜଣେ ନ ପାରିଲା, ତେବେ ସେହି ଅନୁସାରେ ସେମାନଙ୍କର ଯୋଗ୍ୟତାର ତାରତମ୍ୟ ହୋଇଯିବ । ସମାନ ସୁବିଧା ପାଇ, ସମାନ ଯୋଗ୍ୟ ହୋଇ ମଧ୍ୟ ଦୁଇ ଜଣ, ବଡ଼ିହେଲେ ମନୋବୃତ୍ତିରେ ବିଭିନ୍ନ ହୋଇ ଯାଇ ପାରନ୍ତି । ଜଣକର ପ୍ରଫେସର ହେବାକୁ ମନ ହୋଇପାରେ, ଆଉ ଜଣେ ଡେପୁଟି ମାଜିଷ୍ଟ୍ରେଟ୍, ଆଉ ଜଣେ ପୁଲିସ, ଆଉ ଜଣେ ବ୍ୟବସାୟୀ ହେବାକୁ ପସନ୍ଦ କରି ପାରନ୍ତି । ମାନସିକ ଶକ୍ତି, ବୃତ୍ତି ଓ ଉପଯୋଗିତା ଦୃଷ୍ଟିରେ ହିନ୍ଦୁ ଲୋକଙ୍କୁ

---

‡ ଶୁଦ୍ଧିର୍ବଂଶଦ୍ୱୟୀଶୁଦ୍ଧୌ ପିତ୍ରୋପିତ୍ରୋର୍ଯଦେକଶଃ
ତଦନନ୍ତକୁଲାଦୋପାତ୍ ନିର୍ଦ୍ଦୋଷା ଜାତିରସ୍ତିକା ॥

ମୂର ଶ୍ରେଣୀରେ ବିଭକ୍ତ କରିଥିଲେ । ଏହା ଲୋକଙ୍କର ବିଭାଗ ନୁହେଁ, କାମର ବିଭାଗ ।

## ସବୁଆଡ଼େ ମୂରୋଟି ଜାତି

ଯେ କୌଣସି ଦେଶକୁ ଇତିହାସର ଯେ କୌଣସି କାଳରେ ଚାହିଁଲେ, ଲୋକେ ପ୍ରଧାନ ମୂରୋଟି ଭାଗରେ ବିଭକ୍ତ ହେବାର ଦେଖାଯିବ :—(୧) ଗୁଡ଼ିଏ ଲୋକଙ୍କର ପାଠରେ ମନ—ଜ୍ଞାନ ଅର୍ଜନ କରିବା, ଦେଶ ବିଦେଶର ପଣ୍ଡିତମାନେ କଣ ଚିନ୍ତା କରୁଛନ୍ତି ତାହା ଅବଗତ ହୋଇ ତା' ଉପରେ ନିଜେ ଚିନ୍ତା କରି ପୃଥିବୀର ଚିନ୍ତାସଂପତ୍ତିକୁ ଆହୁରି ସମୃଦ୍ଧ କରିବା, ଲୋକେ କିପରି ସୁଖରେ ରହିବେ, କିପରି ଚଳିଲେ ପୃଥିବୀରେ ଶାନ୍ତି ଆସିବ, ସେ ବିଷୟର ଅନୁଧ୍ୟାନ କରିବାରେ ଏମାନଙ୍କର ଶ୍ରଦ୍ଧା । ଏମାନେ କ୍ଷମତା ରାଜନୀତିରୁ ଦୂରରେ ରହି ରାଜନୀତିକୁ ବିଶେଷ ଭାବେ ପ୍ରଭାବିତ କରନ୍ତି । (୨) ଆଉ ଦଳେ ଲୋକ, ସେମାନଙ୍କର ମଧ୍ୟ ଏ ସବୁ ବିଷୟରେ ପ୍ରବେଶ ଅଛି, କିନ୍ତୁ ସେମାନେ ଖାଲି ଚିନ୍ତା କରିବାରେ ସନ୍ତୁଷ୍ଟ ନୁହନ୍ତି ; ସେମାନେ ବରଂ ଚିନ୍ତା କରିବା କାର୍ଯ୍ୟ ପ୍ରଥମ ଶ୍ରେଣି ଲୋକଙ୍କ ଉପରେ ଦେଇ, ନିଜେ ଚିନ୍ତାକୁ କାର୍ଯ୍ୟରେ ପରିଣତ କରିବାରେ ଲାଗିପଡ଼ନ୍ତି । ଏମାନେ ମଧ୍ୟ ପ୍ରଥମ ଶ୍ରେଣୀ ଲୋକଙ୍କ ପରି ନିଃସ୍ୱାର୍ଥ ରହି ସମୂହ ମଙ୍ଗଳରେ ସକ୍ରିୟ ଭାଗ ନିଅନ୍ତି । (୩) ତୃତୀୟ ଶ୍ରେଣୀର ଲୋକ, ପ୍ରଥମ ଶ୍ରେଣୀର ସାଧନାଫଳରେ ମିଳିଥିବା ଜ୍ଞାନକୁ ବ୍ୟବହାର କରି, ଦ୍ୱିତୀୟ ଶ୍ରେଣୀର (ରାଜ-ଶକ୍ତିର) ଘଣ୍ଟି ଆଡ଼ୁଆଳରେ ପ୍ରକୃତି-ଦତ୍ତ ସଂପଦର ଆହରଣ ଓ ସଦୁପ-ଯୋଗ କରି ଦେଶର ବୈଷୟିକ ସମସ୍ୟାକୁ ସମ୍ଭାଳନ୍ତି । ଏ ତିନି ଶ୍ରେଣୀଯାକ ଦ୍ୱିଜ, ଅର୍ଥାତ୍ ଦୁଇଥର ଜନ୍ମ । ଥରେ ମା ପେଟରୁ;

ଓ ବିଶ୍ୱାସ ଥର ଅଶିକ୍ଷାର ଅନ୍ଧକାରରୁ ସଂସ୍କାର ଦ୍ୱାରା ଫିଟି ବାହାରନ୍ତି, ସଂସାରରେ ନିଜର ଜୀବନକୁ କୃତାର୍ଥ କରିବା ସକାଶେ । ନିଜ ନିଜ ଅଭୀଷ୍ଟ କାର୍ଯ୍ୟରେ ଏମାନେ ନୂଆ ନୂଆ ବୁଦ୍ଧି ଖଟାଇ ଉତ୍ସାହର ସହିତ ଲାଗିପଡ଼ନ୍ତି, ଏକ କଥାରେ ଏମାନେ ନେତୃତ୍ୱ ଦିଅନ୍ତି । ଏସବୁ ଶ୍ରେଣୀରୁ ଗୁଡ଼ାଏ ଲୋକ ବାହାରି ପଡ଼ନ୍ତି, ଯେଉଁ-ମାନଙ୍କର ନିଜର ତେଜ ନଥାଏ, ନେତୃତ୍ୱ ଦେବାର କ୍ଷମତା ନ ଥାଏ । ଏମାନେ ଅନ୍ୟର ଆଦେଶରେ କାମ କରନ୍ତି ମାତ୍ର । ଏଇମାନେ ପ୍ରତି ସମାଜର ଚତୁର୍ଥ ଶ୍ରେଣୀ—ଶୂଦ୍ର । ଆମେରିକା ବୋଲ, ବିଲାତ ବୋଲ, ସବୁଠାରେ ଏଇ ଗୁଣଶ୍ରେଣୀ । ଏ ଶ୍ରେଣୀବିଭାଗ ନଥାଇ ସମାଜ ତିଷ୍ଠି ନପାରେ । ଆଇନ୍‌ଷ୍ଟାଇନ୍ ଯଦି ବ୍ରାହ୍ମଣ, ତେବେ ଚର୍ଚ୍ଚିଲ୍ ଆଇଜେନ୍‌ହାଓ୍ୱାର କ୍ଷତ୍ରିୟ, ଫୋର୍ଡ଼ କ୍ରୁପ୍ ବୈଶ୍ୟ, ଓ କଳକାରଖାନାରେ କଳପରି କାମ କରୁଥିବା ଲୋକେ ଶୂଦ୍ର । ବିଜ୍ଞାନାଗାରରେ, ବିଶ୍ୱବିଦ୍ୟାଳୟରେ ଏମାନେ ସହକାରୀ, ଶାସନକ୍ଷେତ୍ରରେ ପୁଲିସ୍ କନଷ୍ଟେବଲ୍, ଯୁଦ୍ଧକ୍ଷେତ୍ରରେ ସୈନ୍ୟ, ଦପ୍ତରରେ କିରାଣୀ, ଓ ଶିଳ୍ପକାରଖାନାରେ ଶ୍ରମିକ । ପ୍ରତ୍ୟେକ ନିଜ ନିଜ କର୍ମକ୍ଷେତ୍ରରେ କୃତିତ୍ୱ ଦେଖାଇ, ଉଚ୍ଚତର କ୍ଷେତ୍ରରେ ପ୍ରୟୋଜନ ହେଉଥିବା ବୁଦ୍ଧିର ପରିଚୟ ଦେଲେ, ଉପର ପାହାଆକୁ ଉଠିଯାଆନ୍ତି ।

## ଜାତିବିଜ୍ଞାନ

ହିନ୍ଦୁଙ୍କ ଭିତରେ ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର ବୋଲି ଯେଉଁ ଗୁଣବର୍ଣ୍ଣ ତାହାର ବିଭାଗ ଠିକ୍ ଏହି ମତରେ ହୋଇଥିଲା ବୋଲି ଶାସ୍ତ୍ର ପୁରାଣର ଆଲୋଚନା କଲେ ଦେଖାଯିବ । ଏତିକି ଅଧିକା ଯେ ଅନ୍ୟତ୍ର ଅନ୍ଧାଧୂନିଆ ବର୍ଣ୍ଣବିଭାଗ ହେଉଥିବା ସ୍ଥଳେ ହିନ୍ଦୁ ଏହାର ଗୋଟିଏ ବୈଜ୍ଞାନିକ ପ୍ରଣାଳୀ ଗ୍ରହଣ କରିଥିଲେ ।

ମହାଭାରତ, ବ୍ରହ୍ମବୈବର୍ତ୍ତ ପୁରାଣ, ବରାହ ପୁରାଣ, ବାମନ ପୁରାଣ, ବିଷ୍ଣୁ ପୁରାଣ ଇତ୍ୟାଦି ପୁରାଣ, ଶ୍ରୀମଦ୍ ଭାଗବତ ଓ ଭଗବଦ୍ ଗୀତା ପ୍ରଭୃତିରେ ଏ ବିଷୟର ସମ୍ୟକ୍ ଆଲୋଚନା ହୋଇଛି । ବହିର କଳେବର ବଢ଼ିଯିବା ଭୟରେ ତାହାର ଆବୃତ୍ତିରୁ କ୍ଷାନ୍ତ ହୋଇ ମୋଟାମୋଟି କେତୋଟି କଥା ଏଠାରେ କହୁଛି । ମନୁଷ୍ୟ-ମନର ବୃତ୍ତିକୁ ତିନିଭାଗରେ ବିଭକ୍ତ କରା ହୋଇଛି—ସତ୍ତ୍ୱ, ରଜ ଓ ତମ ଗୁଣ । ନିର୍ମଳ ଜ୍ଞାନରେ ମନ ତୁଷ୍ଟ ହେଲେ ତାହା ହେଲା ସତ୍ତ୍ୱଗୁଣ । ଖାଲି ଜ୍ଞାନରେ ସନ୍ତୁଷ୍ଟ ନ ରହି ତଦନୁରୂପ କାର୍ଯ୍ୟ କରିବା ତୃଷ୍ଣା ହେଲେ ହେଲା ରଜୋଗୁଣ । ନିର୍ମଳ ଜ୍ଞାନକୁ ଦୂରରେ ରଖି ଖାଲି ବିଷୟଭୋଗରେ ମାତିଲେ ହେଲା ତମ ଗୁଣ । ଯେଉଁ-ମାନଙ୍କର ସତ୍ତ୍ୱଗୁଣ ପ୍ରଧାନ ସେମାନେ ବ୍ରାହ୍ମଣ ; ଯେଉଁମାନଙ୍କ-ଠାରେ ସତ୍ତ୍ୱଗୁଣ ଅପ୍ରଧାନ ଭାବରେ ଥାଇ ରଜୋଗୁଣ ପ୍ରଧାନ ସେମାନେ କ୍ଷତ୍ରିୟ ; ଯେଉଁମାନଙ୍କଠାରେ ତମୋଗୁଣ ଅପ୍ରଧାନ ଭାବେ ଥାଇ ରଜୋଗୁଣ ପ୍ରଧାନ ସେମାନେ ବୈଶ୍ୟ ; ଆଉ ଯେଉଁ-ମାନଙ୍କଠାରେ ରଜୋଗୁଣ ଅପ୍ରଧାନ ଭାବେ ଥାଇ ତମୋଗୁଣ ପ୍ରଧାନ ସେମାନେ ଶୂଦ୍ର । ତିନିଗୁଣ ଯାକ ସବୁ ଜାତିରେ ଅଳ୍ପ ବହୁତେ ଥିବାର ସ୍ୱୀକାର କରାଯାଇଛି । ଶୂଦ୍ରଠାରେ ମଧ୍ୟ ସତ୍ତ୍ୱଗୁଣ ନ ଥାଇ ନାହିଁ । ନ ଥିଲେ ସେ ଉପରକୁ ଉଠିବାର ବାଟ ରହନ୍ତା ନାହିଁ । କିନ୍ତୁ ସତ୍ତ୍ୱଗୁଣ ତାହାଠାରେ ଏତେ ଅଳ୍ପ ଯେ, ନ ଥିଲା ପରି । ତାହା ବିଶେଷ ପରିସ୍ଫୁଟ ହେଲେ ତାହାର ଜାତ୍ୟୁତ୍କର୍ଷ ହେବ ।

ଏ ତ ଗଲା ଗୁଣରେ ପାର୍ଥକ୍ୟ । କାମରେ ଚତୁର୍ବର୍ଣ୍ଣଙ୍କର ବିଭାଗ କରା ଯାଇଛି । ବ୍ରାହ୍ମଣ ନିଜ କୁଳାଚାର ଆଚରଣରେ ରହିବା ଦରକାର । ପୁଣି ସେ ନିଜେ ଅଭ୍ୟାସ କରି ପଢ଼ୁଥିବେ ଏବଂ

ପଢ଼ିବା ଫଳରେ ଯେଉଁ ଜ୍ଞାନ ଅର୍ଜନ କରିବେ ତାହା ଉପଯୁକ୍ତ ଶିଷ୍ୟମାନଙ୍କୁ ଶିଖାଇବେ । ନିଜେ ଯଜ୍ଞ କରିବେ ଓ ଅନ୍ୟଦ୍ୱାରା ଯଜ୍ଞ କରାଇବେ । ଅତିଥି, ବ୍ରାହ୍ମଣ ଓ ମାଗିବା ଲୋକଙ୍କୁ ଦାନ କରିବେ ଏବଂ ତାଙ୍କୁ ଯଦି କିଏ କିଛି ସ୍ୱଚ୍ଛରେ ଦେଲା ତେବେ ତାହା ଗ୍ରହଣ କରିପାରିବେ । ବ୍ରାହ୍ମଣମାନଙ୍କର ଏଇ ଛଅଟି କର୍ମ ।

କ୍ଷତ୍ରିୟମାନେ ଏ ଛଅଟିରୁ ଶେଷଟି ଛାଡ଼ି ବାକୀ ୫ଟି କରି-ପାରିବେ । କିନ୍ତୁ ଯେଉଁ କ୍ଷତ୍ରିୟମାନେ ରାଜ୍ୟଶାସନର ଦାୟିତ୍ୱ ମୁଣ୍ଡାଇଛନ୍ତି ସେମାନେ ଶାସନ ପରିଚାଳନା ସକାଶେ ଓ ନିଜର ଜୀବିକା ସକାଶେ କର ଆଦାୟ କରି ପାରିବେ ଓ ଦୋଷୀକୁ ଜୋରିମାନା କରି ଅର୍ଥ ସଂଗ୍ରହ କରି ପାରିବେ । ବୈଶ୍ୟମାନେ କୃଷି, ଗୋପାଳନ ବାଣିଜ୍ୟାଦି ବୃତ୍ତି କରିବେ, କିନ୍ତୁ ବ୍ରାହ୍ମଣମାନେ ଆଚରଣାଦି ଉପରେ ଯାହା ପରାମର୍ଶ ଦେବେ ତାହା ସେମାନଙ୍କୁ ପାଳିବାକୁ ହେବ । ଶୂଦ୍ର ଏଇ ତିନି ଜାତିର କାର୍ଯ୍ୟରେ ଲାଗି ଜୀବିକା ଅର୍ଜନ କରିବେ ।

ଅନ୍ୟଠାରୁ ଦାନ ଗ୍ରହଣକରିବା ଅଶାସ୍ତ୍ରୀୟ ନ ହୋଇଥିଲେ ହେଁ ବ୍ରାହ୍ମଣ ତାହା ନାପସନ୍ଦ କରିବା ସ୍ୱାଭାବିକ । ପରିଗ୍ରହ ନୀଚବୃତ୍ତି ବୋଲି ସବୁବେଳେ ଅନାଦୃତ ହୋଇଛି । ଆଜି ମଧ୍ୟ ଶ୍ରାଦ୍ଧାଦି କାର୍ଯ୍ୟରେ ଯେଉଁ ଦାନ ଦିଆଯାଏ ତାହା ଗ୍ରହଣ କରିବାକୁ ଭଲ ବ୍ରାହ୍ମଣ ବାହାରନ୍ତି ନାହିଁ । ଖବରକାଗଜରେ ବାହାରିଥିଲା, ନେପାଳର ରାଜା ୰ ତ୍ରିଭୁବନଙ୍କ ଶୁଦ୍ଧଘରେ ମୃତଶଯ୍ୟାଦାନ ନେବାପାଇଁ ନେପାଳର କୌଣସି ବ୍ରାହ୍ମଣ ମିଳିଲେ ନାହିଁ । ଭରି ବହୁମୂଲ୍ୟ ଦାନ—ହାତୀ, ଘୋଡ଼ା, ଖଟ, ପଲଙ୍କ, ସୁନାରୂପା ହୋଇ ଦୁଇଲକ୍ଷ ଟଙ୍କା ଉପରେ ଦକ୍ଷିଣା ଦଶ ହଜାର ଟଙ୍କା । ନେପାଳ

ରାଜଧାନୀ କାଠମଣ୍ଡୁରେ ଉତ୍ତରପ୍ରଦେଶର ଜଣେ ବ୍ରାହ୍ମଣ ବସ୍ତ୍ର-ଦୋକାନ କରିଥିଲେ, ସେ ବାହାରିଲେ। ତାଙ୍କୁ ଦାନ ଓ ଦକ୍ଷିଣା ଦେଇ ଗୋମତୀ ନଦୀ ପାର କରି ଦିଆଗଲା, ତାଙ୍କ ମୁହଁ ନେପାଳ ରାଜ୍ୟରେ ଯେପରି ଭବିଷ୍ୟତ୍‌ରେ କେବେ ନ ପଡ଼େ ! ମାଗିକରି ଚଳିବାକୁ ଯେଉଁମାନେ ପସନ୍ଦ ନ କରିବେ ତାଙ୍କ ପାଇଁ ଅନ୍ୟ ବୃତ୍ତିର ବ୍ୟବସ୍ଥା ଅଛି:—(୧) ସେମାନେ କୃଷି, ଗୋପାଳନ ପ୍ରଭୃତି ଶ୍ରେଷ୍ଠ ଶ୍ରେଷ୍ଠ ବୃତ୍ତି କରିପାରିବେ; (୨) ନ ମାଗୁଣୁ ଯଦି କିଏ କିଛି ଧନ ଦେଲି ତାହା ଗ୍ରହଣ କରିପାରିବେ; (୩) ଦିନକ ପାଇଁ ଚାଉଳ ମାଗି ଆଣି ପାରିବେ; (୪ କ) ଧାନ କଟା ହେଲା ବେଳେ ଯେଉଁ ଧାନକେଣ୍ଡା ପଡ଼ିଯାଏ ତାହାକୁ କୃଷକ ଯଦି ନେବାକୁ ନ ଚାହେଁ ତେବେ ତାହା ନିଜେ ସଂଗ୍ରହ କରିପାରିବେ, (୪ ଖ) ହାଟ ଓ ବଜାରରେ ପଡ଼ିଥିବା ଶସ୍ୟକଣା ଗୋଟାଇ ନେଇ ପାରିବେ। ଏଇ ଚାରିଟି ବୃତ୍ତି ପୁଣି ଉତ୍ତରୋତ୍ତର ଉତ୍କୃଷ୍ଟ ; ଅର୍ଥାତ୍ କୃଷି ଅପେକ୍ଷା ଅଯାଚିତ ଦାନ ଭଲ, ତା'ଠାରୁ ପ୍ରତିଦିନର ଚାଉଳ ମାଗି ଖାଇବା ଭଲ, ତା'ଠାରୁ ଶସ୍ୟ କ୍ଷେତରୁ ଧାନଶିସା ସଂଗ୍ରହ ଭଲ, ଏହିପରି। *

## ବ୍ରାହ୍ମଣର ଦାରିଦ୍ର୍ୟବ୍ରତ ସମାଜକଲ୍ୟାଣ ନିମନ୍ତେ

ଅନେକଙ୍କର ଧାରଣା, ବ୍ରାହ୍ମଣାଦି ଯେଉଁ ପାଠ ପଢ଼ୁଥିଲେ ତାହା ଖାଲି ଧର୍ମଶାସ୍ତ୍ର, ବେଦ, ବେଦାଙ୍ଗ, ଉପନିଷଦ୍ ଆଦି । ଆମ ଧର୍ମଶାସ୍ତ୍ର ଭିତରେ ସବୁ ଅନ୍ତର୍ଭୁକ୍ତ । ବେଦର ଅଥର୍ବ ବେଦରେ କୃଷି, ଶିଳ୍ପାଦିର ଜ୍ଞାନ ବି ରହିଛି । କିନ୍ତୁ ବିଦ୍ୟା ସେତିକି ନୁହେ । ବେଦ, ବେଦାଙ୍ଗ, ଉପନିଷଦ୍ , ଧନୁର୍ବିଦ୍ୟା, ମନ୍ୱାଦି ଧର୍ମଶାସ୍ତ୍ର,

---

* ବାର୍ତ୍ତା ବିଚିତ୍ରା ଶାଲୀନ ଯାଯାବର ଶିଲୋଞ୍ଛନଂ
ବିପ୍ରବୃତ୍ତି ଶ୍ଚତୁର୍ଦ୍ଧେୟଂ ଶ୍ରେୟସୀ ଚୋତ୍ତରୋତ୍ତରା । ଭାଗବତ ୭ । ୧୧

ମୀମାଂସାଦି ଦର୍ଶନ ବିଦ୍ୟା ଓ ଛଅପ୍ରକାର ରାଜନୀତି ଓ ଚଉଷଠି କଳା ଶିକ୍ଷାର୍ଥୀମାନେ ଶିଖୁଥିଲେ * ।

---

* ଷଡ୍‌ବିଧ ରାଜନୀତି—ସନ୍ଧି, ବିଗ୍ରହ, ଯାନ, ଆସନ, ଦ୍ୱୈଧ ଓ ଆଶ୍ରୟ

ଚଉଷଠି କଳା—୧ । ଗାନ (ଗୀତ ତିଆରି, ସ୍ୱରଜାତି ରାଗଭେଦ, ତାଳ ମାତ୍ରାଦି ରଚନା, ସାଧକ ବାଧକ ସ୍ୱରାଦିର ମେଳ ଓ ମାନ), ୨ । ବାଦ୍ୟ (ଚାରି ପ୍ରକାର), ୩ । ନୃତ୍ୟ, ୪ । ନାଟକ, ୫ । ଚିତ୍ରକର୍ମ, ୬ । ମୁରୁଜରେ ନାନା ପ୍ରକାର ମଣ୍ଡଳ ରଚନା, ୭ । ତଣ୍ଡୁଳ ଓ ପୁଷ୍ପରେ ନାନାପ୍ରକାର ରଚନା, ୮ । ପୁଷ୍ପାସ୍ତରଣ ନିର୍ମାଣ, ୯ । ଦାନ୍ତ ଚିତ୍ରକରିବା ଓ ଲୁଗା ରଙ୍ଗେଇବା, ୧୦ । ମଣି ମଣ୍ଡପ ନିର୍ମାଣ, ୧୧ । ବଢ଼େଇ କାମ, ୧୨ । ଜଳ ତରଙ୍ଗ ବାଦ୍ୟ, ୧୩ । ଜଳସ୍ତମ୍ଭନ, ୧୪ । ଯାଦୁବିଦ୍ୟା, ୧୫ । ମାଳା ଗୁନ୍ଥା କାରିଗରି, ୧୬ । ବାଳ କାଟିବାର ନାନା ପ୍ରକାର କୌଶଳ, ୧୭ । କାନରେ ଚିତାକୁଠା, ୧୮ । ପ୍ରସାଧନ, ୧୯ । ଅଳଙ୍କାର ବ୍ୟବହାର, ୨୦ । ଅଳଙ୍କାର ତିଆରି, ୨୧ । ଇନ୍ଦ୍ରଜାଲ, ୨୨ । ବହୁରୂପୀ ବିଦ୍ୟା, ୨୩ । ହାତ ସଫେଇ, ୨୪ । ନାନାପ୍ରକାର ଭୋଜ୍ୟଦ୍ରବ୍ୟ ତିଆରି, ୨୫ । ନାନାବିଧ ପାନୀୟ ପ୍ରସ୍ତୁତ କରିବା, ୨୬ । ସୂତାରେ ଲୁଣ୍ଠେଇ ନାଚ, ୨୭ । ବୀଣା ଡମ୍ବରୁ ବାଦ୍ୟ, ୨୮ । ପ୍ରହେଳିକା-ପରିଜ୍ଞାନ ୨୯ । ଚିତ୍ରାଙ୍କନ, ୩୦ । ଠାରରେ କଥାବାର୍ତ୍ତା କରିବା; ୩୧ । ଅକ୍ଷର ଲିଭି ଯାଇଥିବା ପୋଥି ସଂଶୋଧନ କରି ଦ୍ରୁତ ପଠନ, ୩୨ । ନାଟକାଦି ପାଇଁ ବିଷୟବସ୍ତୁ ନିର୍ମାଣ, ୩୩ । ଶ୍ଳୋକର ପାଦ ପୂରଣ, ୩୪ । ବାଣ ତିଆରି, ୩୫ । ତର୍କୁ ଅର୍ଥାତ୍ ଲୁହା କାଠି ଦ୍ୱାରା ସୂତା କାମ, ୩୬ । ରାଜମିସ୍ତ୍ରୀ କାମ, ୩୭ । ଘର ନିର୍ମାଣ ପାଇଁ ଡିଜାଇନ୍ କରିବା ଓ ସ୍ଥାନ ନିର୍ଣ୍ଣୟ କରିବା, ୩୮ । ରୂପ୍ୟ ରତ୍ନ ପରୀକ୍ଷା, ୩୯ । ସ୍ୱର୍ଣ୍ଣାଦିର ସ୍ଥାନ କଳ୍ପନା, ୪୦ । ମଣିରାଗ, ୪୧ । ଆକର ଜ୍ଞାନ, ୪୨ । ବୃକ୍ଷାୟୁର୍ବେଦ ଯୋଗ, ୪୩ । ମେଷ ଓ କୁକ୍କୁଟ ଯୁଦ୍ଧବିଧି. ୪୪ । ଶୁଆ ସାରିଙ୍କୁ କଥା କୁହାଇବା, ୪୫ । ଭୋଜ ବିଦ୍ୟା, ୪୬ । ଉତ୍ସାଦନ, ୪୭ । ଅକ୍ଷରମୁଷ୍ଟିକା କଥନ, ୪୮ । ଆଦିବାସୀଙ୍କ ଭାଷାଜ୍ଞାନ, ୪୯ । ରାଜାଭାଷାରେ ପାଣ୍ଡିତ୍ୟ,

ଏଥିରୁ ଅଧିକାଂଶ ବିଦ୍ୟା ବୈଶ୍ୟଙ୍କର କାମରେ ଲାଗୁଥିଲା । ରାଜାଙ୍କର ବି କାମରେ ଲାଗୁଥିଲା । ରାଜା କିନ୍ତୁ ଏତେ ଦାୟିତ୍ୱରେ ବ୍ୟସ୍ତ ଥିଲେ ଯେ ଏ ସବୁର ବିଶେଷ ଚର୍ଚ୍ଚା କରିବାକୁ ତାଙ୍କୁ ବେଳ ନଥିଲା । କେବଳ ନିଜେ ବିଦ୍ୟା ଗୁଡ଼ିକ ଜାଣିଥିବାରୁ ସେ ଶିଳ୍ପୀର କୃତି ପସନ୍ଦ କରିବାକୁ ସମର୍ଥ ଥିଲେ । ଜଣେ ଶିଳ୍ପୀଠାରୁ ଅନ୍ୟ ଶିଳ୍ପୀ ଗତାନୁଗତିକ ରୀତିରେ କାମସବୁ ଶିଖୁଥିଲେ । କିନ୍ତୁ ବିଦ୍ୟା ତ ଖାଲି କାମରେ ନାହିଁ, ତତ୍ତ୍ୱର ବିଶ୍ଳେଷଣ କରି ବୈଜ୍ଞାନିକ ରୀତିରେ ଜ୍ଞାନର ପରିବେଷଣ ହେଲେ ଯାଇ ବିଦ୍ୟା ହେବ । କେବଳ ବ୍ରାହ୍ମଣର ସମୟ ଥିଲା, ବିଦ୍ୟା ଅନ୍ୟକୁ ଶିଖାଇବାକୁ । ଆଜିକାଲି ବାଣିଜ୍ୟ ହେଲେ, ଫିସ୍ ନଦେଇ ପାରିବା ଲୋକର, ପାଠ ଶିଖିବାର ଉପାୟ ରହନ୍ତା ନାହିଁ । ତେଣୁ ବ୍ରାହ୍ମଣକୁ ଦାରିଦ୍ର୍ୟ ବ୍ରତ ଧରିବାକୁ ହେଉଥିଲା । ନିଜର ଅଭାବକୁ ସେ ଛୋଟେଇ ଛୋଟେଇ ଏତେ କମ୍ କରି ଦେଇଥିଲା ଯେ, ଯାହା ପୁଞ୍ଜି ମିଳିଲା ସେଥିରେ ସେ ସନ୍ତୁଷ୍ଟ ରହିବାରେ ଅସୁବିଧା ନଥିଲା । ଯେ ଜ୍ଞାନୀ, ଯେ ପଣ୍ଡିତ, ସେ ଯଦୃଚ୍ଛା-ଲାଭସନ୍ତୁଷ୍ଟ ହେବାରେ ସମାଜର ବୈଷୟିକ ଅଗ୍ରଗତି ସମ୍ଭବ ହୋଇଥିଲା ।

---

୫୦ । ପୁଷ୍ପଶକଟିକା, ୫୧ । ଯନ୍ତ୍ର ମାତୃକା, ୫୨ । ଧାରଣ ମାତୃକା, ୫୩ । ସମ୍ପାଠ୍ୟ, ୫୪ । ମାନସୀ—ପର ମନର ଭାବ କଳନା କରି ଶ୍ଳୋକ ନିର୍ମାଣ, ୫୫ । କ୍ରିୟା ବିକଳ୍ପ-ଗୋଟିଏ କଥାକୁ ନାନାପ୍ରକାରେ କରିବା, ୫୬ । ଛଳିତକ ଯୋଗ, ୫୭ । ଅଭିଧାନ କୋଷଜ୍ଞାନ, ୫୮ । ବସ୍ତ୍ର ଗୋପନ—ତୁଳା ଲୁଗାକୁ ପାଟ ଲୁଗାପରି କରିବା, ୫୯ । ଦ୍ୟୂତବିଦ୍ୟା, ୬୦ । ଆକର୍ଷଣ କ୍ରିୟା, ୬୧ । ବାଲ କ୍ରୀଡ଼ନକ, ୬୨ । ବୈନାୟିକୀ, ୬୩ । ବୈଜୟିକୀ, ୬୪ । ବୈତାଳିକୀ ।

ବୈଷୟିକ ଜ୍ଞାନ (ଅପରାବିଦ୍ୟା) ବା ଆଧ୍ୟାତ୍ମିକ ଜ୍ଞାନ (ପରା ବିଦ୍ୟା) ବ୍ରାହ୍ମଣର ଏକଚାଟିଆ ଅଧିକାର ନଥିଲା । ବୈଷୟିକ ଓ ଆଧ୍ୟାତ୍ମିକ ଜ୍ଞାନର ଅଧିକାରୀ ସମାଜର ଗୃବୋଟିଯାକ ଶ୍ରେଣୀର ଲୋକ ଥିଲେ । ଚତୁର୍ଥ ଶ୍ରେଣୀର ଲୋକେ ବି ନିଜର ସାମର୍ଥ୍ୟ ଦେଖାଇଲେ ଉପର ଜାତିକୁ ଯିବାରେ କିଛି ବାଧା ନ ଥିଲା । ଆଧ୍ୟାତ୍ମିକ ଜ୍ଞାନ ବା ବେଦ ପାଠରେ ମଧ୍ୟ ଶୂଦ୍ରର ଅଧିକାର ଥିବାର ବେଦରେ ସ୍ପଷ୍ଟ ଲିଖିତ ଅଛି । ଯଜୁର୍ବେଦରେ ଅଛି :—

(ପରମେଶ୍ୱର କହୁଛନ୍ତି) ସବୁ ମନୁଷ୍ୟଙ୍କ ପାଇଁ ସଂସାରରେ ସୁଖ ଓ ମୁକ୍ତିଦାୟକ ଏହି ବେଦବାଣୀରେ ଉପଦେଶ ଦେଉଅଛି । ବ୍ରାହ୍ମଣ, କ୍ଷତ୍ରିୟ, ବୈଶ୍ୟ, ଶୂଦ୍ର, ନିଜର ସ୍ତ୍ରୀ ଓ ସେବକ ସମସ୍ତଙ୍କ ପାଇଁ ଏହା ଅଭିପ୍ରେତ—ଅର୍ଥାତ୍, ସମସ୍ତେ ଏ ବେଦ ପଢ଼ି ଶୁଣି ସତ୍‌ମାର୍ଗରେ ଚାଲି ପରମାନନ୍ଦ ଲାଭ କରିବେ । *

ଜ୍ଞାନ ଅର୍ଜନ କରିବାର ରାସ୍ତା ନଥିଲେ, ଉପରକୁ ଉଠିବାର ବାଟ ବନ୍ଦ ହୋଇ ଯାଆନ୍ତା ।

## ଚାରିବର୍ଣ୍ଣର ଲକ୍ଷଣ

ଇଂରେଜ ପଣ୍ଡିତମାନେ ଅନେକ ସମୟରେ ଆମ ସଂସ୍କୃତିର ମର୍ମ ଗ୍ରହଣ କରି ନପାରି, ବର୍ତ୍ତମାନ କାଳର ଅବସ୍ଥାକୁ ଧରି ଶାସ୍ତ୍ର ପୁରାଣର ଅନୁବାଦ କରିବା ଫଳରେ ଅନେକାଂଶ ବିଚାର ବିଭ୍ରାଟ ହୋଇଛି । ଆମର ବର୍ଣ୍ଣ ଓ ଜାତିର ବିଚାର ଜନ୍ମ ବା ଖାଲି କର୍ମକୁ ଧରି ନ ହୋଇ ବିଶେଷରେ ମନୋବୃତ୍ତି ପ୍ରକାଶ ପାଉଥିବା ଲକ୍ଷଣ-ମାନଙ୍କୁ ଧରି ହୋଇଛି ; ମୁଣ୍ଡରେ ଚୁଟି କାନ୍ଧରେ ପଇତା ଦେଖି ବ୍ରାହ୍ମଣ ଚିହ୍ନା ପଡ଼ିଯିବ ନାହିଁ । ବ୍ରାହ୍ମଣର ଲକ୍ଷଣ ଥିଲେ ଯାଇ ହେବ ।

---

* ଯଥେମାଂ ବାଚଂ କଲ୍ୟାଣୀ ମାବଦାନି ଜନେଭ୍ୟଃ । ବ୍ରହ୍ମରାଜନ୍ୟାଭ୍ୟାଂ ଶୂଦ୍ରାୟ ଚାର୍ଯ୍ୟାୟ ସ୍ୱାୟ ଚାରଣାୟ—ଯଜୁ, ଅ୨୬, ମ୨ ।

ଶମ (ମନର ସଂଯମ), ଦମ (ଇନ୍ଦ୍ରିୟ ନିରୋଧ), ତପସ୍ୟା, ଶୌଚ, ସନ୍ତୋଷ, କ୍ଷମା, ସରଳତା, ଜ୍ଞାନ, ଦୟା ଓ ଈଶ୍ୱରବିଶ୍ୱାସ ଏହି ଦଶଟି ବ୍ରାହ୍ମଣର ଲକ୍ଷଣ * ।

ଶୌର୍ଯ୍ୟ, ବୀର୍ଯ୍ୟ, ଧୈର୍ଯ୍ୟ, ତେଜଃ, ଦାନ, ଆତ୍ମଜୟ, କ୍ଷମା, ବ୍ରହ୍ମଣ୍ୟତା ଓ ସତ୍ୟ—ଏଗୁଡ଼ିକ କ୍ଷତ୍ରିୟ ଜାତିର ଲକ୍ଷଣ ।

ଦେବ, ଗୁରୁ ଓ ପରମେଶ୍ୱରଙ୍କଠାରେ ଭକ୍ତି, ଧର୍ମ ଅର୍ଥ ଓ କାମ ଏଇ ତିନି ବର୍ଗର ସମତା ରକ୍ଷା କରିବା, ଉଦ୍ୟମଶୀଳତା ଓ କର୍ମନିପୁଣତା, ବୈଶ୍ୟର ଲକ୍ଷଣ ।

ବ୍ରାହ୍ମଣମାନଙ୍କ ପ୍ରତି ସମ୍ମାନ, ଶୌଚ, ଯାହାର କାମ କରୁଥିବେ ତାହାଠାରେ ବିଶ୍ୱସ୍ତତା, ସଦାଗ୍ରହିତା, ଅସ୍ତେୟ, ସତ୍ୟ ଓ ଗୋରୁ ବ୍ରାହ୍ମଣଙ୍କୁ ବିପଦରେ ସହାୟ ହେବା, ଶୂଦ୍ରର ଲକ୍ଷଣ ।

ଶୂଦ୍ରର ଲକ୍ଷଣ ଥିଲେ, ବ୍ରାହ୍ମଣଘରେ ଜାତ ହେଲେ ମଧ୍ୟ, ବ୍ରାହ୍ମଣ ପିଲା ଶୂଦ୍ର ବୋଲାଇବ ; ଶୂଦ୍ରଘରେ ଜନ୍ମହୋଇ ବ୍ରାହ୍ମଣ ଲକ୍ଷଣ ପାଇଲେ ଲୋକ ବ୍ରାହ୍ମଣ ହୋଇ ପାରିବ । ବ୍ରାହ୍ମଣ ପିଲା

---

* ଶମୋଦମସ୍ତପଃ ଶୌଚଂ ସନ୍ତୋଷଃ କ୍ଷାନ୍ତିରାର୍ଜବଂ
ଜ୍ଞାନଂ ଦୟାଚ୍ୟୁତାତ୍ମତ୍ୱଂ ସତ୍ୟଂଚ ବ୍ରହ୍ମଲକ୍ଷଣମ୍ ॥
ଶୌର୍ଯ୍ୟଂ ବୀର୍ଯ୍ୟଂ ଧୃତିସ୍ତେଜ ସ୍ତ୍ୟାଗଶ୍ଚାତ୍ମଜୟଃ କ୍ଷମା
ବ୍ରହ୍ମଣ୍ୟତା ପ୍ରସାଦଶ୍ଚ ସତ୍ୟଞ୍ଚ କ୍ଷତ୍ର ଲକ୍ଷଣମ୍ ॥
ଦେବ ଗୁର୍ବଚ୍ୟୁତେ ଭକ୍ତି ସ୍ତ୍ରିବର୍ଗ ପରିପୋଷଣଂ
ଅସ୍ତିକ୍ୟ ମୁଦ୍ୟମୋ ନିତ୍ୟଂ ନୈପୁଣ୍ୟଂ ବୈଶ୍ୟ ଲକ୍ଷଣମ୍ ॥
ଶୂଦ୍ରସ୍ୟ ସନ୍ନତିଃ ଶୌଚଂ ସେବା ସ୍ୱାମିନ୍ୟମାୟୟା
ଅମନ୍ତ୍ର ଯଜ୍ଞୋ ହ୍ୟସ୍ତେୟଂ ସତ୍ୟଂ ଗୋବିପ୍ରରକ୍ଷଣମ୍ ॥
ଶ୍ରୀମଦ୍ ଭାଗବତ

ବୋଲି ବ୍ରାହ୍ମଣ, ଓ ଶୂଦ୍ର ପିଲା ବୋଲି ଶୂଦ୍ର ବୋଲାଇବା ଶାସ୍ତ୍ର-ସଙ୍ଗତ ନୁହେ * ।

ଜନ୍ମବେଳେ ସମସ୍ତେ ଶୂଦ୍ର । ସଦାଚାର, ଅଧ୍ୟୟନ ଓ ବେଦପାଠ ଓ ତତ୍ତ୍ୱଜ୍ଞାନ ଉପଲବ୍ଧିରେ ବ୍ରହ୍ମତ୍ୱ ମିଳେ † ।

## ଜାତିନିର୍ଣ୍ଣୟ ଲକ୍ଷଣରେ ହୁଏ

ଜନ୍ମପରେ ଜାତି ପରିବର୍ତ୍ତନର ଦୃଷ୍ଟାନ୍ତ ବେଦ ଓ ପୁରାଣରେ ବହୁତ ଦେଖାଯାଏ । ବିଶ୍ୱାମିତ୍ର, ଅଜାମିଢ଼ ଓ ପୁରମିଢ଼ ଜନ୍ମରେ ବ୍ରାହ୍ମଣ ନଥିଲେ, ପରେ ବ୍ରହ୍ମତ୍ୱ ପାଇଲେ । ଶାନ୍ତନୁ ଓ ଦେବାପି ଦୁଇଭାଇଙ୍କ ମଧ୍ୟରୁ ଜଣେ କ୍ଷତ୍ରିୟ ରାଜା ହେଲେ ଓ ଆରଜଣକ ବ୍ରାହ୍ମଣ ହେଲେ । କବଷ ବୋଲି ଜଣେ ଦାସୀପୁତ୍ର ବ୍ରାହ୍ମଣ ଯାଜକ ରୂପେ ଗୃହୀତ ହୋଇଥିଲେ । ଧୃଷ୍ଟ ବୋଲି ଗୋଟିଏ କ୍ଷତ୍ରିୟ ରାଜବଂଶ ନିଜ ଗୁଣ ଯୋଗୁଁ ବ୍ରାହ୍ମଣ ହେଲେ । ବଶିଷ୍ଠ ବାରାଙ୍ଗନାର ପୁଅ, ନିଜ ଗୁଣ ଯୋଗୁଁ ବ୍ରହ୍ମର୍ଷି ହେଲେ ; ବ୍ୟାସଦେବ କେଉଟୁଣୀ ପୁଅ, ତାଙ୍କ ବାପ ପରାଶର ଶ୍ୱପାକୀର ପୁଅ, ଏ ଦୁହେଁ ବ୍ରହ୍ମର୍ଷି । ନାରଦ, ସୂତ ପ୍ରଭୃତି ଆହୁରି ଅନେକେ ଏହିପରି ବ୍ରାହ୍ମଣ

---

* ଶୂଦ୍ରେ ଚୈତଦ୍‌ଭବେଲ୍ଲକ୍ଷ୍ୟଂ ଦ୍ୱିଜେ ତଚ୍ଚ ନ ବିଦ୍ୟତେ
ନବୈ ଶୂଦ୍ରୋ ଭବେଚ୍ଛୂଦ୍ରୋ ବ୍ରାହ୍ମଣୋ ବ୍ରାହ୍ମଣୋ ନଚ—
ମହାଭାରତ, ଶାନ୍ତିପର୍ବ । ୧୮୯ ।

ଏଭିସ୍ତୁ କର୍ମଭିର୍ଦ୍ଦେବି ଶୁଭୈରାଚରିତୈସ୍ତଥା
ଶୂଦ୍ରୋ ବ୍ରାହ୍ମଣତାଂ ଯାତି, ବୈଶ୍ୟଃ କ୍ଷତ୍ରିୟତାଂ ବ୍ରଜେତ୍ ॥

† ଜନ୍ମନା ଜାୟତେ ଶୂଦ୍ରଃ ସଂସ୍କାରାଦ୍ ଦ୍ୱିଜମୁଚ୍ୟତେ
ବେଦାଭ୍ୟାସାତ୍ ଭବେଦ୍ ବିପ୍ରୋ ବ୍ରହ୍ମଜ୍ଞାନେ ତୁ ବ୍ରାହ୍ମଣଃ ॥

ହୋଇଛନ୍ତି । * ଭାଗବତରେ ଅଛି, ଚାରବର୍ଣ୍ଣର ଯେଉଁ ଲକ୍ଷଣମାନ କୁହାଗଲା, ତାହା ସେହି ବର୍ଣ୍ଣରେ ଜାତ ନହୋଇଥିବା ଲୋକଙ୍କ-ଠାରେ ଯଦି ଦେଖାଯିବ, ତେବେ ଜନ୍ମ ଅନୁସାରେ ଜାତି ବିଚାର ନହୋଇ ସେହି ସେହି ଲକ୍ଷଣ ଯେଉଁ ଜାତିର, ମନୁଷ୍ୟକୁ ସେହି ଜାତିର ଅନ୍ତର୍ଭୁକ୍ତ କରାଯିବ । †

କେହି କେହି କହନ୍ତି, ଗୋରୁ ଓ ଘୁଷୁରି ଯେପରି ଭିନ୍ନ ଭିନ୍ନ ଜାତି, ବ୍ରାହ୍ମଣ ଓ ଶୁଦ୍ର ସେହିପରି ଭିନ୍ନ ଭିନ୍ନ ଜାତି । ଘୁଷୁରି ଗୋରୁ ହେବା ଯେପରି ଅସମ୍ଭବ, ଶୂଦ୍ର ବ୍ରାହ୍ମଣତ୍ୱ ପାଇବା ସେହିପରି ଅସମ୍ଭବ । ଉପରୋକ୍ତ ଶାସ୍ତ୍ରୀୟ ପ୍ରମାଣମାନ ଦେଖାଇଲେ, ସେମାନେ ଅର୍ଥ କରିବାକୁ ଚେଷ୍ଟା କରନ୍ତି ଯେ ଶୂଦ୍ର ଏ ଜନ୍ମରେ ପୁଣ୍ୟ କଲେ ଆର ଜନ୍ମରେ ବ୍ରାହ୍ମଣ ହୋଇପାରେ । ଏହାର ପ୍ରମାଣ ଶାସ୍ତ୍ରରେ ଥିଲାପରି ଜଣାଯାଉ ନାହିଁ । ପୂର୍ବରେ ଯେଉଁ ଉଦାହରଣମାନ ଦିଆଗଲା, ସେ ସବୁ କ୍ଷେତ୍ରରେ ଜାତ୍ୟୁତ୍କର୍ଷ ଏହି ଜନ୍ମରେ ହୋଇଛି । ମଣିଷ ମଣିଷ ଭିତରେ ପାର୍ଥକ୍ୟ, ଗୋରୁ ଘୁଷୁରିର ପାର୍ଥକ୍ୟ ପରି ହୋଇ ନପାରେ । ମଣିଷର ଯେପରି ଚାରିବର୍ଣ୍ଣରେ ବିଭାଗ କରା-ଯାଇଛି, ଘୋଡ଼ା ଓ କୁକୁର ଇତ୍ୟାଦି ଜନ୍ତୁଙ୍କର, ହୀରା ଓ ଘରଡ଼ିହ ପ୍ରଭୃତି ବଡ଼ ବସ୍ତୁମାନଙ୍କର ମଧ୍ୟ ବ୍ରାହ୍ମଣାଦି ଚାରିବର୍ଣ୍ଣରେ ବିଭାଗ ହୋଇଛି । ଏଥିରୁ ସ୍ପଷ୍ଟ ଜଣାପଡୁଛି ମନୁଷ୍ୟ, ଜନ୍ତୁ ଓ ହୀରା

---

* ଗଣିକାଗର୍ଭସମ୍ଭୂତୋ ବଶିଷ୍ଠଶ୍ଚ ମହାଋଷିଃ
ତପସା ବ୍ରାହ୍ମଣୋଜାତଃ ସଂସ୍କାରସ୍ତତ୍ର କାରଣଂ ।
ଜାତୌ ବ୍ୟାସସ୍ତୁ କୈବର୍ତ୍ତ୍ୟାଃ ଶ୍ୱପାକ୍ୟାଶ୍ଚ ପରାଶରଃ
ବହବୋଽନ୍ୟେଽପି ବିପ୍ରତ୍ୱଂ ପ୍ରାପ୍ତା ଯେ ପୂର୍ବମଦ୍ୱିଜାଃ ॥

† ଯସ୍ୟ ଯଲ୍ଲକ୍ଷଣଂ ପ୍ରୋକ୍ତଂ ପୁଂସୋ ବର୍ଣ୍ଣାଭିବ୍ୟଞ୍ଜକଂ
ଯଦନ୍ୟତ୍ରାପି ଦୃଶ୍ୟେତ ତତ୍ତେନୈବ ବିନିର୍ଦ୍ଦିଶେତ୍ ॥
ଭାଗବତ ୭।୧୧।୩୨

ପ୍ରଭୃତିର ଗୁଣରେ ପାର୍ଥକ୍ୟ ଦେଖାଇବାକୁ ଏ ଗୃରିବର୍ଣ୍ଣର ବିଭାଗ । ଯେଉଁମାନେ ସଂସ୍କୃତ ବୁଝି ପାରିବେ ସେମାନଙ୍କର କୌତୁହଳ ଅପନୋଦନ ପାଇଁ ତଳେ ଘୋଡ଼ା ଓ କୁକୁରଙ୍କର ବ୍ରାହ୍ମଣାଦି ଜାତିଭେଦର ଲକ୍ଷଣ ନିର୍ଦ୍ଦେଶ ଦିଆଗଲା ।

ଯେଉଁ ପୁସ୍ତକରୁ ଏହା ଉଦ୍ଧୃତ ହୋଇଛି ସେଥିରେ ଅମୁକ ଜାତିର ଘୋଡ଼ା ବା କୁକୁର ଅମୁକ କାମକୁ ଯୋଗ୍ୟ ବୋଲି ସବିଶେଷ ନିର୍ଦ୍ଦିଷ୍ଟ ହୋଇଛି * । ଶୂଦ୍ରଜାତିର ଘୋଡ଼ାକୁ ରଜା

---

* ଘୋଟକଙ୍କ ଜାତି ଓ ଲକ୍ଷଣ –

ବାଜିନୋ ଜଲଜାଃ କେଚିଦ୍ ବହ୍ନିଜାତା ସ୍ତଥାପରେ
ସମୀରପ୍ରଭବା ସ୍ତାନ୍ୟେ ତୁରଗା ମୃଗଜାଃପରେ
ଜଲୋଦ୍‌ଭବା ଦ୍ୱିଜା ଜ୍ଞେୟାଃ କ୍ଷତ୍ରିୟା ବହ୍ନିସମ୍ଭବାଃ
ପ୍ରଭଞ୍ଜନଭବା ବୈଶ୍ୟା ମୃଗଜାଃ ଶୂଦ୍ରଜାତୟଃ
ବିପ୍ରାଦ୍ୟା ବାହନାଃ ସର୍ବେ ନୟ୍ୟୋ ଭୂମିପତେଃ ସଦା
ଶୂଦ୍ରଜାତିତୁରଙ୍ଗାନ୍ତୁ ନ ସ୍ପୃଶନ୍ତି ନରେଶ୍ୱରାଃ ।
ବିବେକୀ ସଦ୍‌ଗୁଣୋ ବିପ୍ର ସ୍ତେଜସ୍ୱୀ କ୍ଷତ୍ରିୟୋବଲୀ
କୋଷ୍ଠଭାବୋ ଭବେଦ୍ ବୈଶ୍ୟଃ ଶୂଦ୍ରୋ ନିଃସତ୍ତ୍ୱକୋଭବେତ୍ ।
—ଯୁକ୍ତିକଳ୍ପତରୁଃ ।

କୁକୁରଙ୍କର ଜାତି ଓ ଲକ୍ଷଣ—

ଶୁଭ୍ରାଦୀର୍ଘା ସ୍ତବ୍‌ଧକଣ୍ଠା ଲଘୁପୁଚ୍ଛା ସ୍ତନୂଦରାଃ
ସୁଶୁକ୍ଳଖରଦନ୍ତାଶ୍ଚ ଶ୍ୱାନସ୍ତେ ବ୍ରହ୍ମଜାତୟଃ ।
ରକ୍ତାଙ୍ଗାସ୍ତନୁଲୋମାନୋ ଲଲତ୍‌କର୍ଣାସ୍ତନୂଦରାଃ
ଦୀର୍ଘାଦୀର୍ଘା ନଖରଦାଃ ଶ୍ୱାନସ୍ତେ କ୍ଷତ୍ରଜାତୟଃ ।
ଯେ ପୀତବର୍ଣ୍ଣା ମୃଦବସ୍ତନ୍ତୁ ଲୋମାନ ଏବଚ
କୁବ୍ଜାକୁବ୍ଜା ଲଲଜ୍ଜିହ୍ୱାସ୍ତେ ଶ୍ୱାନୋ ବୈଶ୍ୟଜାତୟଃ ।
କୃଷ୍ଣବର୍ଣ୍ଣା ସ୍ତନୁମୁଖା ଦୀର୍ଘରୋମାଣ ଏବଚ
ଅକୁବ୍ଜାଃ ଶ୍ରମଯୁକ୍ତାଶ୍ଚ ତେ ଶ୍ୱାନଃ ଶୂଦ୍ରଜାତୟଃ ।
—ଭୋଜରାଜକୃତ ଯୁକ୍ତିକଳ୍ପତରୁଃ ॥

ଛୁଇଁବେ ନାହିଁ ବୋଲି ଲେଖା ହୋଇଛି । ଏଠାରେ ଛୁଇଁବାର ଅର୍ଥ, ଶୂଦ୍ର ଜାତିର ଅଶ୍ୱଙ୍କର ସତ୍ତ୍ୱ ଠାଣ ନଥିବାରୁ ସେମାନେ ରାଜାଙ୍କର କାମକୁ ପାଇବେ ନାହିଁ । ସେହିପରି ଲୋକେ ଶିକାର କରିବାକୁ, ଚୋରକୁ ସୁଂଘି ଧରିବାକୁ ଓ ଖୁସିରେ କୁକୁର ରଖନ୍ତି ; ଶୂଦ୍ରଜାତିର କୁକୁର ଏ କାମରୁ କୌଣସିଥିକୁ ପାଆନ୍ତି ନାହିଁ । ବ୍ରାହ୍ମଣ ଜାତିର କୁକୁର ବିବାହାଦି ଶୁଭକାର୍ଯ୍ୟରେ ପ୍ରୟୋଜନ ଓ ଶୂଦ୍ରଜାତୀୟ, ଅସ୍ପୃଶ୍ୟ ବୋଲି ତ କେହି ଅର୍ଥ କରନ୍ତି ନାହିଁ !

## ପୁରୁଷସୂକ୍ତର ଭାବାର୍ଥ

ଇଂରେଜ ପଣ୍ଡିତମାନେ କିନ୍ତୁ 'ପୁରୁଷ ସୂକ୍ତ'ର ଅର୍ଥକରି ମୁହଁରୁ ବାହାରିଥିବା ବ୍ରାହ୍ମଣ ଉଚ୍ଚ ଓ ପାଦରୁ ବାହାରିଥିବା ଶୂଦ୍ର ନୀଚ ବୋଲି ଅର୍ଥ କରିଛନ୍ତି । ପରମେଶ୍ୱରଙ୍କ ମହିମା ବର୍ଣ୍ଣନା କରିବାକୁ ଯାଇ ତାଙ୍କର ବହୁ ମସ୍ତକ, ବହୁ ଚକ୍ଷୁ ଓ ବହୁ ହସ୍ତ-ପଦ ଥିବାର କୁହାଯାଇଛି । ତାହାର ଅର୍ଥ, ସେ ବହୁକଥା ଏକ ସମୟରେ ଚିନ୍ତାକରି ପାରନ୍ତି, ସବୁଆଡ଼ ଦେଖୁଛନ୍ତି, ସେ ସର୍ବବ୍ୟାପୀ ଓ ସର୍ବକର୍ତ୍ତା । ଏହି ସୂକ୍ତର ଠିକ୍ ପୂର୍ବରୁ ଲେଖା ହୋଇଛି—ତାଙ୍କର ସୂର୍ଯ୍ୟ ଗୋଟିଏ ଆଖି, ଚନ୍ଦ୍ର ଆଉ ଗୋଟିଏ । ଉପମା ଅଳଙ୍କାରରେ କୁହା ହୋଇଥିବା ଏହି ବାଣୀର ଆକ୍ଷରିକ ଅର୍ଥ କଲେ ଭଗବାନଙ୍କର ଗୋଟିଏ ଆଖି ଖୁବ୍ ବଡ଼ (ସୂର୍ଯ୍ୟ) ଓ ଅନ୍ୟଟି ଛୋଟ (ଚନ୍ଦ୍ର) ବୋଲି ଏକ ଅପରୂପର ଧାରଣା କରିବାକୁ ହେବ । ତା'ର ପରେ ଅଛି, ବ୍ରାହ୍ମଣ ବିଶ୍ୱନିୟନ୍ତାଙ୍କର ମୁହଁ, କ୍ଷତ୍ରିୟ ବାହୁ ଓ ବୈଶ୍ୟ ତାଙ୍କର ଜଙ୍ଘ, ଶୂଦ୍ର ତାଙ୍କର ପାଦରୁ ଜାତ । ଏହାର ଏତିକି ମାତ୍ର ଭାବାର୍ଥ ହୋଇପାରେ—ବିଶ୍ୱ ପୁରୁଷଙ୍କର ବ୍ରାହ୍ମଣ ମୁହଁପରି, ଅର୍ଥାତ୍ ବ୍ରାହ୍ମଣର ବାଣୀରେ ବିଶ୍ୱ ନିୟନ୍ତ୍ରିତ

ହୋଇଛନ୍ତି, କ୍ଷତ୍ରିୟ ବିଶ୍ୱକୁ ରକ୍ଷା କରୁଛନ୍ତି, ବୈଶ୍ୟ ଏହାର ସ୍ଥିତିର କାରଣ, ଓ ଶୂଦ୍ର ପରିଶ୍ରମକାରୀ । ମୁହଁ ଓ ପାଦର ବଡ଼ ସାନରେ ଜାତିର ବଡ଼ ସାନ ହେଲେ ମୁହଁରୁ ବାହାରିଥିବା ଜାତିର ଛେପ ଖଙ୍କାର ସଫା କରିବା ପ୍ରୟୋଜନ । ନିଜ ଦେହର କୌଣସି ଅଙ୍ଗ ନିଜ ଦୃଷ୍ଟିରେ ନୀଚ ନୁହେ, ଏହା ଅଧିକ କହିବା ନିଷ୍ପ୍ରୟୋଜନ । ପୁଣି ଭଗବାନ୍‌ଙ୍କର ପାଦପଦ୍ମ ସମସ୍ତଙ୍କର ଧେୟ ଓ ପୂଜ୍ୟ । ଭେଦାଭେଦ ବିଷୟରେ ଶ୍ରୀମଦ୍‌ଭାଗବତ କହିଛନ୍ତି:—ଯକ୍ଷ, ରକ୍ଷ, ସ୍ତ୍ରୀ, ଶୂଦ୍ର, ଅଜ୍ଞାନୀ ଗ୍ରାମ୍ୟଜନ, ଜଳଚର, ଖେଚର, ଭୂନିଳୟ ସମସ୍ତ ପ୍ରାଣୀ, କୃମିପର୍ଯ୍ୟନ୍ତ ସମସ୍ତେ, ଭଗବାନଙ୍କର ସଙ୍ଗୀସାଥୀ ।*

ସମଗ୍ର ମନୁଷ୍ୟ ଜାତିକୁ ମୋଟାମୋଟି ଚାରି ଭାଗରେ ବିଭକ୍ତ କରି, ଦେଶୀ ବିଦେଶୀ, ଭଲ ମନ୍ଦ ନିର୍ବିଶେଷରେ ବିଭିନ୍ନ ମନୋବୃତ୍ତି ଓ କର୍ମକୁଶଳତା ଉପରେ ଜାତିଭେଦର ବ୍ୟବସ୍ଥା କରି, ହିନ୍ଦୁ ଯେଉଁ ଉଦାରତା ଦେଖାଇଛନ୍ତି ତାହା, ଆଦିମ କାଳରେ ଯେପରି ଆଜି ମଧ୍ୟ ସେହିପରି, ଅନ୍ୟତ୍ର ବିରଳ । ଧଳା କଳା, ଶତ୍ରୁ ମିତ୍ର, ଈଶ୍ୱରବିଶ୍ୱାସୀ ଓ ଅବିଶ୍ୱାସୀର ଭେଦ, ଆମ ସମାଜରେ କୌଣସି ସ୍ଥାୟୀ ପ୍ରଭାବ ପକାଇ ପାରିନାହିଁ । ବହିଃ ଶତ୍ରୁ ଓ ଅନ୍ତଃ-ଶତ୍ରୁ ସମସ୍ତେ କାଳକ୍ରମେ ହିନ୍ଦୁଧର୍ମର ଗଣ୍ଡିଭିତରେ ଭର୍ତ୍ତି ହୋଇ-ଯାଇଛନ୍ତି । ସମସ୍ତେ ଯେ ଖାଲି ଶୂଦ୍ର ଜାତିରେ ନିଆ ଯାଇଛନ୍ତି ତାହାର କୌଣସି ପ୍ରମାଣ ନାହିଁ । ଆର୍ଯ୍ୟମାନେ ଆସିବା ସମୟରେ ଭାରତରେ ଯେଉଁ ଲୋକେ ଥିଲେ ସେମାନଙ୍କ ଭିତରୁ ଉଚ୍ଚ କୋଟିର ଲୋକେ ବ୍ରାହ୍ମଣ, କ୍ଷତ୍ରିୟ ଓ ବୈଶ୍ୟ ହେବାର ପ୍ରମାଣ ଅଛି ।

---

* ଦୈତ୍ୟେୟା ! ଯକ୍ଷ ରକ୍ଷାଂସି ସ୍ତ୍ରିୟଃ ଶୂଦ୍ରା ବ୍ରଜୌକସଃ
ଖଗାମୃଗାଃ ପାପଜୀବାଃ ସନ୍ତି ହ୍ୟଚ୍ୟୁତତାଂ ଗତାଃ ॥

ଭାଗବତ ୭।୭।

ଆର୍ଯ୍ୟ ଧର୍ମ ଭିତରେ ପୂର୍ବ ପ୍ରଚଳିତ ଧର୍ମର ଦେବାଦେବୀ ମଧ୍ୟ ପଶିଛନ୍ତି । ଶାକ୍ତ ଧର୍ମର ସମ୍ୟକ୍ ଆଲୋଚନା କଲେ ଦେଖାଯିବ, ଶିବ ଶକ୍ତିଙ୍କ ସଙ୍ଗେ କେତେ ଅନାର୍ଯ୍ୟ ଜାତିର ଲୋକେ ବ୍ରାହ୍ମଣ ଓ ମାଳି ଜାତିରେ ପଶି ଯାଇଛନ୍ତି । ଏ ଯୁଗରେ ମଧ୍ୟ ସେ ପ୍ରକ୍ରିୟା ଚାଲିଛି । ଗୋଟିଏ ଉଦାହରଣ ଦିଆଯାଉ । ଢେଙ୍କାନାଳର କପିଳାସ ମହାଦେବଙ୍କର ଚନ୍ଦ୍ରାପତି ବୋଲି ଯେଉଁ ମାଳିମାନେ ଅଛନ୍ତି ସେମାନଙ୍କ ଐତିହ୍ୟ ଆଲୋଚନାଯୋଗ୍ୟ । ଓଡ଼ିଶାର ପ୍ରତି ମହାଦେବ ମନ୍ଦିର ଓ ଅସଂଖ୍ୟ ନାମଧାରିଣୀ ଶକ୍ତିଙ୍କର ମନ୍ଦିରର ପୂଜକମାନଙ୍କର ଜାତି ଆଲୋଚନା କଲେ ମଧ୍ୟ ବହୁକଥା ଜଣା-ପଡ଼ିବ । ପ୍ରମାଣିତ ହୋଇପାରିବ, ଅନ୍ୟ ଜାତିର ଲୋକ ବ୍ରାହ୍ମଣ ବୋଲାଇବାର ଯେତେ କଷ୍ଟ ବୋଲି ସାଧାରଣତଃ ବିଶ୍ୱାସ କରାଯାଏ, ତାହା ସେତେ ନୁହେଁ ।

କ୍ଷତ୍ରିୟ ହେବା ସେ କାଳରେ ସବୁଠାରୁ ସହଜ ଥିଲା । ଏ କାଳରେ ସିନା ଟଙ୍କା ବଳରେ ଚଷା, ଖଣ୍ଡାୟତ ଓ କ୍ଷତ୍ରିୟ ହୋଇ ପାରୁଛନ୍ତି । ସେ କାଳେ ବାହୁବଳ ଓ ପରାକ୍ରମରେ କ୍ଷତ୍ରିୟ ଜାତି ନିର୍ଣ୍ଣୀତ ହେଉଥିଲା । ରାଜପୁତମାନେ ବିଦେଶୀ ଆକ୍ରମଣକାରୀ ଦଳ । ଆମ ଓଡ଼ିଶାରେ ବହୁ ରାଜା ଓ ଜମିଦାର ସାବକରେ ଆଦି-ବାସୀ ଥିଲେ । ଏ ଯୁଗରେ ମଧ୍ୟ ଆଦିବାସୀ ଜମିଦାର କ୍ଷତ୍ରିୟଘରେ ବୈବାହିକ ସଂବନ୍ଧ କରି କ୍ଷତ୍ରିୟ ହେବାର ଦେଖାଯାଉଛି ।

ବୈଶ୍ୟ ହେବା ସବୁଠାରୁ ସହଜ । ଶୂଦ୍ରର କର୍ମକୁଶଳତା ସାଙ୍ଗକୁ, ସ୍ୱାଧୀନଭାବେ ଜୀବିକା ଅର୍ଜନ କରିବାର ସାମର୍ଥ୍ୟ ହେଲେ ସେ ବୈଶ୍ୟ ହେବାରେ ସେତେବେଳେ ଯେପରି ବାଧା ନଥିଲା, ଏବେ ସଂପତ୍ତି ବଢ଼ିଲେ ସେପରି ବାଧା ରହୁନାହିଁ । ଅନ୍ତ୍ୟଜମାନେ ଆଜି ବି ପ୍ରତିଦିନ ବୈଶ୍ୟତ୍ୱ ଓ କରଣତ୍ୱ ପାଉଛନ୍ତି ।

ସାଧାରଣତଃ କୁହାଯାଏ ସବର୍ଣ୍ଣ ହିନ୍ଦୁମାନେ ନୀଚଜାତିର ଲୋକଙ୍କ ଘରେ ନ ଖାଇବାରୁ ଓ ସେମାନଙ୍କୁ ନ ଛୁଇଁବାରୁ ଜାତିଭେଦର ଉତ୍କଟତା ବଢ଼ିଛି । ତାହା କେତେକାଂଶରେ ସତ୍ୟ, କିନ୍ତୁ ଖାଲି ତାହାରି ଯୋଗୁଁ ଜାତିଭେଦ ରହିଛି, ସେ ଉଠିଗଲେ ଜାତିଭେଦ ଉଠିଯିବ ତାହା ନୁହେ । ବ୍ରାହ୍ମଣ ଏହାର ମୂଳରେ ଅଛି ବୋଲି ମଧ୍ୟ କୁହାଯାଏ । ପୂର୍ବରେ ସୂଚିତ ହୋଇଛି, ଏ କଟକଣା ଉଠିଗଲେ ବ୍ରାହ୍ମଣର ଲାଭ । ପାଣି ଅସ୍ପର୍ଶ୍ୟ ଲୋକଙ୍କୁ ପାଣିସ୍ପର୍ଶ୍ୟ କଲେ ବ୍ରାହ୍ମଣକୁ ଭୂରିଭୋଜନ ମିଳନ୍ତା, ଦକ୍ଷିଣା ମିଳନ୍ତା ଓ ତା'ସଙ୍ଗକୁ ପ୍ରଶଂସା ବି ମିଳନ୍ତା । ପ୍ରଶଂସାର ମୂଲ୍ୟ ଏ ଯୁଗରେ ସେତେ ବୁଝା ନପଡ଼ୁଥିଲେ ମଧ୍ୟ ଭୋଜନର ମୂଲ୍ୟ ସମସ୍ତେ ବୁଝନ୍ତି । ବ୍ରାହ୍ମଣମାନେ ଭୋଜନର ନାମରେ ନୃତ୍ୟ କରନ୍ତି ବୋଲି ତ ପ୍ରବାଦ ଅଛି (ନୃତ୍ୟନ୍ତି ଭୋଜନେ ବିପ୍ରାଃ) । କହିବାର କଥା ; ଦେଶର ଅଧିକାଂଶ ବ୍ରାହ୍ମଣ ଅପେକ୍ଷାକୃତ ଦରିଦ୍ର । ଗୋଟିଏ ଗୋଟିଏ ବ୍ରାହ୍ମଣ ଶାସନର ଖତିଆନ୍ ଦେଖିଲେ ଜଣା ପଡ଼ିବ ଶହେକେ ୫ ଜଣଙ୍କର ମଧ୍ୟ ୫ ଏକରରୁ ଅଧିକ ଜମି ନାହିଁ । ବେଶୀ ଜମିଥିବା ଅଧିକାଂଶ ବ୍ରାହ୍ମଣ ସହରିଆ ବାବୁ, ସହରରେ ଧର୍ମର ସଂସ୍କାର ବା କୁସଂସ୍କାର ପ୍ରାୟ ମାନନ୍ତି ନାହିଁ । ଦରିଦ୍ର ବ୍ରାହ୍ମଣମାନେ ହିଁ ସାମାଜିକ କଟକଣା ଧରି ରହିଛନ୍ତି । କାହିଁକି ? ସାତ୍ତ୍ୱିକ ତ୍ୟାଗରେ ତ ନୁହେ । ଯୁଗ ପ୍ରଭାବରେ ସମସ୍ତେ ପଇସାର ଆକାଂକ୍ଷା ଅର୍ଜିଲେଣି । ତଥାପି ଲୋକମତର ପ୍ରଭାବରେ ସେମାନେ ଗୁଡ଼ିଆ ଘରେ ଜଳଖିଆ ଖାଇଲେ ବି ଶୁଣ୍ଡିଘରେ ଖାଇପାରୁ ନାହାନ୍ତି । ଏ ଲୋକମତ ଖାଲି ବ୍ରାହ୍ମଣଙ୍କର ନା ଅନ୍ୟ ଜାତିର ତାହା ଆଉ ଟିକିଏ ପରେ ଆଲୋଚିତ ହେବ ।

ଶାସ୍ତ୍ରର ଯୁକ୍ତି ଏ ଲୋକମତର ଅନୁକୂଳ ନୁହେ । ଶୂଦ୍ରଘରେ ଘିଅ ଖାଇବାକୁ ମଧ୍ୟ ଶାସ୍ତ୍ରରେ ମନା ନାହିଁ । ପରାଶର ସଂହିତା, ଯାହାକି ପ୍ରଚଳିତ ସ୍ମୃତି, ସେଥିରେ ଅଛି, ଶୂଦ୍ରଘରର ଭାତ *, ବ୍ରାହ୍ମଣ ତାହା ଗ୍ରହଣ କଲା ପର୍ଯ୍ୟନ୍ତ ଶୂଦ୍ରାନ୍ନ ହୋଇଥାଏ । ବ୍ରାହ୍ମଣ ଗ୍ରହଣ କଲେ ସେ ସବୁ ଦେବଭୋଗ୍ୟ ହୋଇଯାଏ † । ବ୍ରାହ୍ମଣ ଉପରେ ବଡ଼ର ଗୁଡ଼ ଦିଆ ହୋଇଛି, ମନ ହେଲେ ସେ ଶୂଦ୍ରଘରେ ଖାଇବ ; କିନ୍ତୁ ସତର୍କ କରି ଦିଆ ହୋଇଛି, ଶୂଦ୍ରଠାରୁ ଅନ୍ନ ଗ୍ରହଣ କଲାବେଳେ ସାବଧାନରେ ଗ୍ରହଣ କରିବ । ଶୂଦ୍ରର ନିଜ ପେଟ ପୋଷିବା ଧର୍ମ୍ମଧର ; ସେ ଯଦି ଦେବ, ନିଜ ପେଟ କାଟିକରି ଦେବ ; ଅଭାବଗ୍ରସ୍ତ ଶୂଦ୍ରର ରକ୍ତ ଶୋଷିବା ଠିକ୍ ହେବ ନାହିଁ । ବୃହତ୍ ପରାଶର ସଂହିତାରେ ଅଛି:— ବ୍ରାହ୍ମଣଘର ଭାତ ଅମୃତ ପରି, ସେ ସ୍ୱଚ୍ଛମନରେ ଦିଏ ; କ୍ଷତ୍ରିୟଘରର ଅନ୍ନ, ତା'ଠାରୁ ଟିକିଏ କମ୍, ଦୁଧପରି, ସେ ନିଜର ବଡ଼ପଣ ରଖିବାକୁ ଦିଏ ; ବୈଶ୍ୟଘରର ଅନ୍ନ, ଅନ୍ନ ; ସେ ଦିଏ ବ୍ୟବସାୟ ବୁଦ୍ଧିରେ, ପ୍ରତିଦାନରେ କାମ ପାଇବ ବୋଲି ; କିନ୍ତୁ ଶୂଦ୍ରର ଅନ୍ନ ରକ୍ତପରି, ସେ ତା ପେଟରୁ କାଟି ଦେବ । ତେଣୁ

---

* ଶସ୍ୟଂ କ୍ଷେତ୍ରଗତଂ ପ୍ରାହୁଃ ସତୁଷଂ ଧାନ୍ୟମୁଚ୍ୟତେ
ଆମଂ ବିତୁଷମିତ୍ୟୁକ୍ତଂ ସ୍ୱିନ୍ନମନ୍ନ ମୁଦାହୃତମ୍—
ଶ୍ରାଦ୍ଧତତ୍ତ୍ୱଧୃତ ବଶିଷ୍ଠବଚନମ୍ ।

ଧାନ, କ୍ଷେତରେ ଥିଲାବେଳେ ଶସ୍ୟ, ବେଙ୍ଗଲା ପଡ଼ସାରିଲେ ଧାନ୍ୟ, କୁଟା ହେଲା ପରେ ଆମ, ଓ ରନ୍ଧା ହେଲା ପରେ ଅନ୍ନ ବୋଲାଏ ।

† ତାବଦ୍ ଭବତି ଶୂଦ୍ରାନ୍ନଂ ଯାବନ୍ନ ସ୍ପୃଶତି ଦ୍ୱିଜଃ
ଦ୍ୱିଜାତିକରସଂସ୍ପୃଷ୍ଟଂ ସର୍ବଂ ତଦ୍ ହବିରୁଚ୍ୟତେ ॥
—ପରାଶର ।

ସତ୍‌ବ୍ରାହ୍ମଣ (ଅତି ଅକଳରେ ନପଡ଼ିଲେ) ଯଜ୍ଞ ନିମନ୍ତେ ବି ତାଠାରୁ ଭିକ୍ଷା ଗ୍ରହଣ କରିବ ନାହିଁ । * ଖାଲି ବ୍ରାହ୍ମଣ ବୋଲାଇଲେ ଯେ ତା ଅନ୍ନ ଅମୃତ ହୋଇଯିବ ତାହା ନୁହେ ।

## ବ୍ରାହ୍ମଣ ଚଣ୍ଡାଳ

ଏ ସଂବଂଧରେ ଗୋଟିଏ ପୌରାଣିକ ଆଖ୍ୟାୟିକା ଅଛି । ଜଣେ ଋଷି ଅସୁସ୍ଥ ହେବାରୁ ଭଗବାନ୍‌ଙ୍କୁ ମାଗିଲେ, ତାଙ୍କର ଜପରି ଦେହାନ୍ତ ହେଉ । ତାଙ୍କୁ ବର ମିଳିଲା, ସେ ଯଦି ଜଣେ ଚଣ୍ଡାଳ ଘରେ ଖାଇବେ ତେବେ ତାଙ୍କର ମୃତ୍ୟୁ ହେବ । ଋଷି ଜଣେ ଚଣ୍ଡାଳ ଘରେ ଭିକ୍ଷା କଲେ । ଚଣ୍ଡାଳ ତାଙ୍କୁ ଅନ୍ନ ଦେବାକୁ ପ୍ରଥମେ ଡରୁଥିଲା । ଋଷି ବଳାଇବାରୁ ସେ ଯଥାସାଧ୍ୟ ଶୁଦ୍ଧଭାବରେ ଭାତ ପୁଞ୍ଜିଏ ରାନ୍ଧି ତାଙ୍କୁ ଦେଲା । ତାହା ଖାଇବା ପରେ ଋଷି ମରିବେ କଣ, ସୁସ୍ଥ ହୋଇଗଲେ । ସେ ଯାଇ ଭଗବାନ୍‌ଙ୍କ ପାଖେ ଅଭିଯୋଗ କଲେ ଯେ ଭଗବାନ୍ ତାଙ୍କୁ ଠକିଛନ୍ତି । ଭଗବାନ୍ କହିଲେ, "ତୁମେ ଯଦି ପ୍ରକୃତି ଚଣ୍ଡାଳ ଠାରୁ ଭିକ୍ଷା କରିଥାନ୍ତି ତେବେ ମୋ କଥା ଫଳିଥାନ୍ତା ।" ଭଗବାନ୍ ପାଖ ଗାଁର ଜଣେ ବ୍ରାହ୍ମଣଙ୍କ ଘର ବତାଇ ଦେଲେ ଓ ତାଙ୍କ ଘରୁ ଖାଇଲେ କଣ ହେବ ଦେଖିବାକୁ କହିଲେ । ସେଇ ବ୍ରାହ୍ମଣଙ୍କ ଦୁଆରେ ଯାଇ ଋଷି ବସିଲେ । ବ୍ରାହ୍ମଣ ଦମ୍ପତି ଋଷିଙ୍କୁ ଛି ଛି କରି ଘଉଡ଼ିଲେ । ଋଷି ନ ଯିବାରୁ ଅତି ଅଶ୍ରଦ୍ଧାରେ କୁକୁରକୁ ଦେଲା ପରି ତାଙ୍କୁ ପୁଞ୍ଜିଏ ବାଢ଼ିଦେଲେ । ସେତକ ମୁହଁକୁ ଯାଇଛି କି ନାହିଁ ଋଷିଙ୍କର ଦେହତ୍ୟାଗ ହେଲା । ଯେଉଁ ବ୍ରାହ୍ମଣମାନେ ନିଜଧର୍ମରେ ନରହନ୍ତି,

---

* ଅମୃତଂ ବ୍ରାହ୍ମଣ ସ୍ୟାନ୍ନଂ କ୍ଷତ୍ରିୟାନ୍ନଂ ପୟଃସ୍ମୃତଃ
ଶୂଦ୍ର ସ୍ୟଚାନ୍ନମେବାନ୍ନଂ ଶୂଦ୍ରାନ୍ନଂ ରୁଧିରଂ ସ୍ମୃତଂ
ତସ୍ମାତ୍ ଶୂଦ୍ରଂ ନଭିକ୍ଷେତ ଯଜ୍ଞାର୍ଥଂ ସଦ୍‌ଦ୍ୱିଜାଗ୍ରେଚ ।

ଶ୍ରଦ୍ଧାରେ ଅତିଥିଙ୍କୁ ପୂଜିଏ ନ ଦିଅନ୍ତି ତାହାଙ୍କୁ ପ୍ରତିବେଶୀମାନେ ଏବେ ମଧ୍ୟ 'ଚଣ୍ଡାଳଟାଏ' ବୋଲି କହନ୍ତି ।

**ଅସ୍ପୃଶ୍ୟତା—**

ଶୂଦ୍ର ନୀଚ ହୋଇଥିବାରୁ ତା ଦାନ ରକ୍ତ ବୋଲି ଉପେକ୍ଷିତ ହେବା ଯୁକ୍ତିଯୁକ୍ତ ବୋଧ ହେଉନାହିଁ, କାରଣ—ବହ୍ନି ପୁରାଣରେ ଅଛି, "ଯେଉଁ ଶୂଦ୍ରମାନେ ଦାନତତ୍ପର ବା ଦାନ କରିବାକୁ ସମର୍ଥ, ନିଜ ସମାଜର ନିୟମମାନ ଚଳୁଛନ୍ତି, ବ୍ରାହ୍ମଣଙ୍କୁ ଶ୍ରଦ୍ଧା କରନ୍ତି, ସେମାନଙ୍କ ଅନ୍ନ ବ୍ରାହ୍ମଣ ଆଦରରେ ଗ୍ରହଣ କରିବାର କଥା । ଏହା ପୂର୍ବକାଳର ଋଷିମୁନିଙ୍କ ଦିନୁଁ ଚଳି ଆସୁଛି । *

ଯେପରି ମନେ ହେଉଛି, ଶୂଦ୍ରମାନଙ୍କୁ ଶୋଷଣରୁ ରକ୍ଷା କରିବା ପାଇଁ ତାଙ୍କଠାରୁ ଦାନଗ୍ରହଣ କରିବାରେ କଟକଣା ରଖା ଯାଇଥିଲା । କୂର୍ମ ପୁରାଣରେ ଅଛି:—ଆର୍ତ୍ତିକ, କୁଳମିତ୍ର, ଗୋପାଳ, କେଉଟ, ଭଣ୍ଡାରି, ନାଠୁଆ, କୁମ୍ଭାର ଓ କୃଷୀ—ଏହି ଏହି ଶୂଦ୍ର-ଜାତିର ଲୋକେ ଯଦି ଖାଇବାକୁ ଯାଚନ୍ତି, ତେବେ ତାଙ୍କୁ ସାମାନ୍ୟ କିଛି ପଇସା ଦେଇ ତାଙ୍କ ଘରେ ଖାଇବା ଚଳିବ ବୋଲି ପଣ୍ଡିତ-ମାନେ ମନେ କରନ୍ତି † ।

---

* ଶୂଦ୍ରାସ୍ତୁ ଯେ ଦାନପରା ଭବନ୍ତି ବ୍ରତାନ୍ୱିତାଃ ବିପ୍ରପରାୟଣାସ୍ତୁ
ଅନ୍ନଂହି ତେଷାଂ ସତତଂ ସୁଭୋଜ୍ୟଂ ଭବେଦ୍ଦ୍ୱିଜେ ଦୃଷ୍ଟମିଦଂ ପୁରାତନୈଃ ।
ବହ୍ନିପୁରାଣ, ବ୍ରତଦାନାଧ୍ୟାୟଃ ।

† ଆର୍ତ୍ତିକଃ କୁଳମିତ୍ରଂଚ ଗୋପାଲୋ ଦାସନାପିତୌ
ଏତେ ଶୂଦ୍ରେଷୁ ଭୋଜ୍ୟାନ୍ନା ଯଶ୍ଚାତ୍ମାନଂ ନିବେଦୟେତ୍
କୁଶୀଲବଃ କୁମ୍ଭକାରଃ କ୍ଷେତ୍ରକର୍ମକ ଏବ ଚ
ଏତେ ଶୂଦ୍ରେଷୁ ଭୋଜ୍ୟାନ୍ନା ଦତ୍ତ୍ୱା ସ୍ୱଳ୍ପ ପଣଂ ବୁଧୈଃ ।
କୂର୍ମ—ଉପବିଭାଗ, ୧୬ଶ ଅଧ୍ୟାୟ

ଶୂଦ୍ର ହାତରୁ ପାଣି ଖାଇବା ଓ ଘୃତ ଖାଇବାର ବ୍ୟବସ୍ଥା ଶାସ୍ତ୍ରରେ ଥିବାଠାରେ, ଛୁଆଁ ଅଛୁଆଁ ବିଷୟରେ ବିଶେଷ କଟକଣା ଯେ ନ ଥିବ ତାହା କହିବା ବାହୁଲ୍ୟ । ଯେଉଁମାନେ ଚଣ୍ଡାଳ ଓ ଶ୍ୱପାକ କେବଳ ସେହିମାନଙ୍କୁ ଛୁଇଁବା ବିଷୟରେ କଟକଣା କୌଣସି କୌଣସି ସ୍ମୃତି ଓ ପୁରାଣରେ ଅଛି । ରଜସ୍ୱଳା ଅବସ୍ଥାରେ ନିଜ ସ୍ତ୍ରୀକୁ ଛୁଇଁଲେ ଯେତିକି ଦୋଷ, ଚଣ୍ଡାଳ ଓ ଶ୍ୱପାକଙ୍କୁ ଛୁଇଁଲେ ସେତିକି ଦୋଷ ବୋଲି ଲେଖା ହୋଇଛି । ଗାଧୋଇପଡ଼ିଲେ ଗଲା । ପଇତା ଲଗାଇବାକୁ ମଧ୍ୟ ହୁଏ ନାହିଁ । ଏ ବିଷୟରେ ମଧ୍ୟ ଛୁଡ଼ି ଅଛି—ହାଟରେ, ବାଟରେ, ଡଙ୍ଗା ପାର-ହେଲାବେଳେ, ଆଜିକାଲି ରେଳରେ ମଧ୍ୟ, ସଭା ସମିତିରେ, ମେଳନରେ ଓ ବିବାହ ବ୍ରତାଦି ଶୁଭ କାର୍ଯ୍ୟରେ ହେଉଥିବା ଜନଗହଳରେ, ଯାତ୍ରାପଥରେ, ଖେଳ କସରତ ଆଖଡ଼ାରେ, ଯହିଁରେ ହାଡ଼ିମାନେ ବାଇଦ ବଜାନ୍ତି—ଏସବୁ ସ୍ଥଳରେ ହାଡ଼ିଛୁଆଁ ଚଣ୍ଡାଳ ଛୁଆଁ ଧରାଯାଏ ନାହିଁ ।

## ଅସ୍ପୃଶ୍ୟତାର ଉତ୍ପତ୍ତି ନୀଚପ୍ରତି ଦୟାରେ—

ଏ ଅସ୍ପୃଶ୍ୟତା ମୂଳରେ ପୁଣି ଶ୍ରେଷ୍ଠ ଜାତି ଲୋକଙ୍କୁ ଘୃଣା ଅପେକ୍ଷା ଦୟା ବେଶୀ ଥିଲା ବୋଲି ମନେହୁଏ । ସେମାନେ ସାମାଜିକ ଓ ବୈଷୟିକ ଦୃଷ୍ଟିରେ ପତିତ, ଆତ୍ମରକ୍ଷା କରିବାକୁ ଅସମର୍ଥ ଥିବାରୁ ତାଙ୍କ ପ୍ରତି ଅତ୍ୟାଚାର ହେବାର ସମ୍ଭାବନା ଥିଲା । ତାହା ଦୂର କରିବା ପାଇଁ ସେମାନଙ୍କୁ ଛୁଅଁ ନାହିଁ ବୋଲି ବ୍ୟବସ୍ଥା ହୋଇଥିବା ପରି ଜଣାଯାଏ । ଏ ସମ୍ପର୍କରେ ସ୍ମୃତିର ଗୋଟିଏ ବ୍ୟବସ୍ଥା ଏଠାରେ ଉଲ୍ଲେଖ-ଯୋଗ୍ୟ । ପରାଶର ସଂହିତାରେ ଅଛି —ଚଣ୍ଡାଳ, ଶ୍ୱପାକ, ଗୋରୁ ଓ ଅନ୍ୟ ବ୍ରାହ୍ମଣ ହାତରେ ଯଦି କୌଣସି ନୈଷ୍ଠିକ ବ୍ରାହ୍ମଣ

ମଧ୍ୟ ହତ ହୁଅନ୍ତି, ତେବେ ସେପରି ହତ ହୋଇଥିବା ବ୍ରାହ୍ମଣ ଆତ୍ମଘାତୀ ବୋଲି ଧରାଯିବେ *। ( ଆତ୍ମଘାତୀଙ୍କର ଶ୍ରାଦ୍ଧାଦି ଔର୍ଦ୍ଧ୍ୱଦୈହିକ କ୍ରିୟା ହୁଏନାହିଁ । ତାଙ୍କର ଶୁଦ୍ଧିକ୍ରିୟା ନ ହେବାରୁ ସେ ଭୂତ ହୋଇ ରହିବେ ।) ଏହାର ମୂଳରେ ଥିବା ମତ ସ୍ପଷ୍ଟ । ଚଣ୍ଡାଳ ପତିତ, ଶ୍ୱପାକ ଅତି ଦରିଦ୍ର, କୁକୁର ଖାଇ ପେଟ ପୋଷେ, ଗାଈ ନିରୀହ, ବ୍ରାହ୍ମଣର ବର୍ଚ୍ଚର ଶକ୍ତି ଓ କ୍ଷମା ବଳ, ଏମାନଙ୍କ ଆତ୍ମାକୁ କମ୍ ନ ବାଧିଲେ ଏମାନେ କାହାକୁ, ବିଶେଷ କରି ନୈଷ୍ଠିକ ବ୍ରାହ୍ମଣକୁ ପ୍ରାଣରେ ମାରିଦେବାକୁ ବାହାରିବା ଅସମ୍ଭବ । ଏମାନଙ୍କ ମଧ୍ୟରୁ କେହି ଯଦି ମାରୁଛି, ତେବେ ଧରିନେବାକୁ ହେବ ମାରିଥିବା ବ୍ୟକ୍ତି ଘାତକକୁ ଅତିମାତ୍ରାରେ କଷ୍ଟ ଦେଇଛି, ଚିଡ଼େଇ ଦେଇଛି । ତେଣୁ ସେ ଏମାନଙ୍କ ଦ୍ୱାରା ମରିନାହିଁ ଯେ, ଆପଣା ଗୁଣରେ ମରିଛି ।

## ଗ୍ରାମ୍ୟ ବିବାଦରେ ଅସ୍ପୃଶ୍ୟତା

ଆଜିକାଲି ମଧ୍ୟ ଏଇ ମତିରେ ମଫସଲରେ ହାଡ଼ି ପାଣ ଓ ଉଚ୍ଚତର ବର୍ଣ୍ଣ ଲୋକଙ୍କ ଭିତରେ ଲାଗୁଥିବା ଗୋଳମାଳରେ ନ୍ୟାୟ ହେଉଛି । ହାଡ଼ି ଉପରେ ରାଗିଗଲେ, ଗାଳିଦେଇ ଯଦି ରାଗ ଶାନ୍ତ ନ ହେଲା ତେବେ, ଉଚ୍ଚ ଜାତିର ଲୋକେ ରାଗରେ କାଠଖଣ୍ଡେ ଗୋଡ଼ିଟେ ତା' ଉପରକୁ ଫୋପାଡ଼ନ୍ତି । ଏପରି ରାଗି-ଯାଉଥିବା ବ୍ୟକ୍ତି ନିଜ ଅଭିଜ୍ଞତାରୁ ବୁଝିଥିବେ ଟେକାଟେ ଫୋପାଡ଼ିବା ବେଳେ ମନକୁ ମନ ରାଗ ଶାନ୍ତ ହୋଇଯାଏ, ଏବଂ ଲକ୍ଷ୍ୟ ଯେପରି ଭ୍ରଷ୍ଟ ହେବ ତାହା ପାଇଁ ଆପେ ଆପେ ବ୍ୟବସ୍ଥା

---

* ଚଣ୍ଡାଳେନ ଶ୍ୱପାକେନ ଗୋଭିର୍ବିପ୍ରୈର୍ହତୋ ଯଦି
ଅହିତାଗ୍ନିର୍ମୃତୋ ବିପ୍ରୋ ବିଶେଷେଣାତ୍ମଘାତକଃ ।
—ପରାଶର ।

ହୋଇଯାଏ । ଅସ୍ପୃଶ୍ୟତା ସେତେବେଳେ ଅସ୍ପୃଶ୍ୟକୁ ରକ୍ଷାକରେ। ଏଠାରେ କଚ୍ଛବନ ପୂର୍ବେ ଖୋର୍ଦ୍ଧାର ଗୋଟିଏ ଗାଁରେ ହୋଇଥିବା ଗୋଟିଏ ଘଟଣାର ଉଲ୍ଲେଖ କରାଯାଇ ପାରେ । ଜଣେ ତେଲିର କ୍ଷେତରେ ହାଡ଼ିମାନେ ଅନଧିକାର ପ୍ରବେଶ କରି ଫସଲ କାଟିନେଲେ । ତେଲିମାନେ ବାଧାଦେବାକୁ ଗଲେ; ଗାଳିଫଜିତ କରି ଠେକା ଫୋପାଡ଼ିଲେ । ହରିଜନମାନେ ଧାନ ତ କାଟିକରି ନେଲେ, ଓଲଟି ଗାଳିରେ ଉତ୍ତ୍ୟକ୍ତ ହୋଇ ତେଲିଙ୍କୁ ମାଡ଼ ଚଢ଼ାଇଲେ । ନ୍ୟାୟରେ ହରିଜନମାନଙ୍କର କାଇଲି ହେଲା । ଧାନ ପାଇଁ କ୍ଷତିପୂରଣ ସେମାନଙ୍କ ଉପରେ ଫାବିଲା । କିନ୍ତୁ ତାଙ୍କ ପଇସା ତେଲି ଗ୍ରହଣ କରିବେ ନାହିଁ ବୋଲି କ୍ଷତିପୂରଣ ଗୁଡ଼ା ହେଲା । ଜାତିଆଣରେ ଦାବୀ ହେଲା, ଯେଉଁ ତେଲିମାନେ ହାଡ଼ିହାତରୁ ମାଡ଼ ଖାଇଛନ୍ତି ସେମାନେ ଜାତି ହେବେ, ଅର୍ଥାତ୍ ସାତପାଟଣାର ଭାଇଙ୍କୁ ବଳ୍କେ ଡାଲିଭାତ ଖୁଆଇବେ । ଏପରି କରିବା ଅନ୍ୟାୟ ହେବ ବୋଲି ସୂଚାଇବାରୁ, ତେଲିଙ୍କର ଗ୍ରାମୀଣ (ଆଜିକାଲି ହିସାବରେ ଜଣେ ଖୁବ୍ ଅଶିକ୍ଷିତ ଓ ଦରିଦ୍ର ଲୋକ ) ଜବାବ ଦେଲେ, "ସ୍ୱଭି, ମାଡ଼ ଖାଇଥିବା ଲୋକଙ୍କର, କିନ୍ତୁ ଗୋଳମାଳ ବଢ଼ି ମାଡ଼ ହେବା ପର୍ଯ୍ୟନ୍ତ ଗଲା କାହିଁକି ? ଶେଷରେ ପଞ୍ଚାୟତରେ କଥାଟିର ନିଷ୍ପତ୍ତି ହେଲା । ଘଟଣାର ବହୁ ପୂର୍ବରୁ ପଞ୍ଚାୟତ ବସାଇଥିଲେ ଚଳିଥାନ୍ତା । ହାଡ଼ିମାନେ ତ ଅଗୁନକ ଭାବେ କ୍ଷେତରେ ପଶି ନ ଥିବେ ! ଘଟଣା ସ୍ଥଳକୁ ନ ଯାଇ ପଞ୍ଚାୟତର ନିଷ୍ପତ୍ତିକୁ ଅପେକ୍ଷା କରିଥିଲେ ବି ହୋଇଥାନ୍ତା ।" ଏହା କହିବାସତ୍ତ୍ୱେ ସ୍ଥାମୀୟ ଭଦ୍ରଲୋକଙ୍କ ଅନୁରୋଧରେ ସେ ଗୁମୁଣ୍ଡିଆ ବାନ୍ଧିବାରେ ଜିଦ୍ କଲେନାହିଁ । ସମଗ୍ର ଓଡ଼ିଶାର ତେଲି-ମହାଜନଙ୍କ ସଭା ବସି ସତ୍ତ୍ୱାସତ୍ତ୍ୱ ଉପରେ ଛୁଆଁ ଛୁତ ଧରାଯିବ

ନାହିଁ ବୋଲି ଇତିମଧ୍ୟରେ ସ୍ଥିର କଲେଣି । ଆଧୁନିକ ଶିକ୍ଷିତଙ୍କ ପ୍ରଭାବରେ ଏ ନିଷ୍ପତ୍ତି ହୋଇଥିବ, କିନ୍ତୁ ଅଶିକ୍ଷିତ(!) ଗ୍ରାମୀଣ ଯେଉଁ ମତ ଦେଇଥିଲେ ତାହା ପ୍ରଣିଧାନ-ଯୋଗ୍ୟ ।

ଗ୍ରାମ ପଞ୍ଚାୟତର ନିଷ୍ପତ୍ତିମାନ ଟିକିଏ ଧ୍ୟାନ ଦେଇ ଶୁଣିଲେ, ବହୁସ୍ଥଳରେ ଦେଖାଯିବ, ଶାସ୍ତ୍ର ପୁରାଣରେ ଚଣ୍ଡାଳ ଓ ଶ୍ୱପାକମାନଙ୍କ ପ୍ରତି ଯେଉଁ ଆଭିମୁଖ୍ୟ ନିର୍ଦ୍ଦିଷ୍ଟ ହୋଇଛି ତାହା ଅଦ୍ୟାପି ମଫସଲର ବହୁ ଗ୍ରାମରେ ଦେଖା ଯାଉଛି । କିନ୍ତୁ ସେଠାରେ ବି ଆମ ସଂସ୍କୃତିର ପରଂପରା ଛିଣ୍ଡିଯାଉଥିବାରୁ, ପ୍ରୟୋଜନ ବେଳେ ଯଥାଯଥ ନେତୃତ୍ୱ ମିଳୁ ନାହିଁ ।

## ଷୋଡ଼ଶ ମାତୃକାରେ ଭୃତ୍ୟପତ୍ନୀ

ଶୂଦ୍ରର ଇଜ୍ଜତ ରକ୍ଷା କରିବାକୁ 'ଭୃତ୍ୟପତ୍ନୀ'କୁ ଷୋଡ଼ଶ ମାତୃକାର ଅନ୍ତର୍ଭୁକ୍ତ କରା ହୋଇଥିଲା ପରି ମନେ ହେଉଛି । * ଶୂଦ୍ରା ସ୍ତ୍ରୀ ଗମନ କଲେ କଡ଼ା ଦଣ୍ଡର ବ୍ୟବସ୍ଥା ହୋଇଛି । ବ୍ରାହ୍ମଣ ଯଦି ଶୂଦ୍ରା ଗମନ କରେ ତେବେ ସେ ବୃଷଲୀପତି ବୋଲାଇବ । ଶାସ୍ତ୍ରରେ ଅଛି ସେ ବିପ୍ରଜାତିରୁ ଭ୍ରଷ୍ଟ ହେବ ଓ ଚଣ୍ଡାଳଠାରୁ ମଧ୍ୟ ଅଧମ ବୋଲି ପରିଗଣିତ ହେବ । †

---

* ଷୋଡ଼ଶ ମାତରଃ—

ଗୁରୁପତ୍ନୀ ରାଜପତ୍ନୀ ଦେବପତ୍ନୀ ତଥା ବଧୂଃ
ପିତ୍ରୋଃ ସ୍ୱସା ଶିଷ୍ୟପତ୍ନୀ ଭୃତ୍ୟପତ୍ନୀ ଚ ମାତୁଲୀ
ପିତୃପତ୍ନୀ ଭ୍ରାତୃପତ୍ନୀ ଶ୍ୱଶ୍ରୁଶ୍ଚ ଭଗିନୀ ସୁତା
ଗର୍ଭଧାତ୍ରୀଷ୍ଟଦେବୀ ଚ ପୁଂସଃ ଷୋଡ଼ଶମାତରଃ ।

ବ୍ରହ୍ମବୈବର୍ତ୍ତ—ଅଧ୍ୟାୟ, ୫୯ ।

† ଯଦି ଶୁଦ୍ରାଂ ବ୍ରଜେଦ୍ ବିପ୍ରୋ ବୃଷଲୀପତି ରେବ ସଃ
ସ ଭ୍ରଷ୍ଟୋ ବିପ୍ରଜାତେଶ୍ଚ ଚଣ୍ଡାଲାତ୍ ସୋଽଧମଃ ସ୍ମୃତଃ ।

ବ୍ରହ୍ମବୈବର୍ତ୍ତ, ପ୍ରକୃତିଖଣ୍ଡ ।

ଏ ସବୁର ଆଲୋଚନା ଏବକୁ ପ୍ରାୟ ଲୋପ ହୋଇ ଯାଇ-ଥିବାରୁ ଲୋକସାଧାରଣଙ୍କ ଚିନ୍ତାର ଉଦାରତା ଲୋପ ହୋଇଛି । ନିଜ ମନର ପ୍ରତିଷ୍ଠିତ ଭାବ ବର୍ତ୍ତମାନ ଶାସ୍ତ୍ର ପୁରାଣର ସ୍ଥାନ ଅଧିକାର କରିଛି । ଲୋକରେ ଯାହା ଗୃହୀତ ହେବ ତାହା ଠିକ୍ ବୋଲି ଧରି ନିଆଯାଉଛି । ଠିକ୍ କଥା ଲୋକେ କିପରି ଗ୍ରହଣ କରିବେ ସେଥିପାଇଁ ଯେ ଉଦ୍ୟମ କରିବାର କଥା, ସେ ଉଚିତକର ଲୋକାଗ୍ରହ, କୁଳାଗ୍ରହ ନାମରେ ଗତାନୁଗତିକ କଥାକୁ ଧରି ଚାଲୁଛନ୍ତି । ସାଧାରଣ ଅଶିକ୍ଷିତ ଲୋକେ ନିଜର ଜାତିଆଣର ନିୟନ୍ତ୍ରଣରେ ଅଛନ୍ତି, ଯେଉଁମାନେ ପାଠ ପଢ଼ିଛନ୍ତି, ଗ୍ରାମର ବେଷ୍ଟନୀରୁ ବାହାର ଆସିଛନ୍ତି, ସେମାନେ ନିଜର ସ୍ୱାର୍ଥ ଯେଉଁ ଆଡ଼କୁ ବାଟ କଢ଼ାଉଛି ସେଇଆଡ଼େ ମାଡ଼ି ଚାଲିଛନ୍ତି ।

## ପୁରୁଷାନୁକ୍ରମିକ ଜାତି

ଏପରି ଯେ ଖାଲି ଆଜି ହେଉଛି ତାହା ନୁହେ । ଆମ ଦେଶ ବହୁ ପୁରୁଣା ଦେଶ,—ବିଦେଶୀ ସ୍ୱଦେଶୀ ତାଡ଼ନାରେ ବହୁବାର ଆମ ପରମ୍ପରା ଦୋହଲି ଯାଇଛି ।

ଚାତୁର୍ବର୍ଣ୍ଣ୍ୟର ଉତ୍ପତ୍ତି ଯେତେ ଯୁକ୍ତିଯୁକ୍ତ ଭାବେ ହୋଇ-ଥିଲେହେଁ କାଳରେ ତାହା ପୁରୁଷାନୁକ୍ରମିକ ଜାତିରେ ପର୍ଯ୍ୟବସିତ ହୋଇଗଲା । ଏପରି ହେବା ଖାଲି ସ୍ୱାଭାବିକ ନୁହେ, ଏପରି ହେବା ଦ୍ୱାରା ସମାଜର ଅଗ୍ରଗତି ପ୍ରଥମେ ସୁକର ହୋଇଥିଲା । ବିଦ୍ୟା, କଳା ଓ ସଂସ୍କୃତିରେ ପ୍ରାଚୀନ ଭାରତ ଯେ ବିଶେଷ ଉନ୍ନତି କରିଥିଲା ତାହା ଏହି ପୁରୁଷାନୁକ୍ରମିକ ଜାତି ଯୋଗୁଁ ହୋଇ ପାରିଥିଲା ବୋଲି କହିଲେ ଅତ୍ୟୁକ୍ତି ହେବନାହିଁ । ଆଜି ଆମେ ଦେଖୁଥାଇଁ, ବହୁ ସ୍ଥଳରେ ଶିକ୍ଷକର ପୁଅ ହାତରେ ଭଲ ପାଠ

ହେଉଛି । ଡାକ୍ତରର ପୁଅ ପାଠ ପଢ଼ି ଜାଣିବା ପୂର୍ବରୁ ମଧ୍ୟ ଯେପରି ଡାକ୍ତରି ବିଷୟରେ ଗୁଡ଼ିଏ ସାଧାରଣ କଥା ଶିଖିଯାଇ ପାରୁଛି, ସେହିପରି ମଟର ଚଳାଇ ଜାଣୁଥିବା ବାପର ପୁଅ, ନିଜେ ଯନ୍ତ୍ରରେ ହାତ ଦେବାର ବହୁ ଆଗରୁ, କେଉଁ ଯନ୍ତ୍ର କ'ଣ ତାହା ଜାଣିଯାଉଛି । ଆଜିକାଲି ୱକିଲତି, ଡାକ୍ତରି, ଇଂଜିନିୟରିଙ୍ଗ୍ ସବୁଥିପାଇଁ ସାଧାରଣ ଶିକ୍ଷାରେ ଉତ୍କର୍ଷ ଲୋଡ଼ା ହେଉଥିବାରୁ ପିଲାଦିନେ ଅର୍ଜିଥିବା ଏ ଜ୍ଞାନ ସବୁ ପିଲାଙ୍କର କାମରେ ଆସୁନାହିଁ । ଡାକ୍ତର ପୁଅର ପିଲାଦିନରୁ ଡାକ୍ତରି ପଢିବାକୁ ହୁଏତ ଝୁଙ୍କ ଅଛି, କିନ୍ତୁ ଡାକ୍ତରି ଇସ୍କୁଲରେ ନାମ ଲେଖାଇବା ସକାଶେ ପ୍ରଥମ-ଶ୍ରେଣୀରେ ଆଇ. ଏସ୍‌ସି. ପାସ୍ ହେବା ଦରକାର । ମାଷ୍ଟ୍ରଙ୍କ ପୁଅର ସେପରି ପାସ ହେଉଥିବା ସହଜ ହେଉଥିବାରୁ ତାଙ୍କ ପୁଅ ଡାକ୍ତର ହେଉଛି ଓ ଡାକ୍ତରର ପୁଅ ହୁଏତ ବ୍ୟବସାୟ ବା ରାଜ-ନୀତି କରିବାକୁ ବାଧ୍ୟ ହେଉଛି । ମନୋବୃତ୍ତି ଓ ପାରିବାରିକ ବୈଷମ୍ୟର ଭିତ୍ତିରେ ପିଲାଙ୍କର ଭବିଷ୍ୟତ ନିର୍ଣ୍ଣୟ କରିବା ବର୍ତ୍ତମାନ ପରିସ୍ଥିତିରେ ସମ୍ଭବ ନ ହେଉଥିବାରୁ ଆଜିକାଲି ଯାହାକୁ ଶିକ୍ଷିତଙ୍କ ବ୍ୟବସାୟ ବୋଲି କହୁଥାଇଁ, ସେଥିରେ ଅଧିକାଂଶ ସମୟରେ ଠିକ ଲୋକ ପଶିପାରୁ ନାହାନ୍ତି ।

## ତାହାର ଲାଭ ଓ କ୍ଷତି

କିନ୍ତୁ ଆଧୁନିକ ଶିକ୍ଷାର ପ୍ରଭାବ ଯେଉଁ କ୍ଷେତ୍ରରେ ଏ ପର୍ଯ୍ୟନ୍ତ ବିଶେଷ ପ୍ରବେଶ କରିନାହିଁ ସେଥିରେ ପୁରୁଷାନୁକ୍ରମିକ ଜାତିର ଉପକାରିତା ସ୍ପଷ୍ଟ । ମାରୱାଡ଼ିମାନେ ପୁରୁଷାନୁକ୍ରମିକ ଭାବେ ବ୍ୟବସାୟରେ ଅଛନ୍ତି । ୧୪ । ୧୫ ବର୍ଷ ବେଳକୁ ମାରୱାଡ଼ି ନବଯୁବକ ପକ୍କା ବ୍ୟବସାୟୀ ହୋଇ ଯାଉଛି । ଗ୍ରାମର କୃଷୀଙ୍କ

କଥା ସେହିପରି । ବ୍ରାହ୍ମଣ ଠାରୁ ହରିଜନ ପର୍ଯ୍ୟନ୍ତ ସବୁଜାତିର ଚାଷୀପିଲା ବାହାରୁ କୌଣସି ଶିକ୍ଷା ନ ପାଇ ବାପସଙ୍ଗେ ମିଶୁଥିବା ଅଭିଜ୍ଞତାରେ ଠିକ୍ ଚାଷ କରୁଛନ୍ତି । ଶିକ୍ଷିତ ସମାଜର ଔଦାସୀନ୍ୟ ଓ ନିଜର ଦାରିଦ୍ର୍ୟ ଓ ଅସହାୟତା ଯୋଗୁଁ ସେ ଯେତେ କରିପାରନ୍ତା ତା ହୁଏତ କରି ପାରୁନାହାଁନ୍ତି । ତଥାପି ଏ ଦେଶର ଚାଷ ପ୍ରଣାଳୀ ମନ୍ଦ ନୁହେଁ ବୋଲି ବିଶାରଦମାନେ ମତ ଦିଅନ୍ତି । ସମ୍ବଲପୁରର ତନ୍ତୀ, ସମଗ୍ର ଦେଶର ବଢ଼େଇ ଓ କମାର ପିଲାମାନେ, ଯେଉଁ ନିପୁଣତା ଦେଖାଉଛନ୍ତି, ତାହା କୌଣସି ଶିଳ୍ପ ବିଦ୍ୟାଳୟର ଶିକ୍ଷା ଯୋଗୁଁ ନୁହେଁ, ନିଜ ଘର-ବିଦ୍ୟାଳୟର ତାଲିମ୍ ଯୋଗୁଁ ।

ଭାରତର ଜାତି ପ୍ରଥା ପୁରୁଷାନୁକ୍ରମିକ ଗଢ଼ି ଆସି ନଥିଲେ ଏତେ ବିଦ୍ୟାରେ ଆମ ପ୍ରାଚୀନ ଗ୍ରନ୍ଥ ଥାଆନ୍ତା କି ନାହିଁ ବିଚାରିବାର କଥା । ଶିକ୍ଷକଙ୍କର ପିଲାମାନେ ପ୍ରଥମ ଶ୍ରେଣୀରେ ଆଇ. ଏସ୍‌ସି. ପାସ କରି ଚାରି ପାଞ୍ଚ ବର୍ଷରେ ଇଂଜିନିୟରିଂ ବା ସ୍ଥାପତ୍ୟରେ ଡିଗ୍ରୀ ହାସଲ କରି, କୋଣାର୍କଭଳି କୀର୍ତ୍ତି କରିପାରିବେ ବୋଲି ଆଶା କରିବା ବିଡ଼ମ୍ବନା । ପୁରୁଷାନୁକ୍ରମିକ ଜାତି ଯୋଗୁଁ ଏ ଦେଶର ଗ୍ରାମ୍ୟ ଶିଳ୍ପ, ଶହ ଶହ ବର୍ଷର ଅବହେଳା ସତ୍ତ୍ୱେ ବଞ୍ଚି ରହିଛି ।

ଅଧିକାଂଶ ସ୍ଥଳରେ 'ଜାତି ବିଗାଡ଼ି ମାଛ ଖାଇବା' ସ୍ୱାଭାବିକ ହେଲେହେଁ କେତେକ କ୍ଷେତ୍ରରେ ବାପର ଅଯୋଗ୍ୟତା ପୁଅ ନାତିଙ୍କ ଉପରେ ବଜ୍ରଲେପ ପରି ହୋଇଯାଉଥିଲା । କଥାରେ କହନ୍ତି, 'ବାପର ବୈରି, ପୁଅକୁ ପିତୃ ଅର୍ଜ୍ଜିତ ।' ଯେଉଁ ବ୍ରାହ୍ମଣର ବ୍ରାହ୍ମଣ କାର୍ଯ୍ୟରେ ଶ୍ରଦ୍ଧା ରହୁ ନଥିଲା, ତାର ପୁଅ ବାପ ପରି ଅଯୋଗ୍ୟ ବ୍ରାହ୍ମଣ ହେଉଥିଲା । ଉପଯୁକ୍ତ ପିତାର ଉପଯୁକ୍ତ ପୁତ୍ର ହୋଇଥିବାରୁ ସେ ନିଜ ଅଯୋଗ୍ୟତା ପ୍ରତି ଅନ୍ଧ ହୋଇଯାଉଥିଲା । ଉଚ୍ଚ ଜାତିରେ

ଏହିପରି ଅଯୋଗ୍ୟ ଲୋକମାନଙ୍କର ସଂଖ୍ୟା ବଢ଼ିବାରୁ ମାଚ ଜାତି ଲୋକଙ୍କର କ୍ଷୋଭ ବଢ଼ିଲା । ପୁଅର ଦୋଷ ଘୋଡ଼ାଇବା ଉଚିତ ନହେଲେ ହେଁ, ପୁତ୍ର ପ୍ରତି ମମତାରେ ବାପ ତାକୁ ସହଜରେ ଶ୍ରେଷ୍ଠ ଜାତିକୁ ଠେଲଦେବାକୁ ପ୍ରସ୍ତୁତ ନହେବା ସ୍ୱାଭାବିକ । ବିଶ୍ୱାମିତ୍ରଙ୍କ ପରି ନିଜର ଶହେ ପୁଅଙ୍କୁ ଶୂଦ୍ର ଜାତିକୁ ଠେଲଦେବା ଲୋକ, ସବୁ ସମାଜରେ ଯେପରି, ଆମ ସମାଜରେ ସେପରି ବିରଳ ଦୃଷ୍ଟାନ୍ତ ବୋଲି କହିହେବ ନାହିଁ ।

## ବିଶ୍ୱାମିତ୍ର ଶୁନଃସେଫ ସମ୍ବାଦ

ବିଶ୍ୱାମିତ୍ର ଥରେ ଗୋଟିଏ ନରମେଧ ଯଜ୍ଞରେ ଆଚାର୍ଯ୍ୟ ହୋଇଥିଲେ । ଏ ଯଜ୍ଞଟି ହରିଶ୍ଚନ୍ଦ୍ର ରାଜା ବଡ଼ ଅକଳରେ ପଡ଼ି କରିବାକୁ ବାଧ୍ୟ ହୋଇଥିଲେ । ତାଙ୍କର ବହୁଦିନ ଯାଏଁ ପୁଅ ହୋଇ ନ ଥିଲା । ସେ ବରୁଣଙ୍କଠାରେ ପୁତ୍ରଭିକ୍ଷା କଲେ । ବରୁଣ କହିଲେ, "ତୁମର ଗୋଟିଏ ପୁଅ ହେବାକୁ ମୁଁ ବର ଦେବି । କିନ୍ତୁ ମୁଁ ଯାହା ମାଗିବି, ତୁମେ ଦେବାକୁ ଅଙ୍ଗୀକାର କର ।" ରାଜା ଅଙ୍ଗୀକାର କଲେ । ବରୁଣ ମାଗିଲେ, "ଯେଉଁ ପୁଅଟି ହେବ ତାହା ତୁମେ ମୋତେ ବଳି ଦେବ ।" ରାଜା ଆଉ କରନ୍ତି କଣ ? ସେ ତ ଅଙ୍ଗୀକାର କରିଛନ୍ତି ।

ପୁଅ ହେବାର ଖବର ପାଇ ବରୁଣ ଆସି ତାଙ୍କ ପ୍ରାପ୍ୟ ମାଗିଲେ । ରଜାରାଣୀଙ୍କର ନୂଆ ପୁଅଠାରେ ଭାରି ମମତା ହୋଇ ଯାଇଥାଏ । ରାଜା କହିଲେ, "ପୁଅ ତ ଆପଣଙ୍କର, କିନ୍ତୁ ତା'ର ଦାନ୍ତ ଉଠି ନାହିଁ । ଏପରି ବିକଳାଙ୍ଗ ପିଲା କଣ ବଳିର ଯୋଗ୍ୟ ?" ଦାନ୍ତ ଉଠିବା ପରେ, ବରୁଣ ବଳି ମାଗିଲେ । ହରିଶ୍ଚନ୍ଦ୍ର କହିଲେ, "ସେ ଚାଲି ବୁଲି ପାରୁ ।" ଚାଲି ବୁଲି ପାରିବା ପରେ, ରାଜା

କହିଲେ, ସେ ବ୍ରତ ହେଉ.; ବ୍ରତ ହେଲା ପରେ କହିଲେ, "ଯୁବକ ଷଣ୍ଢ ହେଲେ ସିନା ମଣିଷ ବୋଲାଇବ । ଆପଣ ଆଉ ଟିକିଏ ଅପେକ୍ଷା କରନ୍ତୁ ।" ଏଥର ବରୁଣ ଅସନ୍ତୁଷ୍ଟ ହୋଇ ଫେରିଲେ । ନିଜ ପାଇଁ ବାପାଙ୍କର ସତ୍ୟଭଙ୍ଗ ହେଉଛି ବୋଲି ପୁଅ ରୋହିତାଶ୍ୱ ବଡ଼ ଚିନ୍ତିତ ହେଲେ । ସେ ବାହାରିଲେ, 'ନିଜ ପାଇଁ ଗୋଟିଏ ବଦଳିଆ ଖୋଜିବାକୁ । ରାଜ୍ୟ ତମାମ ବୁଲିଲେ, କିନ୍ତୁ ଧନୀ ଦରିଦ୍ର ଉଚ୍ଚ ନୀଚ କେହି କାହା ପୁଅକୁ ବଳି ପାଇଁ ଦେବାକୁ ରାଜି ହେଲେ ନାହିଁ ।

ଜଣେ ବ୍ରାହ୍ମଣଙ୍କର ତ୍ରିରଟି ପୁଅ ଥାନ୍ତି । ବଡ଼ ପୁଅ ଶୂନଃସେଫ ବାପାଙ୍କୁ କହିଲେ, "ବାପା ! ରାଜାଙ୍କର ଗୋଟିଏ ପୁଅ ବୋଲି ସେ ଘରି ଘରି ହେଉଛନ୍ତି, 'ବଳି' ପାଇଁ ବହୁ ଧନରତ୍ନ ଗୋରୁ ଗାଈ ଯାଚୁଛନ୍ତି । ଆମେ ତ ତ୍ରିରଜଣ ଅଛୁଁ । ଧନ ଅଭାବରେ ଆମେ ଏତେ ହଇରାଣ ହେଉଥାଇଁ । ଆପଣ ମୋତେ ଦେବାକୁ ରାଜି ହୁଅନ୍ତୁ ।" ବହୁତ ଅଳି କରି ସେ ବାପାଙ୍କୁ ମଙ୍ଗାଇଲେ ।

ନରମେଧ ଯଜ୍ଞର ଆୟୋଜନ ହେଲା । ଛେଦ ପଡ଼ିବା ପୂର୍ବରୁ ଶୂନଃସେଫଙ୍କୁ କୁହାଗଲା, ନାରାୟଣଙ୍କୁ ସ୍ମରଣ କରିବାକୁ । ତାଙ୍କ ସ୍ତୋତ୍ରପାଠ ଶୁଣି ବିଶ୍ୱାମିତ୍ର ତାଙ୍କ ବନ୍ଧନ ଫିଟାଇଦେବାକୁ କହିଲେ । ଯଜ୍ଞ ଅସମ୍ପୂର୍ଣ୍ଣ ରହିଲା । ବିଶ୍ୱାମିତ୍ର ପଚାରିଲେ, "ବାପା ! ତୁମର ଗୋତ୍ର କଣ ?" ଶୂନଃସେଫ କହିଲେ, "ମୋର ତ ଆଉ ଗୋତ୍ର ନାହିଁ । ମୁଁ ଏଠାକୁ ଆସିବା ପୂର୍ବରୁ ମୋର ପିତା ମୋତେ ଶୁଦ୍ଧ ହୋଇ ସାରିଛନ୍ତି ।" ବିଶ୍ୱାମିତ୍ର କହିଲେ, "ତୁମେ ଆଜିଠାରୁ ମୋ ଗୋତ୍ର (କୌଶିକ) ଗ୍ରହଣ କର । ଆଜିଠାରୁ ତୁମେ ମୋର ପୁଅ ।"

ବିଶ୍ୱାମିତ୍ରଙ୍କର ନିଜର ଶହେ ପୁଅ । ସେ ପୁଅମାନଙ୍କୁ ଏକାଠି କରି ଶୂନଃସେଫଙ୍କୁ ଚିହ୍ନାଇ ଦେଲେ, କହିଲେ, "ବାରବର୍ଷ ମାତ୍ର

ବୟସରେ ଏ ପିଲା ବ୍ରାହ୍ମଣର ସଦାଚାର ଓ ବିଦ୍ୟା ଲାଭ କରିଛି । ୟାଙ୍କୁ ମୁଁ ମୋର ବଡ଼ ପୁଅ କଲି । ତୁମେମାନେ ସମସ୍ତେ ୟାଙ୍କୁ ବଡ଼ଭାଇ ବୋଲି ମାନିବାକୁ ହେବ ।" ସାନ ପିଲାମାନେ ହଁ କଲେ । କିନ୍ତୁ ବଡ଼ ପିଲାମାନେ କହିଲେ, "ଆମେ ଆମଠାରୁ ବୟସରେ ସାନ ଜଣକୁ ବଡ଼ ବୋଲି ମାନିବୁ ନାହିଁ ।" ବିଶ୍ୱାମିତ୍ର ସେମାନଙ୍କୁ ଅଭିଶାପ ଦେଲେ, "ତୁମେମାନେ ବୟସରେ ବଡ଼ ସାନ ଗଣୁଛ । ତୁମେ ବ୍ରାହ୍ମଣ ବୋଲାଇବାର ଯୋଗ୍ୟ ନୁହଁ । ତୁମେମାନେ ଆଜିଠାରୁ ଶ୍ରେଷ୍ଠ ଜାତି ହେଲ ।" ପୁଅମାନେ ଆପତ୍ତି କଲେ, "ଆମ ଗୋତ୍ର ଆମେ କପରି ହରାଇବୁ । ଆମେ ତ ଆପଣଙ୍କର ପୁଅ ।" ବିଶ୍ୱାମିତ୍ର କହିଲେ, "ମୋ ଗୋତ୍ର ତୁମେମାନେ ଗ୍ରହଣ କରିବାରେ କିଛି ଆପତ୍ତି ନାହିଁ ।" ସେଥିପାଇଁ କୌଶିକ ଗୋତ୍ର ଆଜିକାଲି ଅନେକ ହରିଜନଙ୍କର ଥିବାର ଦେଖିବାକୁ ମିଳେ ।

ହିନ୍ଦୁର ଆଦର୍ଶ ଏହିପରି ଉଚ୍ଚ । ମଣିଷ ମନକୁ ସବୁବେଳେ ଠାଣି କରିପାରେ ନାହିଁ । କିନ୍ତୁ ଏପରି ଆଦର୍ଶ ସବୁବେଳେ ଆମକୁ ଚେତାଇ ଦିଏ, ଆମକୁ ଆଉ କେତେ ଆଗକୁ ଯିବାକୁ ଅଛି ।

## ଜାତିଭେଦ ବିରୁଦ୍ଧରେ ବିଦ୍ରୋହ ଓ ତାହାର ଫଳ

ବ୍ରାହ୍ମଣକୁ ପୋଷିବା ବିଷୟରେ ସମଗ୍ର ସମାଜର ଦାୟିତ୍ୱ ଥିବାରୁ ବ୍ରାହ୍ମଣଙ୍କ ଭିତରେ ଅକର୍ମା ଓ ଅଯୋଗ୍ୟ ଲୋକ ଅଧିକ ବାହାରିବା ବିଚିତ୍ର ନୁହେଁ । ଏପରି ଅଯୋଗ୍ୟଙ୍କର ସଂଖ୍ୟା ଯେତେ ବଢ଼ିଲା, ସମାଜରେ ଯୁକ୍ତିହୀନ ବିଚାର ସେତିକି ବଢ଼ିଲା । ବୁଦ୍ଧଦେବଙ୍କ ବେଳକୁ ଏହି ରୋଗ ଅତି ଉତ୍କଟ ଆକାର ଧରିଥିଲା । ତେଣୁ ବୁଦ୍ଧ ଏକାବେଳକେ ହିନ୍ଦୁ ଧର୍ମର ଜାତିଭେଦ ଓ ଅର୍ଥହୀନ କ୍ରିୟାକାଣ୍ଡ ବିରୁଦ୍ଧରେ ବିଦ୍ରୋହ ଆରମ୍ଭ କଲେ ।

ପୂର୍ବରେ ଯେପରି କୁହାଯାଇଛି, ହିନ୍ଦୁଧର୍ମର ସମାଜପତିମାନେ ଏ ବିଦ୍ରୋହର ସାରବତ୍ତା ସ୍ୱୀକାର କରିଥିଲେ । ପୁରାଣ ମାନଙ୍କରେ ଜନ୍ମଗତ ଜାତିପ୍ରଥା ବିରୁଦ୍ଧରେ ବହୁ ଗଳ୍ପ ଆଖ୍ୟାୟିକା ଦିଆଯାଇ ସମାଜର ମଙ୍ଗ ସିଧାକରିବାକୁ ଉଦ୍ୟମ ହେଲା । ଫଳ ଯେ ନ ହୋଇଥିଲା ତାହା ନୁହେଁ, କିନ୍ତୁ ତାହା ସ୍ଥାୟୀ ହେଲାନାହିଁ । ପୁଣି ଜାତ୍ୟଭିମାନ ମୁଣ୍ଡ ଟେକିଲା । ତା ପରେ ବହୁ ଧର୍ମ ସଂସ୍କାରକ ଏହା ବିରୁଦ୍ଧରେ ବାହାରିଛନ୍ତି । ତାନ୍ତ୍ରିକ ବ୍ରାହ୍ମଣ ଜାତିଭେଦକୁ ଅସ୍ୱୀକାର କଲେ । ବୈଷ୍ଣବ ଧର୍ମରେ ତ 'ବାର ଜାତି ତେର ଗୋଲ । ବୈଷ୍ଣବ ହେଲେ ସବୁ ଗଲା' ।

ଆମ ଓଡ଼ିଶାରେ ଗୌଡ଼ୀୟ ବୈଷ୍ଣବ ପ୍ରଭାବ ପ୍ରଥମେ ପଡ଼ିଲା ବେଳେ ଜାତ୍ୟଭିମାନୀ ବ୍ରାହ୍ମଣମାନେ ବିଦ୍ରୋହ ଆରମ୍ଭ କଲେ । ଫଳରେ, ସେ କାଳର ରାଜା ଏମାନଙ୍କ ପ୍ରାଧାନ୍ୟ ସ୍ୱୀକାର ନ କରି ନୀଚ କୋଠୀର ଯୋଗ୍ୟ ବ୍ରାହ୍ମଣଙ୍କୁ ଉପରକୁ ଉଠାଇ ଦେଲେ । ବିଦ୍ରୋହକାରୀ ଶେଷରେ ମୋଡ଼ିଭିଡ଼ି ହୋଇ କାଳର ଗତିକୁ ମାନିଗଲେ । ବୁଦ୍ଧଙ୍କ ପରେ ସବୁ ସଂସ୍କାରକ ବ୍ରାହ୍ମଣମାନଙ୍କ ଯୁକ୍ତିହୀନ ବ୍ରତ୍ୱରକୁ ଅସ୍ୱୀକାର କରିଛନ୍ତି, ତା ବିରୁଦ୍ଧରେ ବାରମ୍ବାର ବିଦ୍ରୋହ କରିଛନ୍ତି । କିନ୍ତୁ ବ୍ରାହ୍ମଣତ୍ୱକୁ ସବୁବେଳେ ପ୍ରାଧାନ୍ୟ ଦେଇଛନ୍ତି, ଅର୍ଥାତ୍ ବ୍ରାହ୍ମଣକୁ ନ ମାନିବାବେଳେ, ବ୍ରାହ୍ମଣ ଲକ୍ଷଣ ଆଗରେ ମୁଣ୍ଡ ନୁଆଁଇଛନ୍ତି ।

ଏହି ଘାତପ୍ରତିଘାତ ଫଳରେ ବ୍ରାହ୍ମଣର ରକ୍ଷଣଶୀଳତା ଲୋପ ପାଇଛି କହିଲେ ଚଳେ । ବର୍ତ୍ତମାନ ଖୁବ୍ ଅଳ୍ପ ବ୍ରାହ୍ମଣଙ୍କ ଠାରେ ପୂର୍ବରେ ଉଲ୍ଲେଖ କରାଯାଇଥିବା ବ୍ରାହ୍ମଣ ଲକ୍ଷଣ-ମାନ ଦେଖାଯାଉଛି । ତୁଣ୍ଡରେ ଜାତ୍ୟଭିମାନ ଅଛି, କିନ୍ତୁ କାର୍ଯ୍ୟରେ ଆଉ ନାହିଁ କହିଲେ ଚଳେ । କୃଷି ଠାରୁ ଆରମ୍ଭ କରି

ବାଙ୍କୁଶ ଧରାଣ ପର୍ଯ୍ୟନ୍ତ ଶିକ୍ଷିତ ବ୍ରାହ୍ମଣ କରୁଛୁ । ମୀଚସେବା, ଗୃକଶ କରବାକୁ ସେ ଅନ୍ୟମାନଙ୍କସଙ୍ଗେ ପ୍ରତିଦ୍ୱନ୍ଦ୍ୱୀ ହୋଇ ବାହାରଛୁ । 'ପେଟ ପୋଷ, ନାହିଁ ଦୋଷ' ଏହି ଉଦ୍‌ଭଟ ତଗ ବାହାର କର ଏହାରି ଆଡୁଆଲରେ ସବୁ କାମ କରିଯିବାକୁ ସେ ପ୍ରସ୍ତୁତ ହେଲଣି ବା ଖୁବ୍ ଶୀଘ୍ର ହେଉଛୁ ।

ବ୍ରାହ୍ମଣଙ୍କ ଭିତରେ ଆଧୁନିକ ଶିକ୍ଷିତଙ୍କ ସଂଖ୍ୟା ଅପେକ୍ଷାକୃତ ବେଶୀ । କେବଳ ସେହିମାନେ ଆଜିକାଲି ବ୍ରାହ୍ମଣ ସମାଜରେ ସ୍ୱଚ୍ଛଳ ଅବସ୍ଥାରେ ଅଛନ୍ତି । ଶୁଦ୍ଧ-ଶ୍ରାଦ୍ଧ, ଚୂଡ଼ାଦହିରେ ପେଟ ପୂରେ ନାହିଁ । ଅଦ୍ୟାପି ମୀଚକୋଠୀର ବ୍ରାହ୍ମଣଙ୍କ ବ୍ୟକ୍ତିତ ଅନ୍ୟ କେହି ସହଜରେ ଏ କାର୍ଯ୍ୟ କରନ୍ତି ନାହିଁ, ସହଜରେ ମଧ୍ୟ ଯାତ୍ରୀ ବେପାର ବା ପୂଝାର କାମ କରିବାକୁ ଘରୁ ଗୋଡ଼ କାଢୁ ନାହାନ୍ତି । କ୍ରମେ କ୍ରମେ ସ୍ୱତ୍ତ୍ୱାସ୍ୱତ୍ତ୍ୱର ଯେଉଁ ବିଭ୍ରାଟ ବା ସଂସ୍କାର ହେଉଛୁ ସେଥିରେ ଗାଁରେ ଜମାଣ ଚୃଷ କର ଚଳିବା ଆଉ ସମ୍ଭବ ନୁହେଁ । ସଂସ୍କୃତ ପଢ଼ା ମଧ୍ୟ ଅର୍ଥକରୀ ହେଉନାହିଁ । ସମସ୍ତଙ୍କର ଦଉଡ଼ ଆଧୁନିକ ଶିକ୍ଷା ଓ ଗୃକଶ ଆଡ଼କୁ । ଗୃକଶ ପାଇବା ସକାଶେ ଅନ୍ୟତ୍ର ଲୋକେ ଯେତେ ତଳକୁ ଖସିବାର ଶୁଣାଯାଏ, ଆମ ଏଠାରେ ସେତେ ହୋଇ ନଥିଲେ ମଧ୍ୟ ହେବାର ସମ୍ଭାବନା ଅଛୁ । ଗୃକଶ କରବା ସକାଶେ ଅସବର୍ଣ୍ଣ ବିବାହ କରବାକୁ ୩୦ ବର୍ଷ ତଳେ ମଧ୍ୟ ବ୍ରାହ୍ମଣ ବାହାରଥିଲେ, ପୁଣି ବାହାରବେ । ତେଣୁ ଜାତିଭେଦ ଯଦି ବ୍ରାହ୍ମଣଙ୍କ ଯୋଗୁଁ ହେଉଛୁ, ବ୍ରାହ୍ମଣମାନଙ୍କୁ ମନାଇ, ଧମକାଇ, ଡରାଇ ଓ ଅବଜ୍ଞା କର ଜାତିଭେଦ ଦୂର କରବାର ଉଦ୍ୟମପାଇଁ ଏହା ପ୍ରକୃଷ୍ଟ ସମୟ । କିନ୍ତୁ ଟିକିଏ ତଳେଇ କର ଦେଖିଲେ ଜଣାଯିବ, ଜାତିଭେଦ ରଖିବା ବିଷୟରେ ଏକୁଟିଆ ବ୍ରାହ୍ମଣ ଦାୟୀ ନୁହନ୍ତି । ବରଂ ବ୍ରାହ୍ମଣ ଏହାର ଉତ୍କଟତା ଦୂର

କରିବାରେ ପୂର୍ବରେ ସାହାଯ୍ୟ କରିଛନ୍ତି, ଓ ଭବିଷ୍ୟତରେ ପାରିଲେ କରିବେ । କିନ୍ତୁ ସେମାନଙ୍କ ସାମର୍ଥ୍ୟ ବର୍ତ୍ତମାନ ଅଛି କି ନାହିଁ ତାହା ବିଚାରିବାର କଥା ।

## ଭେଦର ଉତ୍କଟତା ବଢ଼ିବାର କାରଣ

ଜାତିଭେଦର ମୂଳରେ ଘରଖିଆ ଜାତିର ସଂଖ୍ୟା । ଚାରି ବର୍ଣ୍ଣ ମାତ୍ର ଥିଲେ ସମସ୍ୟା ଏତେ ଜଟିଳ ହୁଅନ୍ତା ନାହିଁ । ଚାରିବର୍ଣ୍ଣରୁ ବହୁ ଜାତି ବାହାରିଛନ୍ତି, ଓ ପ୍ରତିଦିନ ବାହାରୁଛନ୍ତି । ୧୯୩୧ ଖ୍ରୀଷ୍ଟାବ୍ଦର ଜନଗଣନାର କର୍ତ୍ତା ହଟନ୍ ସାହେବ ହିସାବ କରି ପ୍ରକାଶ କରିଥିଲେ ଯେ ସେତେବେଳେ ଆମ ଦେଶରେ ତିନି ହଜାର ଜାତି ଥିଲେ । ସେ ସେତେବେଳେ ଲକ୍ଷ୍ୟ କରିଥିଲେ, ଜାତିର ସଂଖ୍ୟା କ୍ରମେ ବଢ଼ିବାରେ ଲାଗିଛି । ଏତେବେଳକୁ ଚାରି ହଜାରରୁ ବେଶୀ ଜାତି ହୋଇଥିବା ବିଚିତ୍ର ନୁହେ ।

## ବଡ଼ ହେବାର ସ୍ୱାଭାବିକ ପ୍ରବୃତ୍ତି

ଜାତିଭେଦ ଆଦିବାସୀମାନଙ୍କ ଭିତରେ ନଥିଲା ବୋଲି କୁହାଯାଇପାରେ । ସେମାନେ ବିଭିନ୍ନ ସଂପ୍ରଦାୟରେ ବିଭକ୍ତ ହୋଇଥିଲେ । ପ୍ରତି ସଂପ୍ରଦାୟରେ ପ୍ରତ୍ୟେକଙ୍କର ସମାନ ଆସନ ଥିଲା । ସମସ୍ତେ ସବୁକାମ କରୁଥିଲେ । ଉଦାହରଣ ସ୍ୱରୂପ ସାନ୍ତାଳଙ୍କ ଭିତରେ ଧୋବା ବୋଲି ସ୍ୱତନ୍ତ୍ର କେହି ନାହାନ୍ତି । ସମସ୍ତେ ନିଜ ନିଜ ଲୁଗା ସଫା କରନ୍ତି । ସେହିପରି ଆପଣା ଆପଣା ଭିତରେ ଭଣ୍ଡାରି କାମ ବି ହେଉଥିଲା । ଶିଳ୍ପ କେନ୍ଦ୍ରମାନଙ୍କରେ ଅଣାଦିବାସୀ ଭଣ୍ଡାରି ତାଙ୍କ ଭିତରେ ପଶିଲେଣି । ନିଜେ ସାନ୍ତାଳଙ୍କ ଭିତରୁ ଭଣ୍ଡାରି ବାହାରିବାର ମଧ୍ୟ କୌଣସି କୌଣସି ସ୍ଥାନରେ ଦେଖାଗଲାଣି । ଭୂୟାଁ

ଓ ଗଣ୍ଡଙ୍କ ଭିତରେ ଜାତିଭେଦ ଆହୁରି ସ୍ପଷ୍ଟ । ରାଜଗଣ୍ଡ ଓ ଖଣ୍ଡାୟତ ଭୂୟାଁମାନଙ୍କର ଅନ୍ୟ ଗଣ୍ଡ ଓ ଭୂୟାଁଙ୍କ ସଙ୍ଗେ ସାମାଜିକ ସମ୍ପର୍କ ରହୁନାହିଁ । ଦକ୍ଷିଣାଞ୍ଚଳର ସୌରମାନେ ଗତ ୫୦ ବର୍ଷ ଭିତରେ ପ୍ରାୟ ୫ଟି ଜାତିରେ ବିଭକ୍ତ ହୋଇଗଲେଣି । ସୌର ଓ ଲାଞ୍ଜିଆ ସୌର ବୋଲି ଯୋଡ଼ିଏ ଜାତି ଆହୁରି ଆଗରୁ ଥିଲା । ପର୍ବତରେ ଯେଉଁମାନେ ରହିଛନ୍ତି, ସେମାନେ କୌପୀନ ମାରନ୍ତି । ଧଳା କୌପୀନର ଶେଷଭାଗ ଲାଲରଙ୍ଗର, ଅଗରେ ଝାଲର ଥାଏ । ପଛପଟ ଖୋସଣି ଖୋସା ହେଲାପରେ ଏହି ଅଗିଲା ଖଣ୍ଡ ପଛରେ ଝୁଲୁଥାଏ । ଯେଉଁମାନେ ପର୍ବତରୁ ସମତଳ ଅଞ୍ଚଳକୁ ଖସି ଗୃହ-ଧଇଲେ, ଲୁଗା ପିନ୍ଧିଲେ, ସେମାନଙ୍କଠାରୁ ପର୍ବତିଆଙ୍କୁ ଫରକ କରିବାକୁ, 'ଲାଞ୍ଜିଆ' ନାମ ଦିଆଗଲା । ଏବେ ସମତଳ ଅଞ୍ଚଳର ସୌରମାନଙ୍କ ଭିତରେ 'କାଠ ପାନଆ' 'ସାନ ପାନଆ' 'ଶୁଦ୍ଧ-ସୌର' ଓ 'ପନ-ସୌର' ଏହିପରି ବିଭାଗ ହେଲାଣି । ଯେ ଯେତିକି ଶୁଦ୍ଧ ହେଉଛି, ସେ ଗୃହକୁ ସେତିକି ଆଦରୁଛି । କନ୍ଧଙ୍କ ଭିତରେ ସେହିପରି ପର୍ବତିଆ ବା 'କୁଟିଆ' କନ୍ଧ ଓ କନ୍ଧ ଏଇ ଦୁଇ ବିଭାଗରୁ, ଓଡ଼ିଆ କନ୍ଧ, ମାଳୁଆ କନ୍ଧ ଏହିପରି କେତେ ବିଭାଗ ବାହାରୁଛି । ରଣପୁର ମାଳରେ, ମାଳୁଆ କନ୍ଧ, 'କନ୍ଧ' ନାମଟି କାଟି ଖାଲି 'ମାଳୁଆ' ବୋଲାଇବାକୁ ପସନ୍ଦ କଲେଣି । ଏବେ ବ୍ରାହ୍ମଣ ସେମାନଙ୍କର ଶ୍ରାଦ୍ଧ, ବିବାହାଦି କଲେଣି, ଧୋବା ଲୁଗା କାଚୁଛନ୍ତି, ଭଣ୍ଡାରି ବି ଖିଅର କଲେଣି । ଆଦିବାସୀଙ୍କ ଭିତରେ ଏ ଜାତି ବିଭାଗ ମୂଳରେ ବୈଷୟିକ କାରଣ ଓ ଏହାର ପ୍ରତିକ୍ରିୟା ବୈଷୟିକ ସ୍ଥିତିଉପରେ । ଯେଉଁମାନେ ଟିକିଏ ସ୍ୱଚ୍ଛଳ ଅବସ୍ଥାରେ ଅଛନ୍ତି ସେମାନେ ଜାତି ନିଶୁଣିରେ ଉପର ପାହାଚକୁ ଉଠିବାକୁ ଧାରାବାହିକ ଭାବେ ଚେଷ୍ଟା ଚଳାଇଛନ୍ତି । ଫଳରେ ଆଦିବାସୀ

କ୍ଷତ୍ରିୟ ବି ହୋଇଛନ୍ତି । କେହି କେହି ବ୍ରାହ୍ମଣ ହେବା ସୋପାନରେ ମଧ୍ୟ ପହଞ୍ଚିଲେଣି ବୋଲି ଅନୁମାନ କରିବାର କାରଣ ଅଛି । କିନ୍ତୁ ଏ ସମସ୍ତଙ୍କର ମାଡ଼ ଯାଇ ପଡ଼ୁଛି ସେଇ ଗୃଷ ଉପରେ ।

## ଅନ୍ତରଜାତି

ଜାତିର ବର୍ତ୍ତମାନ ଗତି ଆର୍ଥନୀତିକ ଅବସ୍ଥାକୁ ପ୍ରଭାବିତ କରୁଥିଲେହେଁ ହିନ୍ଦୁ ସମାଜର ସବୁ ଜାତି ଆର୍ଥନୀତିକ କାରଣରେ ହୋଇ ନାହିଁ । ପ୍ରଧାନ ଗୃଣ ଜାତିଭିତରେ ବୈବାହିକ ସମ୍ବନ୍ଧ ହୋଇ ବହୁ ଅନ୍ତରଜାତିର ସୃଷ୍ଟି ହୋଇଥିଲା । କ୍ରମେ ଏଗୁଡ଼ିକ ବ୍ୟବସାୟ ଭେଦରେ ସ୍ୱତନ୍ତ୍ର ଜାତି ହୋଇ ଯାଇଛନ୍ତି । ବଡ଼ଜାତିର ପୁରୁଷ ଶ୍ରେଷ୍ଠ ଜାତିର ସ୍ତ୍ରୀକୁ ବିଭା ହେଲେ ଅନୁଲୋମ ବିବାହ, ଓ ଶ୍ରେଷ୍ଠ ଜାତିର ପୁରୁଷ ବଡ଼ଜାତିର ସ୍ତ୍ରୀକୁ ବିଭାହେଲେ ପ୍ରତିଲୋମ ବିବାହ ବୋଲି କୁହା ଯାଉଥିଲା । ଅନୁଲୋମ ବିବାହରୁ ଜାତ ସନ୍ତାନକୁ ଉଚ୍ଚତର ପାହିଆ ଦିଆଯାଉ ଥିଲା । ପ୍ରତିଲୋମ ବିବାହରୁ ଜାତ ସନ୍ତାନକୁ ଶ୍ରେଷ୍ଠ ଜାତି ଓ ଚଣ୍ଡାଳ ବୋଲି କୁହାଯାଉଥିଲା ଓ * ଏମାନଙ୍କ ପାଇଁ ଗୋଟିଏ ଗୋଟିଏ ନୂଆବୃତ୍ତି ଖଞ୍ଜି ଦିଆ ହେଉଥିଲା । ଉଦାହରଣ ସ୍ୱରୂପ:—ବ୍ରାହ୍ମଣ ଆଉ ବୈଶ୍ୟା ଗର୍ଭରୁ ଅମ୍ବଷ୍ଠ (ବଇଦ), ଗନ୍ଧ ଦ୍ରବ୍ୟ ବିକ୍ରେତା, କଂସାରି, ଶଂଖା ତିଆରି କରିବା ବାଲା ଜାତ ହେଲେ ‡ । ବିଶ୍ୱକର୍ମାଙ୍କ ଆଉ ଶୂଦ୍ରା ଗର୍ଭରୁ ଛଅଟି

---

* ଜାତୋ ନାର୍ଯ୍ୟାମନାର୍ଯ୍ୟାୟାମାର୍ଯ୍ୟାଦାର୍ଯ୍ୟୋ ଭବେଦ୍ ଗୁଣୈଃ
ଜାତୋଽପ୍ୟନାର୍ଯ୍ୟାଦାର୍ଯ୍ୟାୟାମନାର୍ଯ୍ୟ ଇତି ନିଶ୍ଚୟଃ ॥
ଯସ୍ମାଦ୍‌ବୀଜପ୍ରଭାବେଣ ତିର୍ଯ୍ୟଗ୍‌ଜା ଋଷୟୋଽଭବନ୍
ପୂଜିତାଶ୍ଚ ପ୍ରଶସ୍ତାଶ୍ଚ ତସ୍ମାଦ୍‌ବୀଜଂ ପ୍ରଶସ୍ୟତେ—ମନୁ

‡ ବୈଶ୍ୟାୟାଂ ବ୍ରାହ୍ମଣାଜ୍ଜାତୋ ଅମ୍ବଷ୍ଠୋ ଗାନ୍ଧିକୋ ବଣିକ୍
କଂସକାରଶଂଖକାରୌ ବ୍ରାହ୍ମଣାତ୍ ସଂବଭୂବତୁଃ ।
ବୃହଦ୍ ଧର୍ମପୁରାଣମ୍

ପିଲା ଜନ୍ମହେଲେ । ସେମାନେ ଛଅଟି ଅଲଗା ଅଲଗା ଶିଳ୍ପ ଧରିଲେ—ମାଳାକାର, କମାର, ଶଂଖକାର, ତନ୍ତୀ, କୁମ୍ଭାର, କଂସାରି * । ଦୁଇ ଅଲଗା ଆଡ଼ୁ ଜନ୍ମ ହୋଇଥିବା ଦୁଇଜଣ ଏକବୃତ୍ତି ଧରିଥିବାର ଦୃଷ୍ଟାନ୍ତ ଏଠାରେ ମିଳୁଛି । ବ୍ରାହ୍ମଣ ଆଡ଼ୁ ଓ ବିଶ୍ୱକର୍ମାଙ୍କ ଆଡ଼ୁ କଂସାରି ଓ ଶଂଖାରି ଜାତ ହୋଇଛନ୍ତି । ଏକ ବୃତ୍ତିରେ ଦୁଇଆଡ଼ୁ ଲୋକ ଜୁଟିବା ବେଶୀ ନୁହେ, ସାମାନ୍ୟ କେତେକ ସ୍ଥଳରେ, ହୋଇ ଯାଇଥିବାର ଦେଖାଯାଏ । ଏପରି ସ୍ଥଳେ କଂସାରି କଂସାରି ଭିତରେ ବୃତ୍ତିର ଶାଖା ମେଲି ଥିବାର ମଧ୍ୟ ଦେଖାଯାଏ । ଗୋଟିଏ କଂସାରି ଜାତି ଯନ୍ଦ ରସରେ କାମ କରୁଛି, ଆରଜଣକ କଂସାରେ କାମ କରୁଛି ।

ପୁଣି ଅନୁଲୋମ ବିବାହରୁ ଜାତ ସନ୍ତାନକୁ ନିଜ ଦୋଷ ନିମନ୍ତେ ପତିତ କରି ହୋଇଛି, ଓ ଚଣ୍ଡାଳକୁ ନିଜ ଗୁଣ ନିମନ୍ତେ ଉପରକୁ ଉଠା ହୋଇଥିବାର ଦୃଷ୍ଟାନ୍ତ ମଧ୍ୟ ଅଛି । ଖାଲି ଯେ ଅନ୍ତ୍ୟଜ ଶ୍ରେଷ୍ଠ ଜାତି ବା ବର୍ଣ୍ଣସଙ୍କର ବୋଲାଇଛନ୍ତି ତାହା ନୁହେଁ, ଯେଉଁମାନେ ସ୍ୱଧର୍ମରୁ ଚ୍ୟୁତ ହୋଇଛନ୍ତି, ଅସଦାଚାର କରିଛନ୍ତି, ସେମାନଙ୍କୁ ମଧ୍ୟ ବର୍ଣ୍ଣସଙ୍କର ବୋଲି ଗ୍ରହଣ କରି ହୋଇଛି † । ବିଭିନ୍ନ ସମୟରେ ଏହିପରି ବିଭିନ୍ନ କାରଣରୁ ଲୋକେ ପତିତ

---

* ବିଶ୍ୱକର୍ମାଚ ଶୂଦ୍ରାୟାଂ ବୀର୍ଯ୍ୟାଧାନଂ ଚକାର ସଃ
ତତୋ ବଭୂବୁଃ ପୁତ୍ରାଶ୍ଚ ଷଡ଼େତେ ଶିଳ୍ପକାରିଣଃ ।
ମାଳାକାରଃ କର୍ମକାରଃ ଶଙ୍ଖକାରଃ କୁବିନ୍ଦକଃ
କୁମ୍ଭକାରଃ କଂସକାରଃ ଷଡ଼େତେ ଶିଳ୍ପିନୋ ନରାଃ ।

† ବ୍ୟଭିଚାରେଣ ବର୍ଣ୍ଣାନାମବେଦ୍ୟାବେଦନେନଚ
ସ୍ୱକର୍ମଣାଂଚ ତ୍ୟାଗେନ ଜାୟନ୍ତେ ବର୍ଣ୍ଣସଙ୍କରାଃ ।

ହୋଇଛନ୍ତି । ପତିତ ମଧ୍ୟ ଉଠିଛି । ପତିତ ନାନା ଉଦ୍ୟମ କରି ଉଠିବାକୁ ଚେଷ୍ଟା କରିଛି ଓ ଗୁଡ଼ିଏ ଲୋକଙ୍କୁ ମନାଇ ପାରିଲେ ନିଜକୁ ସ୍ୱତନ୍ତ୍ର ଜାତିରେ ଗଣାଇ ପାରିଛି ଓ ସ୍ୱତନ୍ତ୍ର ବୃତ୍ତି ଧରିଛି । ବହୁ ମତରେ ବା ରାଜାଦେଶରେ ଯେଉଁ ନୀଚ ଜାତିର ଲୋକ ଉପରକୁ ଉଠା ହୋଇଛି, ସେ ମଧ୍ୟ ସବୁବେଳେ ସମସ୍ତଙ୍କଦ୍ୱାରା ଉଚ୍ଚକୁ ଗଲା ବୋଲି ଗୃହୀତ ହୋଇନାହିଁ । ଦେଶର ଲୋକସଂଖ୍ୟା ଖୁବ୍ ବେଶୀ ଥିବାରୁ, ଓ ଜାତି ବି ଅନେକ ଥିବାରୁ ରାଜା ବା ବ୍ରାହ୍ମଣ ନିଜର ମତ ସମସ୍ତଙ୍କ ଉପରେ ଲଦି ଦେବାରେ ସମର୍ଥ ହୋଇ ନାହାନ୍ତି । ପ୍ରବର୍ତ୍ତେଇ ମନ ମନାଇବା ବ୍ୟତୀତ ଅନ୍ୟ କୌଣସି ଉତ୍କଟ ଉପାୟ, ସମାଜକୁ ସମ୍ଭାଳିବା ସକାଶେ, କୌଣସି ରାଜା କେବେ ଅବଲମ୍ବନ କରିଥିବାର ଇତିହାସ ବା ପୁରାଣରେ ନାହିଁ । ଲୋକଙ୍କର ମତ ସ୍ୱାଭାବିକ ରୀତିରେ ଗଢ଼ି ଉଠିବା ସକାଶେ ସବୁବେଳେ ଛାଡ଼ି ଦିଆ ହୋଇଛି । ସାମାଜିକ ରୀତି ନୀତିରେ ଈପ୍‌ସିତ ସଂସ୍କାର ନ ଆଣି ପାରିଲେ, 'ଲୋକଙ୍କ ମୁହଁରେ କିଏ ହାତ ଦେଇ ପାରିବ ?' ବୋଲି କହି ବଳବାନକୁ ତୁନି ହେବାକୁ ହୋଇଛି— 'ଜନାନନେ କଃ କରମର୍ପୟିଷ୍ୟତି' । କିନ୍ତୁ ନପାରିବା ସ୍ଥଳରେ, ସ୍ୱତନ୍ତ୍ର ଜାତି ଗଢ଼ିବା ନିତାନ୍ତ ଆବଶ୍ୟକ ହେଲେ, ନୂଆ ବୃତ୍ତି ବା ପୁରୁଣା ବୃତ୍ତିର ନୂଆ ଶାଖା ଧରାଇ ଦିଆ ହୋଇଛି ।

## ବଡ଼ ଜାତି ହେବାକୁ ଏବେ ବି ଲାଲସା—

ଯେ ଯେତେବେଳେ ଯେ ଉପାୟରେ ପାରିଛି— ସେବା କାର୍ପଣ୍ୟ ଦେବା ଫଳେ— ନିଜ ଜାତିର ପ୍ରତିଷ୍ଠା ଅର୍ଜିଛି ; ଯେ ନ ପାରିଛି ସେ ଅପେକ୍ଷା କରି ବସିଛି ତା'ର ସୁଯୋଗ କେତେ-ବେଳେ ଆସିବ ।

ବର୍ତ୍ତମାନ ମଧ୍ୟ ଏ ରୀତି ଚାଲିଛି, କିନ୍ତୁ ନୂଆ ଜାତି ଅନେକଙ୍କ ପୁରୁଣା ବୃତ୍ତିରେ ଆସି ଲବ୍ଧ ହୋଇଯାଇଛି । ଗତ ୪୦ ବର୍ଷ ଭିତରେ ଦେଖିଥିବା କେତୋଟି ଉଦାହରଣ ଏଠାରେ ଦେବି । ଖୋର୍ଦ୍ଧାରେ ସୁଧ ବୋଲି ଗୋଟିଏ ଜାତି ଅଛନ୍ତି (ଥିଲେ ବୋଲି କହିଲେ ଯଥାର୍ଥ ହେବ ) । ଏମାନେ ପାଣି ଅସ୍ପର୍ଶ୍ୟ ଥିଲେ । ଏମାନଙ୍କର ସମ୍ପତ୍ତି ହେଲା । ପ୍ରଥମେ ପ୍ରଥମେ ଜଣେ ଦୁଇଜଣ ଟଙ୍କା ପଇସା ଦେଇ କରଣ ଘରେ ବନ୍ଧୁ କରିଗଲେ । ଆଉ ଟଙ୍କା ପଇସା ଦେବାକୁ ବି ପଡୁନାହିଁ । ଏମାନଙ୍କ କରଣତ୍ୱ ପ୍ରତିଷ୍ଠିତ ହୋଇ-ଗଲାଣି ।

ପ୍ରାୟ ୨୦ । ୨୫ ବର୍ଷ ପୂର୍ବେ 'କରଣ' ବର୍ଣ୍ଣସଙ୍କର, ଅନ୍ତ୍ୟଜ ଜାତି ବୋଲି ଶାସ୍ତ୍ରୀୟ ପ୍ରମାଣ ବାହାର କରି ହାଇକୋର୍ଟରେ ସାକ୍ଷ୍ୟ ଦିଆ ହୋଇଥିଲା, କରଣଙ୍କର ଗୋଟିଏ ଭାଇଭାଗ ମକଦ୍ଦମାରେ । ଶାସ୍ତ୍ରରେ ତ ଅଛି, କରଣ ଶୂଦ୍ରା ସ୍ତ୍ରୀ ଓ ବୈଶ୍ୟ ପୁରୁଷଠାରୁ ଜାତ ବର୍ଣ୍ଣସଙ୍କର * । ଶାସ୍ତ୍ରରେ ଯାହା ଥାଉ ନା କାହିଁକି, କରଣଙ୍କର ଉଚ୍ଚଜାତିତ୍ୱ ବର୍ତ୍ତମାନ୍ କେହି ଅସ୍ୱୀକାର କରୁନାହାନ୍ତି । ଏହା କିପରି ହେଲା, ତାହାର ଗବେଷଣା ବଡ଼ କୌତୂହଳପୂର୍ଣ୍ଣ । ବଙ୍ଗୀୟ 'କୁଳଦୀପିକା' ବହିରେ କାୟସ୍ଥଙ୍କ ବିଷୟରେ ଗୋଟିଏ ଆଖ୍ୟାୟିକା ଅଛି । ମୋଟାମୋଟି ତାହା ଏହି ଯେ କାୟସ୍ଥ ବା କରଣ ଅନ୍ତ୍ୟଜ ହୋଇଥିବାରୁ ଶୂଦ୍ରଙ୍କଠାରୁ କନିଷ୍ଠ ଥିଲେ । ବ୍ରାହ୍ମଣଙ୍କ ଅନୁଗ୍ରହରୁ ସେ ଦେବୀଙ୍କ ଅନୁଗ୍ରହ ପାଇଲେ । ସେ ହେଲେ ଏ ପୃଥିବୀରେ ଲେଖନକାର । ଖାଲି ପୃଥିବୀରେ ନୁହେ—ଜଣେ ଚିତ୍ରଗୁପ୍ତ,

* ଶୂଦ୍ରାବିଶୋସ୍ତୁ କରଣଃ—ଅମରକୋଷ
ଶୂଦ୍ରାବିଶୋସ୍ତୁ କରଣୋଽମ୍ବଷ୍ଠୋ ବୈଶ୍ୟାଦ୍ୱିଜନ୍ମନୋଃ—
ବ୍ରହ୍ମବୈବର୍ତ୍ତ ପୁରାଣ ।

ଯମରାଜାଙ୍କର ସେକ୍ରେଟାରୀ ହେଲେ ; ଆଉ ଜଣେ, ବିଚିତ୍ର, ନାଗଲୋକରେ ନାଗରାଜାଙ୍କ ପାଖେ ରହିଲେ ; ତୃତୀୟ ଜଣକ, ଚିତ୍ରସେନ, ମର୍ତ୍ତ୍ୟରେ ରାଜସେବକ ହେଲେ । ସ୍ଥାନରେ ରହିଯିବାରୁ ପ୍ରତିଷ୍ଠା ବଢ଼ିଲା । ଆଗ ସମସ୍ତେ ତାଙ୍କୁ ଶ୍ରେଷ୍ଠ ନଜର କରୁ କରୁ ଉଠିଲେ, ଉଠୁ ଉଠୁ ମାନ୍ୟ କଲେ । ସେ ଯାହାହେଉ, ବର୍ତ୍ତମାନ୍ ସେମାନେ କ୍ଷତ୍ରିୟର ସ୍ଥାନାଭିଷିକ୍ତ, ଯଦ୍ୟପି ବୃତ୍ତି ସମାନ ରହିଛି ।

## ଏ ଲାଳସା ବଡ଼ଙ୍କୁ ବି ଛାଡ଼ୁନାହିଁ

ବ୍ରାହ୍ମଣଙ୍କ ଭିତରେ ମଧ୍ୟ କିଭଳି ଉତ୍କଟ ଜାତିଭେଦ ଅଛି, ତାହା ଅଳ୍ପ ଲୋକେ ଜାଣନ୍ତି । ଆମ ଓଡ଼ିଶାରେ ଉତ୍କଳୀ ଓ ଆରଣ୍ୟକ ବୋଲି ଦୁଇଟି ପ୍ରଧାନ ବିଭାଗ । ଉତ୍କଳୀଙ୍କ ଭିତରେ, ବୈଦିକ, ସାରୁଆ, ପାଡ଼ିଆ, ମାସ୍ତାନ, ଭଦ୍ରୀ, ଅଦାବିକା, ଦେଉଳିଆ ପଣ୍ଡା ଏହିପରି ବିଭିନ୍ନ ଗୋଷ୍ଠୀ । ବୈଦିକଙ୍କ ଭିତରେ 'ସାମନ୍ତ' ବୋଲି ଯେଉଁ ମାନଙ୍କୁ ପ୍ରତାପରୁଦ୍ରଙ୍କ ସମୟରେ ଉପରକୁ ଉଠାଇ ଦିଆଗଲା, ସେମାନେ ମାଚ କୋଠୀରୁ ଆସିଛନ୍ତି ବୋଲି ଅନ୍ୟ ବୈଦିକମାନେ କହନ୍ତି । ଯେଉଁ ବୈଦିକମାନେ ଆଗ ସାଆନ୍ତଙ୍କୁ ମାନିଗଲେ ସେମାନେ ବଡ଼ ପାହିଆ ପାଇଛନ୍ତି । ଅନ୍ୟମାନେ ପ୍ରଥମେ ସାଆନ୍ତଙ୍କୁ ନ ମାନିବାରୁ ରାଜାନୁଗ୍ରହରୁ ବଞ୍ଚିତ ହୋଇଥିଲେ । କିନ୍ତୁ ଏ ବିଦ୍ରୋହକୁ ଜୀବନ୍ତ ରଖି ଯେତେବେଳେ ନ ପାରିଲେ, ସେଇ 'ସାଆନ୍ତ'ଙ୍କର ଅନୁଗ୍ରହପ୍ରାର୍ଥୀ ହେଲେ । ନିନ୍ଦାସୂଚକ ପଦ ପାଇ ପୁଣି ରାଜଦ୍ୱାରକୁ ଫେରିଲେ । ଏ ପଦମାନ ବଡ଼ କୌତୁକିଆ—ଧାମି, ଗୁହବରଗୁଡ଼ି, ବୁଲିକୁକୁର, ସାନଅଡ଼ଙ୍ଗ, ବଡ଼ଅଡ଼ଙ୍ଗ, ଲଙ୍ଗଳା କୌଞ୍ଚିସ, ଲଉ, ଫିରିଙ୍ଗି, ଫକୀର, କାନ୍ତାରୁ, କେଉଟମାଧିଆ, ପରହାଟିଆ ଏହିପରି ଆଉ କେତେ । ୩୦।୮୦

ବର୍ଷ ତଳେ ଏଇମାନଙ୍କ ଭିତରେ ଆଭିଜାତ୍ୟର ନ୍ୟୂନାଧିକ୍ୟ ନେଇ ଯେଉଁ ପ୍ରତିଦ୍ୱନ୍ଦ୍ୱିତା ଥିଲା ତାହା ଆଜି ନାହିଁ, କିନ୍ତୁ ଅନେକଙ୍କ ମନ ଭିତରେ ଆମେ ଲଉ, ଆମେ କାନ୍ତାରୁ, ଆମେ କେଉଟମାଧିଆ ବୋଲି ପ୍ରୌଢ଼ି ପୂରା ଛୁଡ଼ି ନାହିଁ । ଏକା ଗୋତ୍ର, ଏକା ଶାଖାରେ ମଧ୍ୟ ବହୁ ସ୍ତରର ବ୍ରାହ୍ମଣ ଅଛନ୍ତି । ମିଶ୍ର ଶାଖାରେ ତିରିଶିରୁ ଅଧିକ, ବିଭିନ୍ନ ଗୋଷ୍ଠୀର ବ୍ରାହ୍ମଣ ଅଛନ୍ତି—ଭଟ୍ଟମିଶ୍ର ଅଛନ୍ତି, ଅପାଂକ୍ତେୟ ଦେଉଳିଆ ବି ଅଛନ୍ତି । ମିଶ୍ରମାନେ ତ ଦାବୀ କରନ୍ତି, କାନ୍ୟକୁବ୍ଜରୁ ଉକରି ହୋଇ ଆସିଥିଲେ । ପୁଣି ତାଙ୍କର ଭିତରୁ ଶୁଣାଯାଏ, ଆଜି ମିଶ୍ର ବୋଲାଉଥିବା ଗୋଟିଏ ଗୋଷ୍ଠୀ ବ୍ରାହ୍ମଣଙ୍କର ପୂର୍ବପୁରୁଷ ମାଳି ଥିଲେ । ମହାଷ୍ଟମୀ ରାତିରେ ରାଜାଙ୍କ ସଙ୍ଗେ ଦେଖା ହୋଇଗଲା । ରାଜା ତାଙ୍କ ମୁଣ୍ଡରେ ଚିତା ଦେଖି ବ୍ରାହ୍ମଣ ବୋଲି ବିଚାରି ନମସ୍କାର ହୋଇ ପଡ଼ିଲେ । ଭୁଲ ତ ହୋଇ-ସାରିଲାଣି । ରାଜାଙ୍କ ଭୁଲ । ତେଣୁ ତାଙ୍କୁ ବ୍ରାହ୍ମଣ କରିଦିଆ ହେଲା । ସେ ବୋଲାଇଲେ 'କାଳରାସି' ଯେପରି 'କେଉଟମାଧିଆ', 'କାନ୍ତାରୁ' ।

ଚାଳିଶବର୍ଷ ତଳେ ଭିଙ୍ଗାରପୁରର ଶ୍ରୈଧିରୀମାନେ ନିଜକୁ ଶ୍ରେଷ୍ଠ ବ୍ରାହ୍ମଣ ବୋଲି ମନେକରି, ବହୁତ ପଇସା ଦେଇ ପୁରୀର ଶାସନୀ ବ୍ରାହ୍ମଣଙ୍କ ସଙ୍ଗେ ବୈବାହିକ ସମ୍ବନ୍ଧ କରୁଥିଲେ । ଏବେ ଆଉ ସେ ନିଜକୁ ଶ୍ରେଷ୍ଠ ମନେ କରୁନାହାନ୍ତି କି ସେପରି ପଇସା ଦେଇ ବଂଧୁ କରିବାକୁ ବ୍ୟାକୁଳ ହେଉନାହାନ୍ତି ।

ଭଦ୍ରୀ ବ୍ରାହ୍ମଣଙ୍କ ବିଷୟରେ ଗଞ୍ଜାମ ଡିଷ୍ଟ୍ରିକ୍ଟ ଗେଜେଟିଅର୍‌ରେ ଗୋଟିଏ ପ୍ରବାଦ ଲେଖାଥିଲା । ସେମାନଙ୍କ ପୂର୍ବପୁରୁଷ ଥିଲେ ଜଣେ ନାପିତ, ଭଦ୍ର କରିବା ଲୋକ । ଦେଖିବାକୁ ଖୁବ୍ ସୁନ୍ଦର ଥିଲେ । ଆମ ଦେଶରେ ତ ଚିତା କାଟିବାକୁ ସମସ୍ତେ ଅଧିକାରୀ । ଦୂରରୁ

ତାଙ୍କ ଚରିତ ଦେଖି ଜୟପୁର ମହାରାଜା ନମସ୍କାର ହୋଇପଡ଼ିଲେ । କାଳସାହିଙ୍କପରି 'ଭଦ୍ରୀ' ବ୍ରାହ୍ମଣ ସୃଷ୍ଟି ହେଲା ।

## ଜାତ୍ୟଭିମାନ ଜାତିଭେଦର ପ୍ରଧାନ କାରଣ

ବ୍ରାହ୍ମଣଙ୍କ ଭିତରେ ଯେପରି କରଣ, ଖଣ୍ଡାୟତ ଇତ୍ୟାଦି ସବୁ ଜାତିରେ ସେହିପରି, ଆଭିଜାତ୍ୟ ବିଷୟରେ ନାନା ପ୍ରକାର କଥା (ଏଥିରୁ ଅନେକ ଗାଲଗପ ହୋଇପାରେ) ଲୋକଙ୍କ ଭିତରେ ଅଦ୍ୟାପି ଚଳୁଛି । ଜାତିଭେଦ ଦୂର କରିବାରେ ସେଇ ଗୁଡ଼ିକ ପ୍ରଧାନ ଅନ୍ତରାୟ । ଅନେକ ବ୍ରାହ୍ମଣ ଅଛନ୍ତି ଯେଉଁମାନେ ଖଣ୍ଡାୟତ ଦୁଆରେ ଜଳଖିଆ ଖାଇବେ, କିନ୍ତୁ ନୀଚ କୋଠୀ ବୋଲି ମନେ କରୁଥିବା ବ୍ରାହ୍ମଣଙ୍କ ଦୁଆର ମାଡ଼ିବେ ନାହିଁ । ବ୍ରାହ୍ମଣ ଓ ହରିଜନଙ୍କୁ ଏକାଠି ବସାଇ ହେବ । ଶୂଦ୍ରସଙ୍ଗେ ଏକ ପଂକ୍ତିରେ ଖାଇ ବସିଲେ ବ୍ରାହ୍ମଣ ପାଇଁ ଯେଉଁ ପ୍ରାୟଶ୍ଚିତ୍ତର ବ୍ୟବସ୍ଥା ଅଛି ତାହା କଷ୍ଟସାଧ୍ୟ ନୁହେ *, କିନ୍ତୁ ତେଲି ଯଦି ଶୁଣ୍ଢି ସଙ୍ଗେ ଏକା ପଂକ୍ତିରେ ଖାଇବସେ, ତେବେ ସେ ସହଜରେ ଛାଡ଼ ପାଇବ ନାହିଁ ।

ଏ ସମ୍ପର୍କରେ ଗୋଟିଏ ଅନୁଭବ କଥା ଏଠାରେ ଉଲ୍ଲେଖ-ଯୋଗ୍ୟ । ପ୍ରାୟ ୨୦ବର୍ଷ ତଳେ ମୋର ଜଣେ ତେଲି-ବନ୍ଧୁ ମୋ ସଙ୍ଗେ ଆମ ଗାଁ ଘରେ ଖାଇବସିଲେ । ଦୁହେଁଯାକ ଏକସଙ୍ଗେ ଉଠିଲୁ । ଦାପାଙ୍କ ଅମଳରେ ତେଲି କାହିଁକି, କରଣ ମଧ୍ୟ ଆମ ବାସନରେ ତ ଖାନ୍ତେ ନାହିଁ ; କଦଳୀ ପତ୍ରରେ ଖାଆନ୍ତେ ଓ ଖାଇସାରି ପତ୍ର ଉଠାଇ ଗୋବର ଲଗାଇ ଯାଆନ୍ତେ । ପଣ୍ଡିତ ଗୋପବନ୍ଧୁଙ୍କ ଆଦର୍ଶ ମୁଁ ବହୁକଷ୍ଟରେ ଘରେ ଚଳାଇ ଦେଇ ଥିବାରୁ ଏକାଠି ବସି କଂସାଥାଳି ଦୁଇଟିରେ ଖାଇଲୁ । ପ୍ରାୟ ତିନ-

* ତ୍ରିରାତ୍ର ଉପବାସ—ପ୍ରାୟଶ୍ଚିତ୍ତବିବେକ

ଘଣ୍ଟା ପରେ ମୁଁ ଘର ଭିତରକୁ ଆସି ଦେଖେ ତ ବନ୍ଧୁଙ୍କର ଅଇଣ୍ଠାଟି ପଡ଼ିଛି । ମୋର ସ୍ତ୍ରୀ ସେତେବେଳକୁ ବାଡ଼ପଟେ ଗାଁଯାକ ଲୋକ ଖୋଜାଇ ସାରିଲେଣି, କିଏ ବାସନ ଧୋଇବ ? ଆମ ଘରେ ଗଉଡୁଣୀଟିଏ କାମ କରେ, ସେ ଛୁଇଁବ ନାହିଁ; ଅନ୍ୟ ତେଲି ବି ଛୁଇଁବେ ନାହିଁ; ଚଷା, ଭଣ୍ଡାରୀ, ତନ୍ତୀ ଏଇ ଜାତିର ଲୋକ ସେତେବେଳେ ଆମ ଘରେ ଚଳୁଥିଲେ; ସେ ତ ନାହିଁ କରିବାର କଥା । ମୋର ଜଣେ ଗୁରୁଜନସ୍ଥାନୀୟା ମହିଳା ପରାମର୍ଶ ଦେଲେ, ଦୁଆରେ ବସିଥିବା ସେ ଭଦ୍ରବ୍ୟକ୍ତିଙ୍କୁ ତ ଟିକିଏ ଡାକିଦେଲେ ସେ ବାସନଟା ଧୋଇ ଦିଅନ୍ତେ । ଏଥିରେ ମୁଁ 'ଅଯଥା' ଟିକିଏ ବିରକ୍ତ ହେଲି ! ଥୟ ହେବାରୁ ବୁଦ୍ଧି ଦିଶିଲା, ବନ୍ଧୁ ମୋର ଅତିଥି; ଅତିଥିର ଜାତିକୁଳ ପଗ୍ଚରି ତଦନୁସାରେ ସେବା କରାଯାଏ ନାହିଁ । ଏହି କାରଣରେ ମୁଁ ବାସନ ଧୋଇଲି ବେଳକୁ ମୋ ସ୍ତ୍ରୀ ବାସନ ଛଡ଼ାଇ ନେଲେ । ଭଦ୍ରମହିଳା ଅସନ୍ତୁଷ୍ଟ ହୋଇ ଗଲେ, କିନ୍ତୁ ଦାଣ୍ଡଦୁଆରେ ପରେ ଏ ବିଷୟ ଆଲୋଚିତ ହେବାରେ ତାଙ୍କ ସ୍ୱାମୀ ମତ ଦେଲେ ଯେ ମୁଁ ଯାହା କରିଛି ତାହା ଶାସ୍ତ୍ରବିରୋଧୀ ନୁହେ; ହୋଇଥିଲେ ବି, ମୋର ସ୍ତ୍ରୀ କିଣ ପ୍ରାୟଶ୍ଚିତ୍ତ କରିଥାନ୍ତେ ମୁଁ ଏପର୍ଯ୍ୟନ୍ତ ସ୍ମୃତିରୁ ଖୋଜି ପାଇନାହିଁ ।

ଏହି ପରିସ୍ଥିତିରେ ଜାତିଭେଦର ଉତ୍କଟତା ଦୂର କରିବା ପାଇଁ ଉଦ୍ୟମ ହେଉଛି ଓ ହେବାର କଥା । ଖାଲି ଭାବପ୍ରଣୋଦିତ ପ୍ରଚାରରେ ଉତ୍କଟତା ବଢିବ ପଛେ କମିବ ନାହିଁ । ସହରରେ ଆର୍ଥୀତିକ କାରଣରୁ ଜାତିଭେଦ ଲୋପ ପାଉଛି, ପାଇବ । କିନ୍ତୁ ମଫସଲରେ ଗଠନମୂଳକ ପ୍ରଚାର ନହେଲେ ଜାତ୍ୟଭିମାନ ପଙ୍କପରି ତଳେ ବସିଯିବ ।

# କଃ ପନ୍ଥା ?

ଏ ପର୍ଯ୍ୟନ୍ତ ଯେଉଁ ଆଲୋଚନା ହେଲ ତାହା ମୋଟାମୋଟି ଏଇ:—

୧ । ପ୍ରଥମେ ନଜର ମନୋବୃତ୍ତି ଓ କାମକୁ ଦେଖ ମଣିଷଙ୍କୁ ଚାରିବର୍ଣ୍ଣରେ ବିଭକ୍ତ କରା ହୋଇଥିଲା । ବର୍ଣ୍ଣଚାରିରେ ଉଚ୍ଚନୀଚ ଭାବ ନଥିଲା । ସ୍ୱଦେଶୀ, ବିଦେଶୀ, ଆର୍ଯ୍ୟ ଅନାର୍ଯ୍ୟର ଭେଦ ମଧ୍ୟ ନଥିଲା ।

୨ । ଚାରିବର୍ଣ୍ଣରୁ ନାନା ପ୍ରକାରେ, ବହୁତ ଗୁଡ଼ିଏ ଜାତିର ଉତ୍ପତ୍ତି ହେଲା । ଏ ସମସ୍ତଙ୍କ ପାଇଁ ଯଥାସମ୍ଭବ ସ୍ୱତନ୍ତ୍ର ବୃତ୍ତିର ବ୍ୟବସ୍ଥା ହୋଇଥିଲା । ପ୍ରତ୍ୟେକେ ପ୍ରତ୍ୟେକର ବୃତ୍ତିରେ ଅଧିକ ବ୍ୟୁତ୍ପତ୍ତି ଲାଭ କରିବାକୁ ପୁରୁଷାନୁକ୍ରମିକ ଉଦ୍ୟମ କରୁଥିଲେ ।

୩ । ସ୍ରେଷ୍ଠ ଜାତି ବଡ଼ ଜାତିକୁ ଉଠିବାରେ କୌଣସି ବାଧା ନଥିଲା । ସ୍ରେଷ୍ଠ ଜାତିର ଲୋକ ବଡ଼ ଜାତିକୁ ଯିବାର ପ୍ରମାଣ ଇତିହାସରେ ଅଛି । ସାଧାରଣତଃ ପୁଅ ବାପର ବୃତ୍ତି ଗ୍ରହଣ କରିବାରୁ, ଜାତି ସ୍ଥୂଳତଃ ପୁରୁଷାନୁକ୍ରମିକ ହୋଇ ଯାଉଥାଏ । ଥରକୁ ଥର ଜାତିର ଏହି ଦୋଷ ବିରୁଦ୍ଧରେ ଆନ୍ଦୋଳନ ହୋଇଛି, ଏବେ ବି ହେଉଛି ।

## ସଂସ୍କାରର ଅଭିମୁଖ୍ୟ

ପୂର୍ବର ଆନ୍ଦୋଳନ ଓ ବର୍ତ୍ତମାନର ଆନ୍ଦୋଳନରେ ଗୋଟିଏ ପ୍ରଧାନ ପାର୍ଥକ୍ୟ ଲକ୍ଷ୍ୟ କରିବାର କଥା । ପୂର୍ବେ ସମାଜର ମୂଳ ଗଣ୍ଠିକୁ ଆଘାତ ନ କରି, ଯେଉଁ ଦୋଷ ଦୁର୍ଗୁଣ ଡାଳ ମେଲିଥିଲା, ତାକୁ କାଟଛାଣ୍ଟ କରିବାର ଉଦ୍ୟମ ହୋଇଥିଲା । ବୁଦ୍ଧଦେବ ଜାତିଭେଦକୁ ଅସ୍ୱୀକାର କରିଥିଲେ, କିନ୍ତୁ ଯେଉଁ ଜାତିର ଯେଉଁ ବୃତ୍ତି, ସେଥିରେ ବିପ୍ଳବ ଆଣିବାର ଉଦ୍ୟମ ହୋଇଥିବା

ପର ଜଣାଯାଏ ନାହିଁ । ଖୁବ୍ ସମ୍ଭବ, ପ୍ରତ୍ୟେକ ଜାତିର ବୃତ୍ତି ରଖିବାରେ ସେତେବେଳେ ଦୃଷ୍ଟି ଦିଆଯାଉଥିଲା ।

ପୁଣି ବୁଦ୍ଧଙ୍କର ପରବର୍ତ୍ତୀ ଯୁଗରେ ଯୀଶୁଖ୍ରୀଷ୍ଟ ଯେପରି ରାଜଶକ୍ତିଠାରୁ ଦୂରରେ ରହି ନିଜର ମତ ପ୍ରଚାର କରିଥିବାରୁ ସାମାଜିକ ଜୀବନର କେବଳ ଗୋଟିଏ ବିଭାଗରେ ବିପ୍ଳବ ଆଣିବାକୁ ଚେଷ୍ଟିତ ହୋଇଥିଲେ, ବୁଦ୍ଧଦେବ ଠିକ୍ ସେହିପରି ରାଜମାର୍ଗରେ କୌଣସି ହସ୍ତକ୍ଷେପ ନ କରି ନିଜ ମତ ପ୍ରଚାର କରିଥିଲେ । ଯୀଶୁଖ୍ରୀଷ୍ଟ, ଭଗବାନ୍ ଓ ରାଜାଙ୍କର ଅଧିକାର ଅଲଗା ଅଲଗା ବାଣ୍ଟି ଦେଇଥିଲେ । ସେ କହିଥିଲେ "ଭଗବାନ୍ଙ୍କ ପ୍ରାପ୍ୟ ଭଗବାନଙ୍କୁ ଦିଅ, ରାଜାଙ୍କ ପ୍ରାପ୍ୟ ରାଜାଙ୍କୁ ଦିଅ ।" ବୁଦ୍ଧଦେବ ରାଜଶକ୍ତିକୁ ଏତେ ଡରି ନ ଥିଲେ, କିନ୍ତୁ ରାଜା ନିଜେ ନିଜେ ପ୍ରଭାବିତ ହେବା ବେଳକୁ ଅପେକ୍ଷା କରିଥିଲେ । ପରେ ଅଶୋକଙ୍କ ପରି ସମ୍ରାଟ୍, ବୌଦ୍ଧଧର୍ମ ଗ୍ରହଣ କରିଥିଲେ ସତ, କିନ୍ତୁ ଖ୍ରୀଷ୍ଟିୟାନ୍ ଦେଶମାନଙ୍କରେ ଯେପରି, ବୌଦ୍ଧ ପ୍ରଭାବ ବେଳେ ମଧ୍ୟ ସେହିପରି, ରାଜଧର୍ମ ଓ ନିରୁତା ଧର୍ମର ପରସ୍ପର ଅଲଗା ଅଲଗା ହୋଇ ରହିଲା । ବେଶୀ ଧର୍ମଭାବାପନ୍ନ ରାଜାମାନେ ଉଭୟକୁ ମଝିରେ ମଝିରେ ମିଶାଇ ଦେଉଥିଲେ, କିନ୍ତୁ କୌଣସି ସମୟରେ ପାର୍ଥକ୍ୟ ସଂପୂର୍ଣ୍ଣ ଲୋପ ପାଇ ନ ଥିଲା । ଅଶୋକ ଓ ତାଙ୍କର ପୁଅ ଝିଅ ପ୍ରଚାରକର କାର୍ଯ୍ୟ କରିଥିଲେ, ଓ ଖ୍ରୀଷ୍ଟିୟାନ ରାଜାମାନେ ନିଜେ ଧର୍ମଗୁରୁ ହେବାକୁ ଉଦ୍ୟମ କରିବା ଫଳରେ, ରାଜା ଓ ପୋପଙ୍କ ଭିତରେ ଭାରି ସଂଘର୍ଷ ଲାଗିଥିଲା । ଉଭୟ ଭିତରେ ସ୍ୱାତନ୍ତ୍ର୍ୟ ସ୍ପଷ୍ଟ ଥିବାରୁ ବୌଦ୍ଧଧର୍ମ ବା ଖ୍ରୀଷ୍ଟିୟାନ୍ ଧର୍ମର ପ୍ରଭାବ, ସମାଜର ସମୂହ ଜୀବନକୁ ସମ୍ୟକ୍ଭାବେ ପ୍ରଭାବିତ କରୁ ନ ଥିଲା । ଧର୍ମମତ ଲୋକଙ୍କର ବୈଷୟିକ ଜୀବନ ଉପରେ ଆଞ୍ଚ ଆଣି ପାରୁ ନ ଥିଲା ।

# ଆଭିମୁଖ୍ୟ ଠିକ୍ ରହିଲେ, ସଂସ୍କାର ସଫଳ ହେବ

ହିନ୍ଦୁ ଧର୍ମ କଥା ସ୍ୱତନ୍ତ୍ର । ରାଜଧର୍ମ ଆମ ଧର୍ମର ଅଙ୍ଗୀଭୂତ; ଅର୍ଥାତ୍, ରାଜା ଧର୍ମର ଭିତରେ, ବାହାରେ ରହିବାର ଅବକାଶ ନାହିଁ । ଆମ ଧର୍ମର ପ୍ରଭାବ ଆଧ୍ୟାତ୍ମିକ ଓ ବୈଷୟିକ ଜୀବନକୁ ସମାନଭାବେ ନିୟନ୍ତ୍ରିତ କରେ । ଯେଉଁ ରାଜା ରାଜ୍ୟ ଶାସନରେ ଅନୀତି କରନ୍ତି ସେ ଯେପରି ଧର୍ମଦ୍ରୋହୀ, ଯେଉଁ ବ୍ରାହ୍ମଣ ନିଜର ନିତ୍ୟନୈମିତ୍ତିକ କର୍ମ ନ କରେ, ସଦାଚାରର ନିୟମ ନ ମାନେ, ସେ ସେହିପରି ଅଧର୍ମୀ ; ପୁଣି ଯେଉଁ ବୈଶ୍ୟ ସୋରିଷ ତେଲରେ ଅଗରି ମିଶାଏ, ସେ ମଧ୍ୟ ସେହିପରି ଅଧର୍ମୀ । ପୂର୍ବରେ ଯେପରି କୁହାଯାଇଛି, ଅନେକ ସମୟରେ ଆମ ଧର୍ମରେ, ଈଶ୍ୱରବିଶ୍ୱାସକୁ ଗୌଣ ମନେ କରି ଆଚାରକୁ ଧର୍ମର ମୁଖ୍ୟ ଭାଗ ବୋଲି ଧରାଯାଏ ।

ଧର୍ମର ନୀତି ଧରି ସାମାଜିକ ଜୀବନକୁ ନିୟନ୍ତ୍ରିତ କରିବା ରାଜାର ଧର୍ମ । ଆଜି ରାଜଶକ୍ତି ଧର୍ମଦ୍ୱାରା ବିଶେଷ ପ୍ରଭାବିତ ନୁହେ । ଧର୍ମକୁ ଇଂରାଜି ଅର୍ଥରେ ବୁଝି ଧର୍ମ-ନିରପେକ୍ଷ ରାଷ୍ଟ୍ର ଆମେ ଗଢ଼ିଥାଇଁ; କିନ୍ତୁ ରାଜଶକ୍ତି ଆମ ଧର୍ମର ବିଭିନ୍ନ ବିଭାବରେ ହସ୍ତକ୍ଷେପ କରି ଆଇନ ପ୍ରଣୟନ କରିବାରେ ପଶ୍ଚାତ୍‌ପଦ ହେଉନାହିଁ । ଉତ୍ତରାଧିକାର, ବିବାହ ଇତ୍ୟାଦି ବିଷୟରେ ଆଇନ୍ ହେଉଛି ; ଇଂରେଜ ଅମଳରେ ପ୍ରଚଳିତ ରୀତିକୁ ସ୍ୱୀକାର କରିବାଫଳରେ ଆଇନ୍‌ର ରୂପ ଯେପରି କୋହଳ ଥିଲା, ଆଉ ସେପରି ରହୁନାହିଁ । ଯେଉଁମାନେ ଏ ଆଇନ୍ ପ୍ରସ୍ତୁତ କରୁଛନ୍ତି, ସେମାନେ ନିରଙ୍କୁଶ ଭାବେ ଏ ସବୁ ନିଜର ପରଂପରାକୁ ଧରି ଆମ ସଂସ୍କୃତି ସହିବା ମୁତାବକ ରୀତି ନୀତିରେ ପରିବର୍ତ୍ତନ କଲେ, 'ଧର୍ମନିରପେକ୍ଷ' ରାଷ୍ଟ୍ର ଧର୍ମରେ ଅଛି ବୋଲି ଲୋକେ ବୁଝିବେ ଓ ପରିବର୍ତ୍ତନ ଗ୍ରହଣ

କରିଯିବେ ; ନହେଲେ, ଆଇନ୍ ଆଇନ୍-ବହିରେ ରହିଯିବ, ସମାଜ ବିଶୃଂଖଳ ଭାବରେ ପଡ଼ିଆଜଡ଼ିଆ ହୋଇ ଚାଲିବ ।

ଅସ୍ପୃଶ୍ୟତା ବିଷୟରେ ରାଜଶକ୍ତିର ଅଭିମୁଖ୍ୟ ଯେଉଁ ଗତି ଧରିଛି ତାହା ଫଳରେ ଆମ ସମାଜର ଘୋର ବିଶୃଂଖଳା ହେବାର ଆଶଂକା । ବର୍ତ୍ତମାନ୍ ଏ ବିଶୃଂଖଳା ଆଖିଦୃଶିଆ ହୋଇ ନାହିଁ, କିନ୍ତୁ ଭବିଷ୍ୟତ୍‌ରେ ଏହା ଆଖିକୁ ଦିଶିଲା ବେଳକୁ ଲେଡ଼ଗୁଡ଼ କହୁଣିକୁ ବୋହି ଯାଇଥିବ । ଜାତିଭେଦ ଦୂର ହେବା ସଙ୍ଗେ ସଙ୍ଗେ ଆମ ସମାଜର ମୂଳଦୁଆ ଭୁସୁଡ଼ି ପଡ଼ିଥିବ । ତାହା ଆଜି ଟିକିଏ ବିଶଦ ଭାବେ ଆଲୋଚିତ ହେବା ଦରକାର ।

## ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନର କ୍ରମବିକାଶ :—

ହିନ୍ଦୁ ସମାଜରୁ ଅସ୍ପୃଶ୍ୟତା କଳଙ୍କ ଦୂର କରିବା ଉପରେ ମହାତ୍ମା ଗାନ୍ଧି ଜୋର ଦେଇଥିଲେ । ମଣିଷ ମଣିଷକୁ ଛୁଇଁଲେ ଛୁଆଁ ହେବ, ଏହା ଆମ ଧର୍ମର ଅଙ୍ଗ ନୁହେଁ । କାଳକ୍ରମେ ଶୌଚର କଦର୍ଥ ହୋଇ ଏ କଳଙ୍କ ଆମ ଧର୍ମରେ ପଶି ଯାଇଛି । ଏ ବିଷୟରେ ପୂର୍ବରୁ ବହୁତ ଆଲୋଚନା ହୋଇଛି । ଶ୍ରେଷ୍ଠ ଜାତିର ଲୋକ ପୁରୁଷାନୁକ୍ରମେ ଶ୍ରେଷ୍ଠ ରହିବା ତ ଦୂରର କଥା, ଏ ଜନ୍ମରେ ଉଚିତର ଯୋଗ୍ୟତାର ଅଧିକାରୀ ହେଲେ ଜାତ୍ୟୁତ୍କର୍ଷ ପାଇ ପାରିବ । ଯେଉଁ ହିନ୍ଦୁ ମହାସଭାକୁ ସାଧାରଣତଃ ରକ୍ଷଣଶୀଳ ଅନୁଷ୍ଠାନ ବୋଲି କୁହାଯାଏ, ସେ ମଧ୍ୟ ନିଜର ସ୍ପଷ୍ଟ ମତ ଘୋଷଣା କରିଛନ୍ତି ଯେ, 'ଜନ୍ମଗତ ଜାତି' ହିନ୍ଦୁଧର୍ମର ମୂଳତତ୍ତ୍ୱର ବିରୋଧୀ ; ହିନ୍ଦୁର ଦୃଷ୍ଟିରେ ସବୁ ମଣିଷ ଯେ ସମାନ ତାହାର ମୂଳରେ ଏ 'ଜାତି-ଭେଦ' କୁଠାରାଘାତ କରୁଛି ; ତେଣୁ ହିନ୍ଦୁ ସମାଜ ଏ କୁସଂସ୍କାର ଦୂର କରିବା ପାଇଁ ସକ୍ରିୟ ଚେଷ୍ଟା କରୁ । ଏ ସଂପର୍କରେ ଶାସ୍ତ୍ରୀୟ

ଯୁକ୍ତି ଏତେ ଅକାଟ୍ୟ ଯେ କେହି ଅସ୍ପୃଶ୍ୟତା ନିବାରଣ ଆନ୍ଦୋଳନର ବିରୁଦ୍ଧରେ ବାହାରିଲେ ନାହିଁ । ଅଶାସ୍ତ୍ରୀୟ ଗାଳିଗୁଲଜ ଅବଶ୍ୟ ହେଲା, କିନ୍ତୁ ତାହାର ପ୍ରଭାବ ନ ପଡ଼ିବା ସ୍ୱାଭାବିକ ।

## ଆନ୍ଦୋଳନ ସଫଳ ନ ହେଲା କାହିଁକି ?

ଆନ୍ଦୋଳନର ଫଳ ହେଲା । ତଥାକଥିତ ଅସ୍ପୃଶ୍ୟ, ରେଳରେ, ସଭା ସମିତିରେ, ସିନେମା ଓ ନାଟକର ପ୍ରେକ୍ଷା-ଗୃହରେ ଅନ୍ୟମାନଙ୍କ ସଙ୍ଗେ ଅବାଧରେ ମିଶିଲେ, ସେମାନଙ୍କ ପିଲାମାନେ ସର୍ବସାଧାରଣ ବିଦ୍ୟାଳୟରେ ପଢ଼ିଲେ । କିନ୍ତୁ ଆନ୍ଦୋଳନର ରାଜନୀତିକ ଦୃଷ୍ଟିକୋଣ ପ୍ରବଳ ଥିବାରୁ, ଏ ଫଳ ଫଳପ୍ରଦ ଦିଶିଲା ନାହିଁ । ବ୍ୟବସ୍ଥା ସଭାରେ ଆସନ ଓ ସରକାରୀ ଚାକିରୀରେ ଭାଗ ଉପରେ ତଥାକଥିତ ଶ୍ରେଷ୍ଠ ଜାତିଙ୍କର ଦାବୀ ହେଲା । ତାହା ବି ମିଳିଲା । ଯେଉଁମାନେ ଚାକିରୀ ପାଇଲେ ଓ ବ୍ୟବସ୍ଥା ସଭାରେ ବସିଲେ, ସେମାନେ 'ଉଚ୍ଚଜାତି' ସରକାରୀ ଲୋକଙ୍କ ସମାଜରେ ନିର୍ବାଧରେ ଗୃହୀତ ହେଲେ, କିନ୍ତୁ ମଫସଲରେ ଶ୍ରେଷ୍ଠ ଜାତିର ଲୋକ "ଯଥା ପୂର୍ବଂ ତଥା ପରଂ" ଅବସ୍ଥାରେ ରହିଗଲା । ଏହାର କାରଣ, ଉଚ୍ଚଜାତି ଲୋକଙ୍କର ରକ୍ଷଣଶୀଳତା ବୋଲି କୁହାଗଲା । କିନ୍ତୁ ଏହାର ଅସଲ କାରଣ ଅଲଗା । ଗ୍ରାମଜନ ପାଠୁଆ ଓ ହରି-ଜନ ପାଠୁଆ ଗୋଟିଏ ଜାତି ହୋଇଗଲେ, ସେମାନେ ଅପାଠୁଆ ଗାଁ ଲୋକଙ୍କ ସଙ୍ଗେ କୌଣସି ସମ୍ପର୍କ ରଖିଲେ ନାହିଁ । ଗାଁ ଲୋକେ ପୂର୍ବେ ଯେଉଁ ସ୍ଥିତିରେ ଥିଲେ, ସେଇ ସ୍ଥିତି ରହିଲା, ବେଶୀ ଅଜ୍ଞାନ ବା ବେଶୀ କୁସଂସ୍କାରରେ ; କାରଣ, ପୂର୍ବେ ରାମାୟଣ ମହାଭାରତ ଇତ୍ୟାଦି ପଢ଼ିବା ଫଳରେ ପୂର୍ବ ସଂସ୍କାର ଯାହା ଟିକିଏ ଥିଲା, ସେ

ସବୁ ଏ କାଳକୁ ପାସୋର ହୋଇଗଲା । ଶିକ୍ଷିତ ଲୋକେ ଏ ଅଜ୍ଞାନକୁ ବଢ଼ାଇବାରେ ଆଉ ଟିକିଏ ସାହାଯ୍ୟ କଲେ ।

ବୋଉର ସଖିତ୍ୱ ପରୀକ୍ଷା କରିବାକୁ ସତେ ଡାକ୍ତର ମାଇନା କଲାପରି ସେମାନେ, ଆମ ପୁରୁଣା ସାହିତ୍ୟ ଓ ସଂସ୍କୃତିର ଶ୍ରଦ୍ଧାଶୂନ୍ୟ ବିଶ୍ଳେଷଣ କରି, ନିଜ ଅନୁରାଗ-ଶୂନ୍ୟ ମନକୁ ଯେପରି ଦିଶିଲା, ସେପରି ସେଗୁଡ଼ିକର ଚିହ୍ନ କଲେ । ଅଧିକାଂଶ ଇଂରେଜି ଶିକ୍ଷିତଙ୍କ ଲିଖିତ, ଧର୍ମଶାସ୍ତ୍ରର ଗଳ୍ପ ଓ ତହିଁର ସମୀକ୍ଷା ପାଠକଲେ ଏ କଥାର ସତ୍ୟତା ଜଣା ପଡ଼ିବ । ଶ୍ରୀ ରାଜଗୋପାଳାଚାରୀ ଓ ଡକ୍ଟର ରାଧାକୃଷ୍ଣନ୍‌ଙ୍କ ପରି ଯେଉଁ ମୁଷ୍ଟିମେୟ ଆଧୁନିକ ପଣ୍ଡିତ ଆମ ସଂସ୍କୃତିର ଅସଲ ମର୍ମ ବୁଝି ଲେଖୁଛନ୍ତି, ତାଙ୍କ ଲେଖା ଏ କାଳର ପୁସ୍ତକ-ବାଣିଜ୍ୟରେ ଲୋକସାଧାରଣଙ୍କ ପାଖେ ପହଞ୍ଚି ପାରୁନାହିଁ । ଶିକ୍ଷିତ ଲୋକେ ଏ ସବୁ ପଢ଼ି ପୁରାଣ ସଂସ୍କୃତିର ଆଲୋଚନା କରିବାକୁ ପ୍ରବୃତ୍ତ ହେବା ପରିବର୍ତ୍ତେ, ସେହି ସେହି ପଣ୍ଡିତଙ୍କୁ ପ୍ରଶଂସା କରି ନିଜ କର୍ତ୍ତବ୍ୟ ସମାପନ କରୁଛନ୍ତି । ଶାସ୍ତ୍ରରେ ଧର୍ମଶାସ୍ତ୍ରର ପ୍ରଚାର ଓ ଆମ ସଂସ୍କୃତିର ବ୍ୟାଖ୍ୟା, ପଣ୍ଡିତ ଓ ସାଧୁ ସନ୍ନ୍ୟାସୀଙ୍କ ଦ୍ୱାରା ହେଉଥିଲା । 'ପଣ୍ଡିତ' ଗୋଟିଏ ଗାଳି-ଶବ୍ଦ ହେଲାଣି, ଓ ସାଧୁ ସନ୍ନ୍ୟାସୀମାନଙ୍କ ପାଇଁ ବଲବର୍ଗ ଓ ସୂତାକଟା ପ୍ରଭୃତି ଶରୀର-ଶ୍ରମର ପରାମର୍ଶ ଦିଆ ହେଲାଣି । ଅବଶ୍ୟ ବ୍ୟକ୍ତିଗତ ଭାବେ କୌଣସି କୌଣସି ପଣ୍ଡିତ, ସାଧୁ ଓ ସନ୍ନ୍ୟାସୀ ଉଲ୍ଲିଖିତ ବ୍ୟବସାୟ ଓ କୁଟୀର ଶିଳ୍ପ ପାଇଁ ବିଶେଷ ଭାବେ ଉପଯୁକ୍ତ, କିନ୍ତୁ ସାଧାରଣ ଭାବେ ଏହି ଏହି ଅନୁଷ୍ଠାନମାନଙ୍କର ଅନାଦର ଆମ ସମାଜ ପକ୍ଷରେ ମଙ୍ଗଳକର ହେଉନାହିଁ ।

ତହିଁରୁ ବେଶୀ ଅମଙ୍ଗଳକର ହେଉଛି ଜାତି ମାନଙ୍କ ଭିତରେ ପାଠୁଆ, ଅପାଠୁଆ, ସରକାରୀ, ବେସରକାରୀ, ସ-କାର ଓ ବେ-କାର,

ସହରିଆ ଓ ମଫସଲିଆ ଉପଜାତିମାନଙ୍କର ସୃଷ୍ଟି । ଅପାଠୁଆ ହରିଜନ ଠାରୁ ପାଠୁଆ ହରିଜନ ଯେତେ ଦୂରରେ ରହୁଛି, ଚାକିରି ପାଇ ନ ଥିବା ହରିଜନଠାରୁ ଚାକିରି ପାଇଥିବା ହରିଜନ ତହିଁରୁ ଅଧିକ ଅଧିକ ଦୂରରେ ରହୁଛି । ଉଚ୍ଚ ଜାତିରେ ଏହି ନୂଆ ଜାତିର ସୃଷ୍ଟି ଅନ୍ତତଃ ପକ୍ଷେ ପଚିଶ ବର୍ଷ ଆଗରୁ ହୋଇ ଯାଇଛି । ଯେଉଁ ବ୍ରାହ୍ମଣ ବଡ଼ ଲୋକେ ହରିଜନଙ୍କ ସଙ୍ଗେ ମିଶିବାପାଇଁ ସଭାରେ ବକ୍ତୃତା ଦିଅନ୍ତି, ସେମାନେ ନିଜର ଦରିଦ୍ର ମଫସଲିଆ କୁଟୁମ୍ବଙ୍କ ସଙ୍ଗେ ମିଶି ପାରନ୍ତି କି ନାହିଁ ନିଜେ ଭାବନ୍ତି ନାହିଁ ।

ମଫସଲର ମରହଟିଆ ଲୋକେ ଅବସ୍ଥା ଚକ୍ରରେ କିପରି ଅବସ୍ଥାରେ ଅଛନ୍ତି, ତାହା ଭାବିଲେ ଅସ୍ପୃଶ୍ୟତା ବର୍ଜ୍ଜନ ଆନ୍ଦୋଳନର ଗତି କାହିଁକି ମନ୍ଥର ହେଉଛି ଧରା ପଡ଼ନ୍ତା । ଆଧୁନିକ ଶିକ୍ଷିତଙ୍କର, "ବୁଦ୍ଧି ନ ଦିଶଇ ଘରକୁ, କହି ଦେଉଥାଏ ପରକୁ" ଅବସ୍ଥା । ମନର ଏଇ ଅବସ୍ଥାରେ ଆମେ ଆବିଷ୍କାର କଲେ ଯେ, ବିନା ପଂକ୍ତି-ଭୋଜନରେ ଜାତି ଜାତିର ବୈଷମ୍ୟ ଓ ବିରୋଧ ଦୂର ହୋଇ ନ ପାରେ ।

## ସହଭୋଜନ ସଂପର୍କୀୟ କଣ୍ଟକଣା

ଅନ୍ୟକୁ ଛୁଇଁବା ଠାରୁ ଅନ୍ୟସଙ୍ଗେ ସହ-ଭୋଜନ କରିବା ଆହୁରି ଏକ ବିଷମ ସମସ୍ୟା । ଲୋକେ କହନ୍ତି, 'ଆପରୁଚି ଖାନା'— ମନକୁ ନ ପାଇଲେ ଲୋକେ ଖାଇ ପାରନ୍ତି ନାହିଁ, ଖାଇଲେ ବାନ୍ତି କରି ପକାନ୍ତି । ଏ ଅରୁଚି ଖାଲି ଯେ ନୀଚଜାତି ଲୋକର ଖାଦ୍ୟରେ ହୁଏ, ଏହାର ପ୍ରମାଣ ଆମ ଶାସ୍ତ୍ରରେ ନାହିଁ । ଏ କଥା ପୂର୍ବରୁ ଆଲୋଚିତ ହୋଇଛି । ଶୂଦ୍ରଠାରୁ ଭାତ ଖାଇବାର ଶାସ୍ତ୍ର-ବାକ୍ୟ ପୂର୍ବରେ ଉଦ୍ଧୃତ ହୋଇଛି । ନିଜ ହଳିଆ ରନ୍ଧା ଖାଇ ପାରିବ ବୋଲି

ସ୍ମୃତିରେ ଅଛି । ବ୍ରାହ୍ମଣମାନେ ଶୂଦ୍ରଙ୍କ ଭିତରୁ ବାଛି ସୂପକାର କରୁଥିଲେ ବୋଲି ମଧ୍ୟ ଅଛି ।

ଶୂଦ୍ର ଠାରୁ ଖାଇ ପାରିବ ବୋଲି ଯେଉଁ ପାଠରେ ଅଛି ସେଇଥିରେ ପୁଣି ଅଛି, ଆଚରଣରେ ଯେଉଁମାନେ ନୀଚ, ସେପରି ଲୋକଙ୍କର—ଷଣ୍ଢ, ମାର୍ଜାର, ଆଖୁ (ମୂଷା), କୁକ୍କୁଟ, ପତିତ, ଅପବଦ୍ଧ ଓ ନଗ୍ନଙ୍କଠାରୁ ଅନ୍ନଗ୍ରହଣ କରିବା ଗର୍ହିତ । ଏହି ଏହି ପ୍ରକାର ଲୋକଙ୍କର ପରିଚୟ ଶିକ୍ଷାପ୍ରଦ । ଯେଉଁ ଲୋକ ଯଥୋଚିତ ସମୟରେ ସ୍ନାନ କରେ ନାହିଁ ଓ ନିତ୍ୟକର୍ମ କରେ ନାହିଁ, ଦିଆ ନିଆ କରେ ନାହିଁ, ପିତୃ ଓ ଦେବତାଙ୍କୁ ନ ମାନି ଷଣ୍ଢପରି ବେପରୁଆ ଚଳେ, ସେ ଷଣ୍ଢ * । ନିଜର ବାହାଦୁରି ଦେଖାଇବାକୁ ବା ନିଜର ସ୍ୱାର୍ଥସିଦ୍ଧି ନିମନ୍ତେ ଜପ ଓ ଯଜ୍ଞ କରେ, ବା ସର୍ବଦା ଯତ୍ନବାନ ହୁଏ ତାକୁ ବିରାଡ଼ି କହନ୍ତି ‡ । ସମ୍ପତ୍ତି ଥାଇକରି ମଧ୍ୟ ଯେ ଖାଏ ନାହିଁ, କି ଦିଏ ନାହିଁ, କି ଦେବତା କାର୍ଯ୍ୟରେ ଲଗାଏ ନାହିଁ, ଖାଲି ଆଉ ସଂଗ୍ରହ କରିବା ନିମନ୍ତେ ଲାଗିଥାଏ, ମୂଷା ଅନର୍ଥକ ମାଟି ତାଡ଼ିଲା ପରି, ସେ ମୂଷା । ଯାହାଙ୍କ ଅନ୍ନ ଯେ ଖାଇବ, ତାହାର ପ୍ରାୟଶ୍ଚିତ୍ତ କୃଚ୍ଛ୍ର ଚାନ୍ଦ୍ରାୟଣ † । ଯେଉଁ ସଭ୍ୟ ସଭା ଭିତରେ ପକ୍ଷ ଧରି, କୁକୁଡ଼ାଙ୍କ ପରି ଲଢ଼େ, ତାଙ୍କୁ ବଡ଼ବଡ଼ିଆ କୁକ୍କୁଟ ବୋଲି

* ନ ଜୁହୋତ୍ୟୁଚିତେ କାଲେ ନ ସ୍ନାତି ନ ଦଦାତି ଚ ।
ପିତୃଦେବାର୍ଚ୍ଚନାଦ୍ଧୀନଃ ସ ଷଣ୍ଢଃ ପରିକୀର୍ତ୍ତିତଃ—ବାମନ ପୁରାଣ

‡ ଦମ୍ଭାର୍ଥଂ ଜପତେ ଯଶ୍ଚ ତପ୍ୟତେ ଯଜତେ ତଥା ।
ନ ପରତ୍ରାର୍ଥମୁଦ୍ୟୁକ୍ତୋ ମାର୍ଜାରଃ ପରିକୀର୍ତ୍ତିତଃ ॥

† ବିଭବେ ସତି ନୈବାତ୍ତି ନ ଦଦାତି ଜୁହୋତି ଚ ।
ତମାହୁରାଖୁଂ ତସ୍ୟାନ୍ନଂ ଭୁକ୍ତ୍ୱା କୃଚ୍ଛ୍ରେଣ ଶୁଧ୍ୟତି ॥

କହନ୍ତି । ତାଙ୍କ ଅନ୍ନ ମଧ୍ୟ ଖାଇବା ପାପ * । ନିତାନ୍ତ ପ୍ରୟୋଜନ ନଥାଇ ମଧ୍ୟ ଯେ ନିଜର କର୍ତ୍ତବ୍ୟ ନ କରି ପର କାର୍ଯ୍ୟ ମାତ୍ର ନେଇ କରେ, ସେ 'ପତିତ' ବୋଲି ପଣ୍ଡିତମାନେ କହନ୍ତି † । ଯେ ବେଦ ତ୍ୟାଗ କରିଥାଏ, ପିତୃପୁରୁଷଙ୍କୁ ପଚାରେ ନାହିଁ, ଗୁରୁ ଓ ଅଗ୍ନିଙ୍କ ସେବା କରେ ନାହିଁ, ଗୋରୁ ବ୍ରାହ୍ମଣ ବା ସ୍ତ୍ରୀ ହତ୍ୟା, କରିଥାଏ, ତାକୁ 'ଅପବିଦ୍ଧ' ବୋଲି କହନ୍ତି § । ଯାହାଙ୍କର କୁଳରେ ବେଦ ଓ ଶାସ୍ତ୍ରର ବିଚାର ନାହିଁ, ବ୍ରତ ଉପବାସ ଚଳେ ନାହିଁ, ସେମାନଙ୍କୁ ନଗ୍ନ (ଲଙ୍ଗଳା) ବୋଲି କୁହାଯାଏ । ତାଙ୍କ ଅନ୍ନ ମଧ୍ୟ ଖାଇବା ନିଷିଦ୍ଧ ‡ । ଖାଇବା ବିଷୟରେ ନିଜର ରୁଚିକୁ ନିୟନ୍ତ୍ରିତ କରିବାକୁ ଏହିପରି ନୀତିବାକ୍ୟ ଶାସ୍ତ୍ର ପୁରାଣରେ ଥିଲା । ଆଲୋଚନା ଅଭାବରୁ ଏ ସବୁ ଯେଉଁମାନେ ବତାନ୍ତେ, ସେମାନଙ୍କର ବି ମନେ ନାହିଁ । ଅତି ଉଚ୍ଚ ଉଦ୍ଦେଶ୍ୟରେ ଆରମ୍ଭ ହୋଇଥିବା ରୀତିନୀତି, କାଳକ୍ରମେ ବିକୃତ ହୋଇ ଅନ୍ତଃସାରଶୂନ୍ୟ ହୋଇ ଯାଇଛି; ଠା'ଏ ଠା'ଏ ଯେଉଁ ଉଦ୍ଦେଶ୍ୟରେ ହୋଇଥିଲା ତାହାର ଠିକ୍ ଓଲଟା ଫଳ ଦେଉଛି । ତଳେ ତାହାର ଗୋଟିଏ ଉଦାହରଣ ଦେବା:—

---

* ସଭାଗତାନାଂ ଯଃ ସଭ୍ୟଃ ପକ୍ଷପାତଂ ସମାଶ୍ରୟେତ୍ ।
ତମାହୁଃ କୁକ୍କୁଟଂ ଦେବା ସ୍ତସ୍ୟାପ୍ୟନ୍ନଂ ବିଗର୍ହିତଂ ॥

† ସ୍ୱଧର୍ମଂ ଯଃ ସମୁତ୍ସୃଜ୍ୟ ପରଧର୍ମଂ ସମାଚରେତ୍ ।
ଅନାପଦି ସ ବିଦ୍ୱଦ୍ଭିଃ ପତିତଃ ପରିକୀର୍ତ୍ତ୍ୟତେ ॥

§ ବେଦତ୍ୟାଗୀ ପିତୃତ୍ୟାଗୀ ଗୁରୁ ବହ୍ନ୍ୟୁହକ ସ୍ତଥା ।
ଗୋ ବ୍ରାହ୍ମଣ ସ୍ତ୍ରୀ ବଧକୃଦପବିଦ୍ଧଃ ସ ଉଚ୍ୟତେ ॥

‡ ଯେଷାଂ କୁଳେ ନ ବେଦୋଽସ୍ତି ନ ଶାସ୍ତ୍ରଂ ନୈବ ଚ ବ୍ରତଂ ।
ତେ ନଗ୍ନାଃ କୀର୍ତ୍ତିତାଃ ସଦ୍ଭିସ୍ତେଷାମନ୍ନଂ ବିଗର୍ହିତମ୍ ॥

ବ୍ରାହ୍ମଣଙ୍କ ଭିତରେ 'ସ୍ୱପାକୀ' ବୋଲି ଜଣେ ଜଣେ ଅଛନ୍ତି । ସେମାନେ ନିଜେ ରାନ୍ଧିଲେ ଯାଇ ଖାଇବେ । ଲେଖକ ଭଲ ଲୋକଙ୍କ-ଠାରୁ ଶୁଣିଛି, ୭୦।୮୦ ବର୍ଷର ବୁଢ଼ା ବୁଢ଼ୀ, ଆଖିକୁ ଭଲ ଦିଶୁ-ନ ଥାଏ, ଘୁଷୁରୁ ଥାନ୍ତି, ପୁଅ ବୋହୂ ବ୍ୟତିବ୍ୟସ୍ତ ହେଲେ ବି ସେଥିକୁ ଦୃଷ୍ଟି ନ ଦେଇ, ପୁଞ୍ଜିଏ ଫୁଟାଇ ଖାଇବା ନିମନ୍ତେ ଘର ଧୋସାର ଘାଣ୍ଟି ହେଉ ଥା'ନ୍ତି । ବୋହୂ ଛୁଇଁଦେଲେ ଭାତ ମାରି ହୋଇଯାଏ । ଏହାର ମୂଳରେ ଥିଲା ସ୍ୱାବଲମ୍ବନଶୀଳତା । ପିଲାଙ୍କ ସୁଖ ସ୍ୱାଚ୍ଛନ୍ଦ୍ୟରେ ପ୍ରତିବନ୍ଧକ ହେବେ ନାହିଁ ବୋଲି ପୂର୍ବେ ବୁଢ଼ା ବୁଢ଼ୀ ବାନପ୍ରସ୍ଥ ହେଉଥିଲେ । ଆଜି ବି ଇଂରେଜ ଓ ଆମର କେତେକ ଆଦିବାସୀଙ୍କ ସମାଜରେ ବିଭାପରେ ପୁଅ ବାପମାଆଙ୍କ ଠାରୁ ଅଲଗାହେବା ପ୍ରଥା ଅଛି । 'ସ୍ୱପାକୀ' ବୋଧହୁଏ ବାନପ୍ରସ୍ଥଙ୍କର ଗୃହ-ସଂସ୍କରଣ; ପୁଅ ବୋହୂଙ୍କୁ ସୁଖ ଦେବା ପରିବର୍ତ୍ତେ ସେମାନେ ବର୍ତ୍ତମାନ ପିଲାଙ୍କ ସୁଖରେ କଣ୍ଟା ହେଉଛନ୍ତି ।

ରୁଚିର ବିକୃତ ଅବସ୍ଥା ଓ ପୂର୍ବ ସ୍ମୃତିମାତ୍ରର ବିକଳତା ଭିତରେ ଆମ ସମାଜରେ ନାନାପ୍ରକାର ଦେଶାଚାର ଓ କୁଳାଚାର ନାମରେ ନାନା କଟକଣାର ପ୍ରଚଳନ ହୋଇଛି । ଉପଜାତିମାନଙ୍କ ମଧ୍ୟରେ ଖାଦ୍ୟ ସମ୍ପର୍କୀୟ କଟକଣା ଅତି ତୀବ୍ର । ବ୍ରାହ୍ମଣ ଶୂଦ୍ର ସଙ୍ଗେ ବସି ଖାଇବା ଅପେକ୍ଷାକୃତ ସୁକର, କିନ୍ତୁ ତେଲି, ଶୁଣ୍ଢ଼ୀ ଘରେ କାହିଁକି, ନିଜ ଜାତିର ଅନ୍ୟଗୋଷ୍ଠୀଙ୍କ ଘରେ ଖାଇବ ନାହିଁ । ଘଣାର ବଳଦଙ୍କ ସଂଖ୍ୟା ଅନୁସାରେ ତେଲିଙ୍କର ଦୁଇଟି ପ୍ରଧାନ ଉପଜାତି—ତେଲି ଓ କୋହ୍ଲୁ । ଏକ ବଳଦିଆ କୋହ୍ଲୁ ଓ ଦୁଇ ବଳଦିଆ ତେଲି । ଏମାନଙ୍କ ଭିତରେ ପାର୍ଥକ୍ୟ ଲୋପ ହେବାକୁ ବହୁଦିନ ଲାଗିବ; ତହିଁରୁ ଅଧିକ ଦିନ ଲାଗିବ, ଗଉଡ଼ ଓ ଧୋବାଙ୍କର ସ୍ୱାଙ୍କ ସଙ୍ଗେ ଥିବା ପାର୍ଥକ୍ୟ ।

ଏମାନଙ୍କ ଜାତିଆଣ ସଭା ଉପରେ ବ୍ରାହ୍ମଣଙ୍କର ପ୍ରତ୍ୟକ୍ଷ କର୍ତ୍ତୃତ୍ୱ ନାହିଁ । ସାମାନ୍ୟ ଅପ୍ରତ୍ୟକ୍ଷ କର୍ତ୍ତୃତ୍ୱ ଯେଉଁମାନଙ୍କର ଅଛି, ସେମାନେ ପୁଣି 'ବଡ଼' ବ୍ରାହ୍ମଣଙ୍କ ଦୃଷ୍ଟିରେ ଟେଲ୍ଟ । ଆଜକାଲି କର୍ମିଣିଆ ବ୍ରାହ୍ମଣ ଏ 'ବଡ଼' ବ୍ରାହ୍ମଣଙ୍କୁ ମାନନ୍ତି ନାହିଁ; କାରଣ, ଏଇ 'ବଡ଼'ଙ୍କ ଭିତରେ ଅନେକେ ବୈଶ୍ୟ ବୃତ୍ତି କରି ଧନ ଉପାର୍ଜନ କରନ୍ତି, ଗୃହକର୍ମ କରନ୍ତି, ଶୂଦ୍ର ସେବା କରନ୍ତି, ଗୀତ ବୋଲି ଧନ ଅର୍ଜନ କରନ୍ତି—ଏପରି କରିବା ପାତକ, ଓ ଏଥିପାଇଁ କ'ଣ ପ୍ରାୟଶ୍ଚିତ୍ତ, ତାହା କର୍ମିଣିଆ ବ୍ରାହ୍ମଣମାନେ ଜାଣନ୍ତି । 'ବଡ଼' ବ୍ରାହ୍ମଣଙ୍କ ଭିତରେ ଯେଉଁ କେତେ ଜଣ ଅଦ୍ୟାପି ଆଗ୍ରହରେ ଅଛନ୍ତି, ସେମାନେ ନିଜ ପିଲାଙ୍କ ଆଚରଣ ଦେଖି 'ହାବୁଡୁବୁ' ହୋଇ ରହିଛନ୍ତି । ଉପରୁ ନେତୃତ୍ୱ ନ ମିଳିବା ସ୍ଥଳେ ସଂସ୍କାରକଙ୍କ ତାଡ଼ା ପାଇଲେ, ଅନ୍ୟ ଜାତିମାନେ କର୍ମିଣିଆ ବ୍ରାହ୍ମଣଙ୍କ ଆଡ଼କୁ ଚାହାଁନ୍ତି; କର୍ମିଣିଆ ଯଜମାନଙ୍କ ମନ ଧରି ନ ଚଳିଲେ ଏକାବେଳକେ ବୃତ୍ତି ଲୋପ !

## ଅସବର୍ଣ୍ଣ ବିବାହ

ପଂକ୍ତି-ଭୋଜନରେ ବିଶେଷ ଫଳ ନ ହେବାରୁ, ଏଥିରେ ହେବ ନାହିଁ ବୋଲି କହି ସଂସ୍କାରକ ଧରି ବସିଛନ୍ତି, 'ଅସବର୍ଣ୍ଣ ବିବାହ ହେଲେ ଯାଇ ଜାତିଭେଦ ଉଠିବ ।' କେତେଟା ଅସବର୍ଣ୍ଣ ବିବାହ ହୋଇଗଲାଣି । ବରପକ୍ଷ ଓ କନ୍ୟାପକ୍ଷ ରାଜିହେଲେ, ଆମ ଧର୍ମରେ ବିବାହ ବନ୍ଦ କରିଦେବାକୁ କୌଣସି ଉପାୟ ନାହିଁ । ଅଘରିଆ ବୋଲି ସମ୍ବଲପୁରଆଡ଼େ ଗୋଟିଏ ଜାତି ଅଛନ୍ତି ଯେ ସେମାନେ ବରକନ୍ୟାକୁ ପାଞ୍ଚବର୍ଷ ଲେଖାଏଁ ବୟସ ହେବା ପୂର୍ବରୁ ବିଭାକରି ଦେଉଥିଲେ । ବରକୁ ଓ କନ୍ୟାକୁ ଥାଳୀରେ ବସାଇ ବିଭା

କରିବାର ଶୁଣାଅଛୁ । ଗଡ଼ଜାତ ପ୍ରଭୃତି ଯେଉଁ ଜାତିରେ ଘୁଡ଼ପଣ ଚଳେ, ସେଠାରେ ଗୃଳଷ ବର୍ଷର 'କନ୍ୟା' ବିଭା ହେବାର ବିରଳ ନୁହେ । ଯେଉଁ ରୀତି ପୂର୍ବରେ ନ ଚଳୁଛି, ତାହା ଯଦି କେହି ଚଳାଇ ନେବାକୁ ବସିବ, ତେବେ କାଟୁଛନ୍ତି ଏକୁଟିଆ ହୋଇ ରହିବାକୁ ସାହସ ଥିବା ଦରକାର, କିମ୍ବା ନିଜେ ନିଜ ଦଳ ବଢ଼ାଇ ଗୋଟିଏ ନୂଆ ଗୋଷ୍ଠୀ ସୃଷ୍ଟି କରିବାକୁ ଶକ୍ତି ଥିବା ଦରକାର । ସଂସ୍କାରକ ଯେତେ ପାରିବେ ସେତେ ଅସବର୍ଣ୍ଣ ବିବାହ କରାନ୍ତୁ, ସବୁ ବିବାହ ଆମ ଧର୍ମର ଫର୍ମାରେ ପଡ଼ିଯିବ । ହାଇକୋର୍ଟ୍‌ରେ ଯେପରି ସବୁ ପ୍ରକାର ଦୋଷାଦୋଷ ପାଇଁ ନଜିର ଖୋଜିଲେ ମିଳେ, ସେହିପରି ଆମ ଧର୍ମ ଶାସ୍ତ୍ରରେ ସବୁ ପ୍ରକାର କାର୍ଯ୍ୟ ପାଇଁ ଆଂଶିକ ଓ ପୂର୍ଣ୍ଣ ସମର୍ଥନ ମିଳିବ । କିନ୍ତୁ ସାଧାରଣ ଲୋକେ ନୂଆ କଥା କରି ନାମ କମାଇବାକୁ ବାହାରନ୍ତି ନାହିଁ । ଆମ ଧର୍ମର ଗୋଟିଏ ବଡ଼ କଥା, ନିଜ ସ୍ୱାର୍ଥପାଇଁ ସମାଜ ଶୃଙ୍ଖଳା ଛିଡ଼ିବା ଉଚିତ ନୁହେ । ଯଦି କୌଣସି କାର୍ଯ୍ୟ ଲୋକଙ୍କର ବିରୋଧୀ ହେବ-ବୋଲି ପରିଷ୍କାର ଜଣା ପଡ଼ୁଛି, ତେବେ ସେପରି କାର୍ଯ୍ୟ ନିଜେ କରିବ ନାହିଁ କି ଅନ୍ୟ ଲୋକ କଲେ ସମର୍ଥନ କରିବ ନାହିଁ । * ନିଜର ମତକୁ ସମାଜ ଉପରେ ଲଦିବାକୁ ଅଯଥା ଉଦ୍ୟମ କରାଯିବ ନାହିଁ । ବିବାହ ନିଜ ରୁଚି ଉପରେ କଥା । କନ୍ୟାର ମନକୁ ବର ପାଇବ, ଝିଅକୁ ଜ୍ୱାଇଁ ପୋଷିପାରିବ ବୋଲି କନ୍ୟା-ମାତାର ବିଶ୍ୱାସ ହେବ, ଜ୍ୱାଇଁ ଯୋଗ୍ୟବୋଲି ଶଶୁର ବୁଝିବ ଓ କୁଟୁମ୍ବାଦି ଲୋକଙ୍କର ପ୍ରତ୍ୟୟ ହେବ ଯେ ନୂଆବନ୍ଧୁ ଜାତିଆ, ଅନ୍ୟମାନଙ୍କର ଭୋଜିରେ ମନ । ଏହି ଦୃଷ୍ଟିରେ ହାଡ଼ି ମଧ ନିଜ ଝିଅକୁ ଜଣେ ଶ୍ରୋତ୍ରୀୟ ବ୍ରାହ୍ମଣଙ୍କୁ ଦେବାକୁ ମଙ୍ଗେନାହିଁ ।

* ଯଦ୍ୟପିସିଦ୍ଧଂ ଲୋକବିରୁଦ୍ଧଂ ନାଽଦରଣୀୟଂ ନାଽଚରଣୀୟଂ ।

ଲେଖକର ଗ୍ରାମ ନିକଟର ଜଣେ ଦରିଦ୍ର ବ୍ରାହ୍ମଣ ଯୁବକ କର୍ମକୁଡ଼ି ହୋଇଥିବାରୁ ତାଙ୍କୁ କନ୍ୟା ମିଳୁ ନଥିଲେ । ସେ ଖବର ଶୁଣିଲେ, ସେ ଯଦି ଅସବର୍ଣ୍ଣ ବିବାହ କରିବେ ତାହାହେଲେ ସହଜେ ଖଣ୍ଡିଏ ବୃତ୍ତି ମିଳିଯିବ । ତାଙ୍କୁ ଜଣାଗଲା, କେବଳ ବ୍ରାହ୍ମଣଙ୍କର ବିରୋଧ ଏ ସୌଭାଗ୍ୟର ଅନ୍ତରାୟ । ସେ ଆମ ବିଜ୍ପୁର ଗ୍ରାମରେ ବ୍ରାହ୍ମଣଙ୍କର ଅନୁମତି ମାଗିଲେ । ବ୍ରାହ୍ମଣମାନେ ବ୍ୟବସ୍ଥା ଦେଲେ, କନ୍ୟା ନଥାଇ ତ ବିଭାଘର ହୋଇ ପାରିବ ନାହିଁ; ଆଗ କନ୍ୟାଟିଏ ଠିକଣା କର । ଏ ପର୍ଯ୍ୟନ୍ତ ବ୍ରାହ୍ମଣଯୁବକ କନ୍ୟା ପାଇ ନାହାନ୍ତି । ହାଡ଼-ଝିଅ ହେଲେ ବି ତାହାର ବାପ ତ ତା' ଭବିଷ୍ୟତ୍ ଚିନ୍ତା କରିବ ! ବାପ-ମାଙ୍କଠାରୁ ନିଜେ ନିଜର ସ୍ୱାର୍ଥ ଭଲ ବୁଝିପାରିବେ ବୋଲି ବର କନ୍ୟା ବିଚାରିଲେ ସର୍ବଦା ସୁଫଳ ଫଳେ ନାହିଁ । ପୁରୀର 'କମଳା-ହରଣ' ମକଦ୍ଦମାର ଫଇସଲା ହୋଇ ସାରିଲାଣି, କଟକର 'ରମା ମିଶ୍ର' ମକଦ୍ଦମା ଚାଲିଛି । ଖୁବ୍ ବଡ଼ବଡ଼ ଜାଗାରେ ବି ଏହିପରି ଫଳ ହୁଏ । ତିରିଶବର୍ଷ ତଳେ କଟକ କଲେଜରେ ଦୁଇଜଣ ଏମ୍.ଏ. ଛାତ୍ର ଛାତ୍ରୀ ବିଭାହେବାକୁ ମନକଲେ—ଅସବର୍ଣ୍ଣ ବିବାହ । ସଂସ୍କାରକମାନେ ଏ ପ୍ରସ୍ତାବକୁ ସ୍ୱାଗତ କଲେ । ବିଭାଘର ଜାକଜମକରେ ହେଲା ; ତିରିଶବର୍ଷ ପର୍ଯ୍ୟନ୍ତ ସମ୍ଭାଳିଲା ମଧ୍ୟ । ଏବେ ସେ ବିବାହ ଭାଙ୍ଗିଛି । ବର ଏବେ ପୁଣି ବିଭା ହୋଇଛନ୍ତି ଗୋଟିଏ ସବର୍ଣ୍ଣା କନ୍ୟା, ବୟସ ପଚିଶରୁ କିଛି ବେଶୀ । ଖୁବ୍ ସମ୍ଭବ ତିରିଶବର୍ଷ ହେଲା ଏ କନ୍ୟା ବିଭା ନହୋଇ ଏହି ବରଙ୍କୁ ଅପେକ୍ଷା କରି ରହିଥିଲେ । ସଂସ୍କାରକମାନେ କହୁଛନ୍ତି, ଏପରି ବିପର୍ଯ୍ୟୟ ସବର୍ଣ୍ଣ ବିବାହରେ ମଧ୍ୟ ହୁଏ । ହୁଏ, କିନ୍ତୁ ଜଣେ ପ୍ରଖ୍ୟାତ ସଂସ୍କାରକଙ୍କର ଏପରି ବିପର୍ଯ୍ୟୟ ହେବା ଅତି ପରିତାପର ବିଷୟ ।

## ତ୍ୟାଗୀ ସଂସ୍କାରକର ଅଭାବ ହେବ ନାହିଁ

ଖାଲି ଛୁଁଆଛୁଇଁ ନ ମାନିବାକୁ ବା ପଂକ୍ତିଭୋଜନ କରିବାକୁ ନୁହେଁ, ଅସବର୍ଣ୍ଣ-ବିବାହ କରିବାକୁ ମଧ୍ୟ ଆମ ଦେଶରେ ସତ୍‌ପାତ୍ରର ଅଭାବ ହେବ ନାହିଁ । ଶାସ୍ତ୍ରରେ ଏ ସବୁ ସମର୍ଥନ କରିବାକୁ ବାକ୍ୟ ଅଛି, ଏବଂ ଦେଶ ଓ କାଳର ପ୍ରୟୋଜନରେ ସଂସ୍କାର କରିବାକୁ ଯାଇ ଲୋକନିନ୍ଦା ମୁଣ୍ଡାଇବାକୁ ଏ ଦେଶରେ ତ୍ୟାଗୀ ମହାପୁରୁଷ ଅଭାବ ହୁଅନ୍ତି ନାହିଁ । ଲୋକମତ ଉପରେ ଗୋଡ଼ ଦେଇ ଯେଉଁମାନେ ସଂସ୍କାର କରି ଯାଆନ୍ତି, ସେମାନଙ୍କ ଦୋଷ ମଧ୍ୟ ବହୁକାଳ ଧରା ହୁଏ ନାହିଁ । କଂଗ୍ରେସର ପ୍ରଥମ ଆନ୍ଦୋଳନ ବେଳେ ଯେଉଁମାନେ ହାଡ଼ିଙ୍କୁ ଇସ୍କୁଲରେ ପୂରାଇଲେ ସେମାନଙ୍କ ଦୋଷ କେହି ଧରି ନାହାନ୍ତି, ନଅଙ୍କ ବେଳେ ଯେଉଁମାନେ ଛତ୍ରରେ ଖାଇଥିଲେ ସେମାନେ ଛତ୍ରଖିଆ ବୋଲି 'ପତିତ' ହୋଇଥିଲେ, ଆଜି ସେମାନେ ଖୁବ୍ ଉଚ୍ଚରେ ବନ୍ଦୁ କଲେଣି । ଆଜି ବାଲେଶ୍ୱରରେ ଯେଉଁମାନେ ଛତ୍ରରେ ଖାଉଛନ୍ତି, ସେମାନଙ୍କୁ ବାସନ୍ଦ କରିବା ପ୍ରଶ୍ନ କାହା ମନରେ ବି ଉଠୁନାହିଁ । କନ୍ୟା ଅଭାବରେ କଟକ ଜିଲାର ଏକ ବିଶିଷ୍ଟ ଅଞ୍ଚଳର କୌଣସି କୌଣସି ବ୍ରାହ୍ମଣ, ଖୋର୍ଦ୍ଧା-ଆଡ଼ୁ ଆଣି ଇତର ଜାତିର କନ୍ୟା ବିଭା ହୋଇଛନ୍ତି । ଧରା ପଡ଼ିଲେ ବି ବେଶୀଦିନ ବାସନ୍ଦ ହେଉ ନାହାନ୍ତି । ସବୁ କଥାକୁ କାଳକ୍ରମେ ସମର୍ଥନ କରିଯିବା ଆମ ସମାଜର ଗୋଟିଏ ବିଶିଷ୍ଟ ଲକ୍ଷଣ । କିନ୍ତୁ ଏ ସବୁ ସଂସ୍କାର ଖାଲି ବଳାଜୋରରେ, ବହୁଳ ଭାବେ ଚଳିବ ବୋଲି ଆଶା କରିବା ବୃଥା । ଖାଇବା ଓ ବିବାହ ବିଷୟରେ ବାଛବିଚାର ଆଧୁନିକ ଶିକ୍ଷିତଙ୍କ ଭିତରେ ଖୁବ୍ ଉତ୍କଟ ଭାବେ ଚଳୁଛି । ଜିଲା ମାଜିଷ୍ଟ୍ରେଟ୍ ତାଙ୍କ-ପିଅନ୍‌ଙ୍କ ଘରେ

ଖାଇବା ବା ତାଙ୍କୁ ସମ୍ବନ୍ଧୀ କରିବା କଳ୍ପନା ବି କରାଯାଇ ପାରୁ-
ନାହିଁ । କିନ୍ତୁ ଆମଜାତିମାନଙ୍କରେ ବଡ଼ ସାନର ସମ୍ବନ୍ଧ ଚଳେ ।
ବର୍ତ୍ତମାନ ଏ ସଂସ୍କାରମାନ ଯେତେ ସଂଖ୍ୟାରେ ଚଳୁଛି, ପୁରୁଣା
ଶାସ୍ତ୍ର ପୁରାଣର ପ୍ରଚାର ହେଲେ ଆଉ ଅଧିକ ଭାବେ ନିଶ୍ଚୟ ଚଳିବ ।

ସେପରି ନ କରି, ଖାଲି ଭାବପ୍ରବଣ ଉଗ୍ରପ୍ରଚାର ଫଳରେ
ସମାଜରେ ଯେଉଁ ପ୍ରତିକ୍ରିୟା ହେଉଛି, ତାହା ସାଧାରଣ ଲୋକଙ୍କୁ
କାର୍ଯ୍ୟରେ ଆଗକୁ ନେଲାବେଳେ ବିଚାରରେ ପଛକୁ ଠେଲି
ଦେଉଛି । କାଳର ଗତିରେ ବାଧ୍ୟ ହୋଇ ଅଧର୍ମ ଘୋଟି ଯାଉଛି
ବୋଲି ଲୋକେ ଅନେକ ସମୟରେ ଭୁଲ ବୁଝୁଛନ୍ତି । କର୍ମଶିଆ
ବ୍ରାହ୍ମଣଙ୍କର ଅଜ୍ଞତା ଫଳରେ ଏ ଧାରଣା ଅନେକଙ୍କ ଏତେ ବଦ୍ଧ-
ମୂଳ ହୋଇ ଯାଉଛି ଯେ ଠା'ଏ ଠା'ଏ ଅସ୍ପୃଶ୍ୟତା-ନିବାରଣ
ଆନ୍ଦୋଳନର ହାସ୍ୟାସ୍ପଦ ବିରୋଧ ମୁଣ୍ଡ ଟେକୁଛି । ପୁରାଣରେ
ଶୂଦ୍ରାନ୍ନ ଗ୍ରହଣ କରୁଥିଲେ ବୋଲି ପ୍ରମାଣ ଦେଖାଇବାରେ ଜଣେ
ବ୍ରାହ୍ମଣ କହିଥିଲେ, "ସେ ଯୁଗରେ ବ୍ରାହ୍ମଣ ଶୂଦ୍ରଘରୁ ଖାଉଥିଲେ
ବୋଲି ଏ ଯୁଗରେ ଖାଇବେ ? ବର୍ତ୍ତମାନ ଶୂଦ୍ରମାନଙ୍କର କ୍ରିୟାଶୁଦ୍ଧି
ନାହିଁ ।" ସତେ ଯେପରି ଖାଲି ବ୍ରାହ୍ମଣମାନଙ୍କର କ୍ରିୟାଶୁଦ୍ଧି
ରହିଛି ! ବରଂ, ଉଭୟ ପକ୍ଷର କ୍ରିୟାଶୁଦ୍ଧି ନିମ୍ନଗାମୀ ହୋଇଥିବା
ସ୍ଥଳେ, କ୍ରିୟାଶୁଦ୍ଧି ଉପରେ ଏ ଯୁଗରେ ବେଶୀ ଜୋର ନ ଦିଆ
ହେବାର କଥା ।

## ଅନ୍ଧ ରକ୍ଷଣଶୀଳତା, ଅନ୍ଧ ସଂସ୍କାରକୁ, ସାବଧାନ

ବ୍ରହ୍ମପୁର ଠାରୁ ଆଠମାଇଲ ଦୂରରେ ପଞ୍ଚମା ବୋଲି
ଗୋଟିଏ ଗ୍ରାମ ଅଛି । ସେଠାର 'ସିଦ୍ଧ ବିନାୟକ' ପ୍ରସିଦ୍ଧ ଦେବତା ।
ପଞ୍ଚମା ଗ୍ରାମରେ ବ୍ରାହ୍ମଣ ଓ ବାଉରି ନିକୁଞ୍ଜରେ ଗ୍ଲୁର

ଶହ ବର୍ଷ ହେଲା ଗୃଳକୁ ଗୃଳ ବାନ୍ଧି ଘର କରି ରହିଛନ୍ତି; ବର୍ତ୍ତମାନ ଅସ୍ପୃଶ୍ୟତା ନିବାରଣର ଓଲଟା ଫଳ ସ୍ୱରୂପ ବାଉରି ମାନଙ୍କୁ ଗ୍ରାମରୁ ଉଠାଇବା ପାଇଁ ଉଦ୍ୟମ ହୋଇଛି; ହରିଜନ-ମଙ୍ଗଳ କର୍ମୀଙ୍କୁ ବୁଝାଇବାକୁ ଚେଷ୍ଟା କରି ଯାଉଛି ଯେ ବାଉରି ମାନଙ୍କର ଗୋଟିଏ ସ୍ୱତନ୍ତ୍ର ଗ୍ରାମ ବସିଲେ ସେମାନେ ସୁବିଧାରେ ରହିବେ । ଏହା ଭିତରେ ଧର୍ମ-ଧ୍ୱଜିତା କେତେ ଅଛି, ଓ ବାଉରିଙ୍କ ଡିହ ମାରିନେବାର ଉଦ୍ୟମ କେତେ ଅଛି ଅନୁସଂଧାନ କରିବାର କଥା ।

ଆମ ସଂସ୍କୃତି ବିଷୟରେ ଆମର ସମ୍ୟକ୍ ଜ୍ଞାନ ନ ଥିବାରୁ ଅନେକ ଅଦରକାରୀ ଆଇନ୍ ଓ ଆନ୍ଦୋଳନ ଆମେ କରି ବସୁ-ଥାଉଁ । ହୋଟେଲ୍‌ରେ ହରିଜନଙ୍କୁ ପଶିବାର ଅନୁମତି ଦେଇ ଯେଉଁ ଆଇନ୍ ହୋଇଛି ତା ନ ହୋଇଥିଲେ ବି ଚଳିଥାନ୍ତା । ଯେଉଁଠାରେ ପୂଜା ବୈଶ୍ୱଦେବ ନହୁଏ, ଭାତ ବିକା ହୁଏ, ସେଠାରେ ଯେଉଁ ବ୍ରାହ୍ମଣ ଖାଆନ୍ତି ସେ କ୍ରିୟାଭ୍ରଷ୍ଟ ; ପତିତ ହୁଅନ୍ତି । ସେ ପ୍ରାୟଶ୍ଚିତ୍ତ ନକଲା ପର୍ଯ୍ୟନ୍ତ ଚଣ୍ଡାଳ ସଙ୍ଗେ ସମାନ । ଶାସ୍ତ୍ର ଅନୁସାରେ ବ୍ରାହ୍ମଣ ହୋଟେଲ୍‌ରେ ଖାଇବାକୁ ସିନା ମନା ଅଛି, ହରିଜନଙ୍କୁ କାହିଁକି ମନା ହେବ ! ଯାହା ଅଣ୍ଟାରେ ଭାତ କିଣିବାକୁ ପଇସା ଅଛି, ତାହାର ସେଠାରେ ଅଧିକାର । ତାହା ସର୍ବସାଧାରଣ ସ୍ଥାନ ହୋଇଥିବାରୁ ସମସ୍ତଙ୍କର ଅବାଧ ପ୍ରବେଶ ନିଶ୍ଚୟ ଅଛି । ହରିଜନ ହୋଟେଲ୍‌ରେ ପଶିଲେ ଯେଉଁମାନେ ନାକ ଟେକୁଛନ୍ତି ସେମାନେ ବ୍ରାହ୍ମଣ ବୋଲି ନୁହେଁ, ବାବୁ ବୋଲି ନାକ ଟେକୁଛନ୍ତି । ହରିଜନ ଜାତିକୁ ତାଙ୍କର ଯେତେ ଘୃଣା ନୁହେଁ, ତହିଁରୁ ଅଧିକ ତାହାର ଦୁର୍ଗନ୍ଧ ଓ ମଇଳା ଲୁଗା ଯୋଗୁଁ । ଯେଉଁ ହରିଜନମାନେ ବଡ଼ ପାହିଆକୁ ଉଠିଛନ୍ତି ଓ ଭଲ ଅବସ୍ଥାରେ ଅଛନ୍ତି, ତାଙ୍କ ଘରେ

‘ଶ୍ରେଷ୍ଠ’କାମ କରିବାକୁ ଓ ଭଲ ଖାଇବାକୁ ‘ବଡ଼’ ବ୍ରାହ୍ମଣଙ୍କର ଅଭାବ ଅଛି କି ?

ଏ ଯୁଗର ଜାତିବର୍ଗର ଆମ ପରଂପରା ଓ ସଂସ୍କୃତିକୁ ଛାଡ଼ି ପଇସାକୁ ଆଶ୍ରୟ କରୁଛି । ଏହି ଗତି ଦେଖି ଭର୍ତ୍ତୃହରି ବହୁ ପ୍ରକର କହିଥିଲେ, “ଯାହାର ବିତ୍ତ ଅଛି ସେଇ ବଡ଼ଜାତି, ସେଇ ପଣ୍ଡିତ, ସେ ଧର୍ମଶାସ୍ତ୍ରଜ୍ଞ, ସେଇ ଗୁଣଚହ୍ନର, ସେଇ କୁହାଳିଆ, ଦେଖିବାକୁ ସେଇ ସୁନ୍ଦର—ସବୁ ଗୁଣ ଧନକୁ ଆଶ୍ରୟ କରି ରହିଛନ୍ତି ।” * ଏ ଦେଶର ପରାଧୀନତା ଦିନୁଁ, ଧର୍ମ ଜାତି ଗୁଣ ସମସ୍ତଙ୍କ ଉପରେ ଧନ ଓ ମାନର ପ୍ରଭାବ ଭାରି ବଢ଼ିଛି । ଯଦି ଶ୍ରେଷ୍ଠ ଜାତି ଲୋକଙ୍କର ଧନମାନ ଜାତି ହିସାବରେ ବଢ଼ିବାର ଦେଖାଯାଆନ୍ତା ତେବେ ଶାସ୍ତ୍ର ପୁରାଣରେ ମୁଣ୍ଡ ଘୂରାଇବାର କିଛି ପ୍ରୟୋଜନ ରହନ୍ତା ନାହିଁ । ଲୋକଙ୍କର ସୁଖ ବଢ଼ିଲେ, ବିଭିନ୍ନ ଗୋଷ୍ଠୀ ଭିତରେ କ୍ଷୋଭର କାରଣ ନ ରହିଲେ, ଆମ ଧର୍ମର ଉଦ୍ଦେଶ୍ୟ ସାଧିତ ହୁଏ ।

## ସମାଜସଂସ୍କାରର ଆର୍ଥନୀତିକ ଦିଗ

ଆମ ଦେଶରେ ଆଜିକାଲି ଯେଉଁ ରୀତିରେ ଲୋକମଙ୍ଗଳ ଚାଲିଛି ସେଥିରେ କେତେକ ହରିଜନଙ୍କର ଉନ୍ନତି ହେଉଛି । ସେମାନେ ଉଚ୍ଚ ଜାତିଙ୍କ ସଙ୍ଗେ ସମାନ ଆସନ ପାଉଛନ୍ତି । ଦେଉଳକୁ ଯିବାରେ, ହୋଟେଲରେ ଖାଇବାରେ ୟାଙ୍କୁ କେହି ବାଧା ଦିଅନ୍ତି ନାହିଁ ; କାରଣ ଆମ ଦେଶରେ ଏବେ ଧୋବଲୁଗା ବ୍ୟକ୍ତିର ଜାତି ଜାଣିବାର ଅନ୍ୟ କୌଣସି ଉପାୟ ନାହିଁ । ହାଡ଼ିଙ୍କଠାରୁ

---

* ଯସ୍ୟାସ୍ତି ବିତ୍ତଂ ସ ନରଃ କୁଳୀନଃ
ସ ପଣ୍ଡିତଃ ସ ଶ୍ରୁତବାନ୍ ଗୁଣଜ୍ଞଃ
ସ ଏବ ବକ୍ତା ସ ଚ ଦର୍ଶନୀୟଃ
ସର୍ବେ ଗୁଣାଃ କାଞ୍ଚନମାଶ୍ରୟନ୍ତେ ।

କଳା ବ୍ରାହ୍ମଣ ଅଛନ୍ତି, ଓ ବ୍ରାହ୍ମଣଙ୍କଠାରୁ ଗୋରା ହାଡ଼ି ବି ଅଛନ୍ତି । ଦେଉଳରେ ପଶିବାକୁ ଆନ୍ଦୋଳନ ହେବାରେ ରକ୍ଷଣଶୀଳ ଉଚ୍ଚ୍ୟକ୍ତି ହୋଇ ବାଧା ଦେଉଛନ୍ତି ; କିନ୍ତୁ ଏ ବାଧାରେ ଯୁକ୍ତିଯୁକ୍ତତା କିଛି ନାହିଁ । ଲୋକର ନିଜ ଭୁଣ୍ଡରେ ଜାତିର ପ୍ରମାଣ । ଯେ ଦେଉଳକୁ ଯିବାକୁ ଇଚ୍ଛା କରେ ସେ ଯାଏ, ଅନ୍ତତଃ ଆମ ପୁରୀ ବଡ଼-ଦେଉଳରେ । ଶ୍ରୀ ଜଗଜ୍ଜୀବନ ରାମଙ୍କ ବାପାଙ୍କ ନାମ ପଣ୍ଡାଙ୍କ ଖାତାରୁ ବାହାରିଥିଲା ବୋଲି ଖବରକାଗଜରେ ବାହାରିଥିଲା । ଏ ବିଷୟରେ ପରେ ଆଉ ଟିକିଏ ଆଲୋଚନା କରିବି । ଏଠାରେ ଏତିକି କହିବାର କଥା ଯେ ବର୍ତ୍ତମାନ ଯେଉଁ ରୀତିରେ କାମ ଚାଲିଛି ସେଥିରେ ଅତି ସାମାନ୍ୟ କେତେଜଣଙ୍କର ସାମାନ୍ୟ ଉନ୍ନତି ହେଉଛି । ଆଜଯାଏଁ 'ଶ୍ରେଷ୍ଠ ଜାତି'ଙ୍କ ଭିତରେ ବଡ଼ଚାକିରିଆ, ଇଂରେଜୀ ପାଠୁଆ ବାହାରୁ ନଥିଲେ । ଏବେ ସେମାନଙ୍କୁ ଯେଉଁ ବୃତ୍ତି ଓ ସାହାଯ୍ୟ ଦିଆଯାଉଛି ତାହା ଫଳରେ ବାହାରୁଛନ୍ତି । ଜାତିର ଆତ୍ମବିଶ୍ୱାସ ବଢ଼ାଇବାରେ ଏହା କମ୍ ସାହାଯ୍ୟ କରିବ ନାହିଁ । ଯେଉଁମାନେ ଶିକ୍ଷା ପାଇ ନାହାନ୍ତି ସେମାନେ ଶିକ୍ଷାପାଇଁ ଲାଳସୀ ହେବେ ଓ ହରିଜନ ଆଦିବାସୀଙ୍କ ପାଇଁ ଯେଉଁ ପରିମାଣରେ ଚାକିରୀ ସୁରକ୍ଷିତ ହୋଇଛି, ସେଥିପାଇଁ ଲୋକର ଅଭାବ ହେବ-ନାହିଁ । ତା' ପରେ ?

ତା'ପରେ ଯାହା ହେବ ତାହା ଆଗରୁ ଶିକ୍ଷା ପାଇଥିବା ଜାତିମାନଙ୍କର ବର୍ତ୍ତମାନ ଅବସ୍ଥାକୁ ଦେଖିଲେ ଜଣା ପଡ଼ିବ । ବ୍ରାହ୍ମଣ କରଣ ପ୍ରଭୃତି ଯେଉଁ ଜାତିର ଲୋକ, ଅଧିକ ସଂଖ୍ୟାରେ ଚାକିରୀ ପାଇଛନ୍ତି, ସେମାନେ ନିଜର ପୂର୍ବ ସଂସ୍କୃତି ହରାଇଛନ୍ତି । ତା' ବଦଳରେ ଯାହା ପାଇଛନ୍ତି ତାହା ପାଶ୍ଚାତ୍ୟ ସଂସ୍କୃତି ତ ନୁହେଁ । ସ୍ୱାଧୀନତା ଚିନ୍ତା ପ୍ରାୟ ଲୋପ ହୋଇଛି । ଅଧିକାଂଶ

ଚାକିରି ପାଇଲେ ଜୀବନର ଆଦର୍ଶ ମିଳିଗଲା ବୋଲି ଭାବୁଛନ୍ତି ; ଯେଉଁମାନେ ନ ପାଉଛନ୍ତି ସେମାନେ ଅନ୍ୟ କୌଣସି ଆଡ଼କୁ ମନ ଦେଉ ନାହାନ୍ତି । ଚାକିରି ନ ପାଇବା ପର୍ଯ୍ୟନ୍ତ ସେମାନେ ହା ହତୋସ୍ମି ହୋଇ ବୁଲୁଛନ୍ତି । ଶିକ୍ଷା ଯେତିକି ବଢ଼ୁଛି, ଚାକିରି ଉପରେ ଚାପ ସେତିକି ବଢ଼ୁଛି ; ତାହା ଏତେ ଅଧିକ ହେଲାଣି ଯେ ବର୍ତ୍ତମାନ ପରି ବହୁମୁଖୀ ଯୋଜନା ବେଳେ ବି ଚାକିରି ନଅଣ୍ଟ ହେଲାଣି ଓ ବେକାର ସମସ୍ୟା ଉତ୍କଟ ହେଲାଣି । ଉଚ୍ଚଜାତିର ଲୋକେ ଚାକିରି ପାଉନାହାନ୍ତି ବୋଲି ନୀଚ ଜାତିର ଲୋକେ ପାଠ ନ ପଢ଼ିବେ ଏହା ଯୁକ୍ତିସଙ୍ଗତ ନୁହେଁ । ଚାକିରି ଦୁଷ୍ପ୍ରାପ୍ୟ ନ ହେଲା ପର୍ଯ୍ୟନ୍ତ ଗତାନୁଗତିକ ପନ୍ଥାରୁ ନୀଚଜାତିର ମନ ଛଡ଼ାଇ ହେବ ନାହିଁ । କିନ୍ତୁ ଯେଉଁମାନଙ୍କର ଦୂରଦୃଷ୍ଟି ଅଛି, ସେମାନେ ଆଜିଠାରୁ ଭାବିବା ଦରକାର, ଭବିଷ୍ୟତରେ କ'ଣ କରିବାକୁ ହେବ । ତାହା ନହେଲେ ଉଚ୍ଚଜାତି ନୀଚଜାତି ସମସ୍ତେ ଯେଉଁ ବେକାର ସମସ୍ୟା ସୃଷ୍ଟି କରିବେ ତାହାର ସମାଧାନ ଏକାବେଳକେ ଅସମ୍ଭବ ହୋଇପଡ଼ିବ ।

## ବେକାର ସମସ୍ୟାର ବେକାରି ସମାଧାନ

ବର୍ତ୍ତମାନ୍ ତ ବେକାର ସମସ୍ୟାର ସମାଧାନ କରିବାକୁ ଯାହା କରି ଯାଉଛି ତା' ଦ୍ୱାରା ଏ ସମସ୍ୟା ଅଧିକ ଗୁରୁତର ହେବାର ବାଟ ଫିଟୁଛି । ଦୁଇ ବର୍ଷ ତଳେ ବେକାର ଶିକ୍ଷିତଙ୍କୁ କାମ ଯୋଗାଇବା ପାଇଁ ସରକାର ସ୍ଥିର କରିଛନ୍ତି, ଅଧିକ ପ୍ରାଇମେରି ସ୍କୁଲ୍ ବସାଇବେ ; ଶିକ୍ଷିତ ବେକାରମାନେ ଏହି ସ୍କୁଲ ମାନଙ୍କରେ ଶିକ୍ଷକ ହେବେ । ଏ ପ୍ରାଇମେରି ସ୍କୁଲମାନଙ୍କରେ ପିଲାଙ୍କ ଆଗରେ ଚାକିରି ବ୍ୟତୀତ ଅନ୍ୟ କୌଣସି ଆଦର୍ଶ ନାହିଁ । ଆଜି ଜଣେ

ବେକାରଙ୍କୁ କାମ ଯୋଗାଇବା ପାଇଁ ଯେଉଁ ସ୍କୁଲଟି ବସୁଛି ତା' ଯୋଗୁଁ ୧୦ ବର୍ଷ ପରେ ଅନ୍ତତଃ ୧୦ ଟି ଲେଖାଏଁ ବେକାର ପ୍ରତି ବର୍ଷ ଉତ୍ପନ୍ନ ହେବେ । ଏମାନେ ଶିକ୍ଷା ନ ପାଇଥିବା ଲୋକଙ୍କ ଉପରେ ବୋଝ ପରି ରହିବେ । ଯେଉଁ ଅନୁପାତରେ ଜମିରୁ ଲୋକ କମିବେ, ସେହି ଅନୁପାତରେ ତା' ଉପରେ ମଲଙ୍ଗ ବଢ଼ିବେ; ଅର୍ଥାତ୍, ଯେଉଁ ପରିମାଣରେ ଆଧୁନିକ ଶିକ୍ଷିତ ସଂଖ୍ୟା ସମାଜରେ ବଢ଼ିବ, ସେହି ପରିମାଣରେ ବାକି ଲୋକଙ୍କର ଅବସ୍ଥା ଅନୁନ୍ନତ ହେବ ।

ଦେଶର ଶାସକମାନେ ଏ ପରିଣତିକୁ କଳନା କଲେଣି । ପ୍ରାଇମେରି ସ୍କୁଲ ପରିବର୍ତ୍ତେ ମୌଳିକ ସ୍କୁଲ ବସିବାକୁ ଆରମ୍ଭ କଲାଣି, କଲମପେଷାରୁ ଯୁବକମାନଙ୍କର ମନ କୃଷି, ଶିଳ୍ପ ଓ କୁଟୀର ଶିଳ୍ପ ଆଡ଼କୁ ଟାଣିବାକୁ ଯୋଜନା ହେଲାଣି ।

କିନ୍ତୁ, ଏହି ଯୋଜନା ଗୁଡ଼ିକ ଯେପରି କାର୍ଯ୍ୟକାରୀ ହେଉଛି, ସେଥିରେ ଅନୁନ୍ନତ ଜାତିମାନଙ୍କର ବୈଷୟିକ ଅଗ୍ରଗତିରେ କି ପ୍ରଭାବ ପଡ଼ୁଛି ତାହା ପ୍ରଣିଧାନଯୋଗ୍ୟ ।

## ଜାତିମାନଙ୍କର ଶିଳ୍ପନୈପୁଣ୍ୟ ଲୋପ ନ ହେଉ

ଜାତିବିଭାଗର ଗୋଟିଏ ଭଲ ଦିଗ ଥିଲା । ଶ୍ରେଷ୍ଠ ଶ୍ରେଷ୍ଠ ଗୋଷ୍ଠୀରେ ଲୋକେ ଗୋଟିଏ ବ୍ୟବସାୟ ପୁରୁଷାନୁକ୍ରମିକ ଭାବେ ଧରିବା ଫଳରେ ସେମାନଙ୍କର ସେ ସେ ବୃତ୍ତିରେ ବ୍ୟୁତ୍ପତ୍ତି ଓ ଅନୁରକ୍ତି ଜାତ ହେଉଥିଲା । ବ୍ୟୁତ୍ପତ୍ତିର ଫଳ, ଆମ ଦେଶର ବିଭିନ୍ନ ଶିଳ୍ପକାରଗରୀରେ ଦେଖାଯାଉଥିବା ଉତ୍କର୍ଷରେ ବର୍ତ୍ତମାନ ସୁଦ୍ଧା ପ୍ରମାଣିତ । ପୁରୀ ନିକଟରେ ଗୁଡ଼ିଏ ଚିତ୍ରକର ବର୍ତ୍ତମାନ ସୁଦ୍ଧା ପଟଚିତ୍ର କରୁଛନ୍ତି । ଶ୍ରୀ ନନ୍ଦଲାଲ ବସୁଙ୍କ ପରି

ବିଶାରଦ ଚିତ୍ରଶିଳ୍ପୀ ପଟ୍ଟଚିତ୍ରକୁ ଭୂରି ଭୂରି ପ୍ରଶଂସା କରନ୍ତି । ଏମାନେ ଏକପ୍ରକାର ଅବହେଳିତ ହୋଇଥିଲେ । ସଂପ୍ରତି ଶ୍ରୀମାନ୍ ଓ ଶ୍ରୀମତୀ ଜିଲ ଦମ୍ପତିଙ୍କର ଉଦ୍ୟମରେ ଏମାନଙ୍କ ଦିନ ଫେରିଛି । ବର୍ତ୍ତମାନ୍ ପୁରୀର କେତେକ ଉତ୍ସାହୀ ଯୁବକଙ୍କର ପୃଷ୍ଠ-ପୋଷକତା ଏମାନଙ୍କୁ ମିଳିଛି । ସରକାରଙ୍କ କୁଟୀରଶିଳ୍ପ ଅନୁଷ୍ଠାନ ମଧ୍ୟ ୟାଙ୍କ ଆଡ଼କୁ ଦୃଷ୍ଟି ପକାଇଲେଣି । ଏମାନଙ୍କର ପାରଦର୍ଶିତା ମୂଳରେ ଅଛି ପୁରୁଷାନୁକ୍ରମିକ ଜାତିବୃତ୍ତି । ସେହିପରି ଆଉ ଗୋଟିଏ ଗୋଷ୍ଠୀ କଣ୍ଠକର ଚିତ୍ରକର । ଏମାନଙ୍କ ମୃଣ୍ମୟ ମୂର୍ତ୍ତିର ପ୍ରଶଂସା ଶତମୁଖରେ ଶୁଣାଯାଏ । ସଂପ୍ରତି ସରକାର ୟାଙ୍କ କୃତିକୁ ଲୋକଙ୍କ ଆଗରେ ଦେଖାଉଛନ୍ତି । ଅନୁନ୍ନତ ଜାତିର ଭାଗ୍ୟନିର୍ଦ୍ଦେଶକ ଶ୍ରୀଯୁକ୍ତ କାକାସାହେବ କାଲେଲକର ଓ ଆମ ରାଜ୍ୟର ଗୁଣଗ୍ରାହୀ ରାଜ୍ୟପାଳ ଶ୍ରୀ କୁମାରସ୍ୱାମୀ ରାଜା ଏହା ଦେଖି ବିଶେଷ ପ୍ରୀତ ହୋଇଥିଲେ । କାକାସାହେବ ଏମାନଙ୍କୁ ଦିଲ୍ଲୀକୁ ପଠାଇବାକୁ ପରାମର୍ଶ ଦେଲେ ଓ ଶ୍ରୀ ରାଜା ଇଚ୍ଛା ପ୍ରକାଶ କଲେ ଯେ ଏମାନଙ୍କ ଦ୍ୱାରା ତାଙ୍କ ନିଜ ଗାଁରେ ଗୋଟିଏ କଳାକୁଂଜ କରାଇବେ ।

ଏହିପରି କେତେ ଶିଳ୍ପୀ ଓ କଳାକାର ଓଡ଼ିଶାର ଗାଁ ଗହଳରେ ଅଦ୍ୟାପି ଅଛନ୍ତି । ହରିଜନଙ୍କ ଭିତରେ ବି ଏମାନଙ୍କ ସଂଖ୍ୟା କମ୍ ନୁହେ । ଡମମାନେ ବେତରେ ଯେଉଁ ଗଉଣି ବୁଣନ୍ତି ତାହା ବର୍ଷ ବର୍ଷ ବ୍ୟବହାର ପରେ ମଧ୍ୟ ବଢ଼ିଯାଏ ନାହିଁ । ପାରଳା-ଖେମୁଣ୍ଡିରେ ଯେଉଁ କାଣ୍ଡନଳ ଥଳି ବୁଣା ହେଉଛି, ତାହାର ସୌନ୍ଦର୍ଯ୍ୟ ଓ ମଜବୁତ୍‌ପଣ ତାହା ବ୍ୟବହାର କରିଥିବା ଲୋକେ କହିବେ । ହାଡ଼ିମାନଙ୍କର ବାଦ୍ୟ ବିଶାରଦ ପଣ ସହରିଆ ଲୋକଙ୍କୁ ସେତେ ଜଣାନାହିଁ । ଏବେ ସରକାରଙ୍କ ଅନୁଗ୍ରହରୁ ପାରଳାର ବୀରବାଜା ଦଳ ଦାଣ୍ଡକୁ ବାହାରିବାର ସୁଯୋଗ ପାଇଛନ୍ତି ।

## ଗ୍ରୁକରୀ-ସର୍ବସ୍ୱ ଜାତର ଶିଳ୍ପରେ ପ୍ରବେଶ

ଓଡ଼ିଶାରେ ଏପରି ଶିଳ୍ପୀ ଜାତିଙ୍କର ସଂଖ୍ୟା ଅନେକ ; ଆମର ସୌଭାଗ୍ୟ ଏମାନଙ୍କ ଭିତରୁ ଅନେକେ ବର୍ତ୍ତମାନ ସୁଦ୍ଧା ମୌଳିକ ବୃତ୍ତିରେ ଅଛନ୍ତି । ସେ ବୃତ୍ତିଗୁଡ଼ିକରୁ ଅନେକେ ମରିବା ଉପରେ । ସେ ସବୁ ବୃତ୍ତି ବଦଳରେ ଯେଉଁ ନୂଆ ବୃତ୍ତି ସବୁ ଖୋଲୁଛି, ସେଥିରେ ଲୋପ ହୋଇଯାଉଥିବା ବୃତ୍ତିର ଲୋକଙ୍କୁ ଲଗାଇବାର ଉଦ୍ୟମ ଯଥାଯଥ ଭାବେ ହୋଇ ପାରୁନାହିଁ । ନୂଆ ବୃତ୍ତିଗୁଡ଼ିକ ଅନ୍ୟ ହାତକୁ ଚାଲି ଯାଉଛି । ଏଠାରେ ତାହାର କେତୋଟି ଉଦାହରଣ ଦେବ ।

ଆମ ଦେଶରେ ଫରୁଆ ଓ କାଠ ପାନିଆର ଖୁବ୍ ପ୍ରଚଳନ ଥିଲା । ଏହା ଗୋଟିଏ ଜାତିର ବୃତ୍ତି ଥିଲା । ଏହି କୁନ୍ଦୁରୀମାନଙ୍କର ବର୍ତ୍ତମାନ୍ ବୃତ୍ତି ଲୋପହେବା ଉପରେ । ଏହାର କାରଣ ଫରୁଆଠାରୁ ସୁନ୍ଦର ଜିନଷ ବଜାରକୁ ଆସିଲା । ଏସବୁ ବର୍ତ୍ତମାନ ସୁଦ୍ଧା ରାଜ୍ୟ ବାହାରୁ ଆସୁଛି । କ୍ରମେ ସରକାରଙ୍କ ଯତ୍ନରେ ଏହା ଆମ ରାଜ୍ୟରେ ହେବାର ଉଦ୍ୟମ ହେବ । ସେତେବେଳେ ଏଇ କୁନ୍ଦୁରୀମାନଙ୍କୁ ନୂଆ ବୃତ୍ତିରେ ତାଲିମ୍ କରି ଲଗାଇ ଦେବାର କଥା । ତା' ନ କରି, ଅନ୍ୟ ଲୋକଙ୍କୁ ନୂଆ ଫରୁଆ ତିଆରି ଶିଖାଇ, ଏ କୁନ୍ଦୁରୀମାନଙ୍କର ପୁରୁଣା ଫରୁଆ ତିଆରିରେ ଯେତେ ସାହାଯ୍ୟ କଲେ ବି କିଛି ଫଳ ହେବ ନାହିଁ । କୁନ୍ଦୁରୀଙ୍କ କାଠଫରୁଆ ବ୍ୟବହାର କର ବୋଲି ଯେଉଁ ପ୍ରଚାର ହେବ ତାହାର ଆଶାନୁରୂପ ଫଳ ଫଳିବ ନାହିଁ । ସେହିପରି ସିଂହ-ପାନିଆ କାରିଗରଙ୍କ ଦଶା । ନୂଆ କଳପାନିଆ ଯେ ପରିମାଣରେ ବଜାରରେ ପଶୁଛି ସେଥିରେ ଆଶଂକା ହେଉଛି, ଲୋକେ ବେଶୀ-ଦିନ ସିଂହପାନିଆକୁ ପସନ୍ଦ କରିବେ ନାହିଁ । ଲୋକଙ୍କ ରୁଚି

ବଦଳିଲା ବେଳକୁ ସିଂହ-କାରିଗର ଯଦି ନୂଆ ପାଣିଆ କାମ ଧରି ନ ଯା'ନ୍ତି ତେବେ ସେମାନେ କ'ଣ କରିବେ ? ଏପରି ଉଦାହରଣ ଆଉ ଅଧିକ ଦେବାର ସ୍ଥାନ ଏ ନୁହେଁ । ଆଜି ଯେପରି ତନ୍ତୀ ଓ କମାରପିଲେ ବେକାର ହୋଇ ଗାଁରେ ବସିଥିବାବେଳେ, ଅନ୍ୟ ଜାତିର ଲୋକେ ଲୁଗାକଲ ଓ ଲୁହା କାରଖାନାରେ କାମ ପାଉଛନ୍ତି, ସେହିପରି ଆଉ ଅନେକ ବୃତ୍ତିରେ ପରିଣାମ ହେଉଛି ।

## ଜାତି ଅନୁସାରେ ବୃତ୍ତି ବଣ୍ଟନର ଦୋଷଗୁଣ

ଜାତି-ଲୋକଙ୍କୁ ନିଜ ନିଜ ବୃତ୍ତିରେ ଏକଚାଟିଆ ଅଧିକାର ଦିଆ ହୋଇଥିଲା । ଏକଚାଟିଆ କାରବାର ଅଳ୍ପସଂଖ୍ୟକ ଲୋକଙ୍କ ହାତରେ ରହିଲେ ସେଇ ସେଇ ଜିନିସ ବ୍ୟବହାର କରୁଥିବା ଲୋକର କ୍ଷତି ହୁଏ । ପ୍ରତି ଜାତିରେ ବହୁତ ଲୋକଙ୍କର ଏକା ବୃତ୍ତି ଥିବାରୁ ପ୍ରତିଯୋଗିତାର କ୍ଷେତ୍ର ଥିଲା, ତେଣୁ କିଣିବାବାଲା ନିଜ ରୁଚି ମୁତାବକ୍ ଜିନିସ ପାଉଥିଲା, ଓ ଦାମରେ ବି ଠକିରେ ପଡ଼ୁ ନଥିଲା । ଅପରନ୍ତୁ ପୁରୁଷାନୁକ୍ରମିକ ବୃତ୍ତିରେ କୃତିର ଉତ୍କର୍ଷ ଫୁଟୁଥିଲା । ସବୁଠାରୁ ବଡ଼ କଥା ଯେ, ପ୍ରତି ବୃତ୍ତିରେ ଥିବା ଲୋକଙ୍କୁ କାମ ମିଳିବାର ବ୍ୟବସ୍ଥା ହୋଇଥିଲା । ଜାତିର କେତେଜଣ ପରିବାର ଲୋକ ଗୁଡ଼ାଏ କାମ ଅକ୍ତିଆର କରି ନ ପିବେ, ଏଥିପାଇଁ ପ୍ରାୟ ପ୍ରତି କାରିଗର-ଜାତିର ଲୋକଙ୍କର 'ସେବା' ବଣ୍ଟା ହୋଇଥିଲା । ଏ ସେବାରେ ମଧ୍ୟ 'ନୀଚତା' ନଥିଲା, ଆମ ଭାଷାରେ ସବୁ କାମର ନାମ ସେବା । ଅପରର ହିତ ଚିନ୍ତା କରି, ପ୍ରଭୁଙ୍କ ନାମରେ ଭାତ ଖାଇଲେ ମଧ୍ୟ ତା' ନାମ ସେବା । ଅନ୍ୟ ପ୍ରଦେଶରେ କଣ ହୋଇଥିଲା ଓ ବର୍ତ୍ତମାନ୍ ଅବସ୍ଥା କଣ, ଜଣାନାହିଁ, କିନ୍ତୁ ଆମ ରାଜ୍ୟରେ ଏ ଦିଗରେ ପୂର୍ବେ ବଡ଼ ସୁଚିନ୍ତିତ ଯୋଜନା କାର୍ଯ୍ୟକାରୀ

ହୋଇଥିଲା ପରି ଜଣାଯାଏ । ପ୍ରତି ଗାଁରେ ବଢ଼େଇ, କମାର, ଧୋବା, ଭଣ୍ଡାରି, ଡ଼ମ, ହାଡ଼ି ଇତ୍ୟାଦି ପ୍ରତି କାରିଗରି ଜାତିର, ଗ୍ରାହକ ନିର୍ଦ୍ଦିଷ୍ଟ ଥିଲେ । ଏପରି ହେବା ଫଳରେ ଏହି ଜାତିର ଜୀବନର 'ମାନ' ବଢ଼ିପାରୁ ନ ଥିଲା, କିନ୍ତୁ ସମସ୍ତେ କାମ ପାଉଥିଲେ ଓ ଖାଇବାକୁ ମୁଠେ ପାଉଥିଲେ । ଆମ ବୈଷୟିକ ଉନ୍ନତିର ବର୍ତ୍ତମାନ୍ ଅବସ୍ଥାରେ ଯଦି ପୂର୍ଣ୍ଣ ସାମ୍ୟବାଦ ହୁଏ, ତେବେ 'ମାନ' ବଢ଼ିବା ତ ଦୂରର କଥା, ସମସ୍ତେ ଏହି ତୋରାପାଣି ପାଇଲେ ପାଇବେ ।

ଜାତି ଅନୁସାରେ ବୃତ୍ତିବଣ୍ଟନକୁ ଅନେକେ ଖାଲି ଭାବ-ପ୍ରବଣତାରେ ନାପସନ୍ଦ କରନ୍ତି । ଗୋଟିଏ ଜାତି ଅଭିଶପ୍ତ ହୋଇ ପୁରୁଷାନୁକ୍ରମେ ଶ୍ରେଷ୍ଠ କାମ କରିବା ଜାତି ଅନୁସାରେ ବୃତ୍ତି-ବଣ୍ଟନର ଲକ୍ଷ୍ୟ ନୁହେ, ଏ କଥା ଆଗରୁ କୁହା ଯାଇଛି । ଜାତିର ଯେଉଁ ଲୋକ ବଡ଼ କାମକୁ ଯୋଗ୍ୟ, ତାଙ୍କୁ ବାଧା ଦିଆଯିବା ଆମ ଜାତି ବିଭାଗର ଉଦ୍ଦେଶ୍ୟ ନୁହେ । ଯେ ପାରିବ ସେ ତ ଉପରକୁ ଯିବ ; କିନ୍ତୁ ଯେ ନ ପାରିବ, ତାହାର ବୃତ୍ତି ନିର୍ଦ୍ଦିଷ୍ଟ ନ ରହିଲେ, ମୁକ୍ତ ପ୍ରତିଦ୍ୱନ୍ଦ୍ୱିତା ଆଗରେ ସେ ଟିକିଲି ପାରିବ ନାହିଁ । ଯେଉଁ ଦେଶମାନଙ୍କରେ ଜାତି-ବିଭାଗ ନାହିଁ, ସେଠାରେ ଅଭାଗା, ବୃଦ୍ଧ ଓ ଅସହାୟ ପ୍ରତିଦ୍ୱନ୍ଦ୍ୱିତାରେ ଠେଲିହୋଇ ଯାଇ ମେହେନ୍ତର ଓ ଝାଡ଼ୁଦାର ବୃତ୍ତିରେ ପହଞ୍ଚନ୍ତି । ଆମ ଜାତିଗତ ବୃତ୍ତିଠାରୁ ଏହା କେଉଁ ଗୁଣରେ ଭଲ ତାହା ସମାଜତନ୍ତ୍ର-ବିଦ୍‌ମାନଙ୍କର ବିଚାର୍ଯ୍ୟ । ଯେଉଁମାନେ ଦୟା, ଦାକ୍ଷିଣ୍ୟ ଓ ଅନୁକଂପାର ପାତ୍ର, ସେମାନଙ୍କୁ ଯେଉଁ ସମାଜ ଶ୍ରେଷ୍ଠ କାମକୁ ଠେଲିଦିଏ ତାହାର ମାନବିକତା ଉଚ୍ଚସ୍ତରର ହୋଇ ନପାରେ ।

**ହାଡ଼ିର ଛୋଟ କାମ—**

ଆମ ସଂସ୍କୃତିର ବିଶ୍ଳେଷଣ କଲେ ଦେଖାଯିବ, ଆଜି ଯାହା ଅବସ୍ଥା ହେଉନା କାହିଁକି, ଆମ ସୁଦିନରେ ଆମେ ଆଜି ଯାହାକୁ ଶ୍ରେଷ୍ଠ କାମ ବୋଲି କହୁଛୁଁ, ତାହା କରିବା ଆମ ସମାଜର ଶ୍ରେଷ୍ଠ ଜାତିର କାମ ନଥିଲା, ବରଂ ବଡ଼ ଜାତି ସେ କାମ ନିଜେ ଆଦରି ନେଉଥିଲେ । ହାଡ଼ିର ଆର୍ଥିକ ଦୁର୍ଗତିର ସୁବିଧା ନେଇ ଆମେ ଆଜି ତାହାକୁ ପାଇଖାନା ସଫା କରିବା କାର୍ଯ୍ୟରେ ଲଗାଉଥାଇଁ । କିନ୍ତୁ ଏ କାମ ତାହାର କୌଳିକ ବୃତ୍ତି ବୋଲି କୌଣସି ସ୍ମୃତି ଶାସ୍ତ୍ରରେ ଥିଲା ପରି ମନେ ହେଉ ନାହିଁ । ଏବେ ବି ମଫସଲ ଗାଁରେ ସେ ଏ କାମ କରେ ନାହିଁ । କେବଳ ଯେଉଁ ଗ୍ରାମମାନଙ୍କରେ ଆଧୁନିକ ଶିକ୍ଷିତ ଲୋକଙ୍କ ପ୍ରଭାବ ପଡ଼ିଛି, ସେଇଠାରେ ସହରର ଚଳଣି ବ୍ୟାପୁଛି । ଏ ସମ୍ପର୍କରେ ଗୋଟିଏ ଅନୁଭବ କଥା ମନେ ପଡୁଛି । କିଛିଦିନ ପୂର୍ବେ ମୁଁ ଜଣେ ବନ୍ଧୁଙ୍କ ପାଖରେ ବସିଥିଲି । ତାଙ୍କର ଆମେରିକାନ୍ ବନ୍ଧୁ ପାଇଖାନା-ଘରୁ ବାହାରି ପଡ଼ି ବିସ୍ମୟରେ କହିଲେ, "ମହାଶୟ ! ମୁଁ ଗୋଟିଏ କଥା ପଚାରିବି, କ୍ଷମା କରିବେ । ମୁଁ ଯେଉଁ ପାତ୍ରରେ (କମୋଡ଼ରେ) ବାହାରକୁ ଗଲି, ତାହାର ତ ପାଣିବାଟ ନାହିଁ, ସେ ସଫା ହେବ କିପରି ?" ମୋର ବନ୍ଧୁ ହସି ହସି ଉତ୍ତର ଦେଲେ, "ଆମ ଦେଶରେ ଗୋଟିଏ ଜାତି ଅଛନ୍ତି, ଯେଉଁମାନଙ୍କର କାମ ପାଇଖାନା ସଫା କରିବା ।" ଏହାପରେ ମୋ ବନ୍ଧୁ ସହରର ସାଧାରଣ ପାଇଖାନା-ମାନଙ୍କର ନଗ୍ନ-ଚିତ୍ର ଅତିଥିଙ୍କ ଆଗେ ଥୋଇଲେ ଓ ତାଙ୍କୁ ଆଶ୍ୱସ୍ତ କଲେ ଯେ ଏ ଜାତିଭେଦ ଉଠିଯିବାକୁ ଭାରତରେ ଉଦ୍ୟମ ହେଉଛି । ଅତିଥି ଯିବାପରେ ମୁଁ ପଚାରିଲି, "ପାଇଖାନା ଖଟିବା ଆମର କେଉଁ ଜାତିର କାମ ?" ବନ୍ଧୁ ଉତ୍ୟକ୍ତ ହୋଇ କହିଲେ, "ଓଃ, ତୁମେ ବି

ଆମେରିକାରୁ ଆସିଛ ପରି !" ମୁଁ କହିଥିଲି, "ମୁଁ ଆମେରିକାରୁ ଆସିନାହିଁ ଯେ ଆପଣ ବିଲାତରୁ ଆସିଲା ପରି କଥା କହୁଛନ୍ତି ।"

## —ଇଂରେଜ ଅମଲରୁ ଆରମ୍ଭ !

ତାହାର କାରଣ, ଇଂରେଜ ଅମଲରେ ସହର ସଂଖ୍ୟା ବଢ଼ିବାରୁ ପ୍ରଥମେ ପାଇଖାନା ଖଟିବା ହାଡ଼ିଙ୍କର ବ୍ୟବସାୟ ହେଲା । ରାଜାମାନେ କ'ଣ କରୁଥିଲେ ବୋଲି ଏବେ ଜଣେ ବନ୍ଧୁ ପଚାରିଛନ୍ତି । ସେ ବିଷୟରେ ମୁଁ ଏ ପର୍ଯ୍ୟନ୍ତ କିଛି ପାଇନାହିଁ, କିନ୍ତୁ ନଗର ମାନଙ୍କରେ ପାଇଖାନା ଥିବାର ପ୍ରମାଣ ନାହିଁ । ପାଇଖାନା ପାଇଁ ଆମ ଭାଷାରେ ଶବ୍ଦ ବି ନ ଥିଲା । ତାହାର କାରଣ, ଆମର ଝାଡ଼ା ଫେରିବାର ନାମ, ବହିର୍ଭୂମି ଯିବା ବା ବାହାରକୁ ଯିବା । ଘର ଭିତରେ ପିଲଙ୍କର ଓ ରୋଗୀଙ୍କର ମଇଳା ଆଜିଯାଏଁ ଘରର ଲୋକେ ସଫା କରୁଛନ୍ତି । ବାହାରେ କିପରି ଝାଡ଼ା ଫେରିବାକୁ ହେବ ତାହାର ବିବରଣୀ ପଢ଼ିଲେ, ପରିଷ୍କାର ଜଣା ପଡ଼ିବ ଯେ ବାହାରେ ଯେଉଁଠି ସେଇଠି ବସିଯିବା ବିରୁଦ୍ଧରେ କଟକଣା ଥିଲା ।

ବ୍ରାହ୍ମଣର ସଦାଚାର-ପଦ୍ଧତିରେ ଅଛି:—ବ୍ରାହ୍ମମୁହୂର୍ତ୍ତରେ ଖଣତି ଖଣ୍ଡିଏ ଧରି ଗ୍ରାମଠାରୁ ଶରଟିଏ ମାରିଲେ ଯେତେ ଦୂର ଯାଇ ପାରିବ, ସେତେ ଦୂର ଯିବ (ସହରରେ ଏହାର ଚାରିଗୁଣ ଦୂରକୁ ଯିବାକୁ ହେବ) । ତିନମୁଠା ଆହାନ୍ତରେ ଗୋଟିଏ ଗାତ ଖୋଳିବ ଓ ସେଠାରେ ଝାଡ଼ା ଫେରି ଗାତ ପୋତି ଆସିବ * ।

---

* ଗ୍ରାମାଦ୍‌ବା ଶରବିକ୍ଷେପମାତ୍ରା ମନ୍ତ୍ରୁଦିତେ ରବୌ
ମୈତ୍ରମାବଶ୍ୟକଂ କର୍ତ୍ତୁଂ ନଗରାଚ୍ଚ ଚତୁର୍ଗୁଣାମ୍
ତ୍ରିମୁଷ୍ଟ୍ୟାୟତଂ ଗର୍ତ୍ତଂ ତଥା କୃତ୍ୱା ଗଭୀରକଂ
× × ×
ଦକ୍ଷିଣାମୁଖ ଉତ୍ସର୍ଗଂ କୁର୍ଯାନ୍ମୂତ୍ର ପୁରୀଷୟୋଃ—
ପଦ୍ମପୁରାଣ — ଉତ୍ତର ଖଣ୍ଡ ।

ପିତୃ-ପ୍ରତିମଙ୍କଠାରେ ଏ ଆଗ୍ରହ ଦେଖି ନାହିଁ, କିନ୍ତୁ ଗୋସିଁ ବାପ-ମାନେ ଏହା ନିୟମିତ ଭାବେ କରୁଥିଲେ । ପୋଖରୀ ତୁଠ ସଫା କରିବା, ଦାଣ୍ଡ ସଫା କରିବା କାର୍ଯ୍ୟ ମଧ୍ୟ ବୁଢ଼ା ବ୍ରାହ୍ମଣମାନଙ୍କର ଥିଲା । ଆମ ପୋଖରୀରେ ବ୍ରାହ୍ମଣ, ଚଷା, ତେଲି, ଭଣ୍ଡାରି, ଧୋବା ଇତ୍ୟାଦି ଗାଧୁଅନ୍ତି । ପିଲାଦିନେ ଥରେ ଆମ୍ଭେମାନେ ଜଣେ ବୁଢ଼ା ବ୍ରାହ୍ମଣଙ୍କୁ ପଚାରିଲୁଁ, "ଆପଣେ ! ଆପଣ ତେଲିଙ୍କ ଦାନ୍ତକାଠି ଉଠାଉଛନ୍ତି ; ପଇତା ମାରି ହେବ ନାହିଁ ?" ସେ ଚିଡ଼ି ଚିଡ଼ି ହୋଇ କହିଲେ, "କିରେ ! ତମ ମାଷ୍ଟ୍ରେ ତମକୁ କି ସଦାଚାର ଶିଖାଉ-ଛନ୍ତି କି ? ପୋଖରୀ ତୁଠ ସଫା କଲେ ପଇତା ମାରି ହୁଏ ନାହିଁ ।"

ଜାତି-ବୃତ୍ତିକୁ ଯେଉଁମାନେ ପସନ୍ଦ କରୁ ନାହାନ୍ତି, ସେମାନେ ଭାବ-ପ୍ରବଣତାର ସୁଅରେ ଦେଖି ପାରୁ ନାହାନ୍ତି ଯେ, ସବୁ ବୃତ୍ତି ସମସ୍ତଙ୍କ ପାଇଁ ଉନ୍ମୁକ୍ତ ରଖିବାକୁ ଯାଇ ଆମେ କେବଳ ଶ୍ରେଷ୍ଠ ଜାତିଙ୍କର ବୃତ୍ତି ବୁଡ଼ାଇ ଦେଉଛୁ । ହାଡ଼ିଙ୍କ ଶ୍ରେଷ୍ଠ କାମରେ ଅନୁକମ୍ପା ହେବା ସ୍ୱାଭାବିକ ; ସାଧା ପାଇଖାନା ଚଳୁଥିବା ଯାକେ ପାଇଖାନା ଘରକୁ ଆଉ କେହି ପଶୁ ନ ଥିଲେ ; କିନ୍ତୁ କଳ ପାଇଖାନା ଚଳିଲାରୁ ବ୍ରାହ୍ମଣ କରଣ ପାଇଖାନା ଭିତରେ ପଶି ହାଡ଼ିଙ୍କୁ ବେକାର କରିବାର ଆରମ୍ଭ ହେଲାଣି । ବାଛୁରୀ ଧରାଣ ବ୍ରାହ୍ମଣ ପିଲା କଲେଣି । ବଢ଼େଇ, କମାର ଓ ତନ୍ତୀ ମଧ୍ୟ ଏବେ ହେଉଛନ୍ତି ସେଇମାନେ ।

## ଜାତି-ଲୋକଙ୍କୁ କାମ ମିଳିବାରେ ଅନ୍ତରାୟ—

ଏ ସମସ୍ୟା ପ୍ରତି ଦୃଷ୍ଟି ଆକର୍ଷଣ କଲେ ଜବାବ୍ ମିଳୁଛି ଯେ ଆଜିର ପରିସ୍ଥିତିରେ, ଜାତି ଧରି ଶିଳ୍ପ ରହି ପାରିବ ନାହିଁ । ତାଲିମ ପାଇବାକୁ ନିମ୍ନତମ ଯୋଗ୍ୟତା ଯାହା ଅଛି, ବଢ଼େଇ,

କମାର, ତନ୍ତୀ ଓ ହାଡ଼ି ପିଲେ ତାହା ପାଇବା ପର୍ଯ୍ୟନ୍ତ, ଉଚ୍ଚ ଜାତିର ଲୋକଙ୍କୁ ସେହି ସେହି କାମ କରିବାକୁ ପଡ଼ିବ । ଆଦର୍ଶ-ବାଦୀ ତ କହୁଛନ୍ତି, ଏପରି ହେଲେ ବର୍ଣ୍ଣାଶ୍ରମର କଳ୍ମଷ ଦୂର ହେବ । କିନ୍ତୁ ଏହାଦ୍ୱାରା ଯେ ସଂସ୍କାର ନାମରେ ସଂହାର ହେଉଛି ! ଅନ୍ୟ ଜାତିର ପିଲାମାନେ ଯେ କାରିଗରି ଶିଖୁଛନ୍ତି, ସେଥିରେ ସେମାନଙ୍କର ନିଷ୍ଠା ରହୁନାହିଁ ; କୌଣସି ବ୍ରାହ୍ମଣ ବା କରଣ, ବଢ଼େଇ ବା ତନ୍ତୀ, ଶିଖିସାରି ନିଜେ ଏ ବେପାର ଧରିବାକୁ ବାହାରୁ ନାହିଁ, ଖାଲି ଚାକିରି ଖୋଜା ଚାଲିଛି । ଗ୍ରାମ୍ୟ-ଶିଳ୍ପ ବୁଡ଼ିଯିବାର ଏହା ଗୋଟିଏ କାରଣ ।

ଏବେ ଯେଉଁ ସଭ୍ୟତାର ଆମେ ଅନୁ-କରଣ କରୁଥାଉଁ, ସେଥିରେ ସମସ୍ତଙ୍କ ଦୃଷ୍ଟି ପାରିବାର ଲୋକ ଉପରେ ; କ୍ଲାସ୍‌ରେ ଭଲ ପିଲାଙ୍କ ଉପରେ ଶିକ୍ଷକଙ୍କର ନଜର ପଡ଼େ, ଚାକିରିରେ ମଧ୍ୟ ସେଇମାନଙ୍କର ସ୍ଥାନ । ଆଦିବାସୀ ଓ ହରିଜନଙ୍କ ପାଇଁ ଚାକିରି ନିର୍ଦ୍ଦିଷ୍ଟ ଅନୁପାତରେ ସୁରକ୍ଷିତ ହେବାର ବ୍ୟବସ୍ଥା ହୋଇଛି । ତାଙ୍କ ଭିତରୁ ପାରିବାର ଲୋକ କେତୋଟି ମାତ୍ର ଏହା ପାଇବେ । ଯେଉଁମାନେ ପଢ଼ି ନାହାନ୍ତି, ବା ପଢ଼ି ଭଲ ପାସ୍ କରି ନାହାନ୍ତି ସେମାନଙ୍କୁ ବେଉସା ଯୋଗାଇବାର ଦାୟିତ୍ୱ ସତେ ଯେପରି ସମାଜର ନୁହେଁ ।

## —ଯୁକ୍ତିଯୁକ୍ତ ନୁହେ

ପାଶ୍ଚାତ୍ୟ ସଭ୍ୟତାର ଏହି ଦୋଷ ପାଶ୍ଚାତ୍ୟ ପଣ୍ଡିତମାନେ ଆବିଷ୍କାର କଲେଣି । ସେମାନଙ୍କ ଭିତରୁ ଜଣେ ବିଶିଷ୍ଟ ସମାଜ-ତତ୍ତ୍ୱଜ୍ଞଙ୍କ ଉକ୍ତି ଏଠାରେ ଦିଆଯାଉ । ସେ କହିଛନ୍ତି, "ଯେଉଁ-ମାନେ ଅପାରିବାର, ଜୀବନ-ସଂଗ୍ରାମରେ ତଳକୁ ଖସି ଯାଇଛନ୍ତି

ସେଇମାନଙ୍କ ପ୍ରତି ଆଭିମୁଖ୍ୟ କରି, ତାହା ଦେଖି ସମାଜର ନୈତିକ ବଳର କଳନା କରାଯାଏ । ଜୀବନ ସଂଗ୍ରାମରେ ଅନେକେ ନିଶ୍ଚୟ ହାରିବେ, ଅନେକେ ତ ସଂଗ୍ରାମରେ ଠିଆ ହେବାକୁ ମଧ୍ୟ ସୁବିଧା ପାଇବେ ନାହିଁ । ସମାଜର ବିବେଚନା ଶକ୍ତି ଥିଲେ, ସେ ଏଇ 'ହାରୁ'ଙ୍କ ପାଇଁ ଆଗ ବୃତ୍ତି ବ୍ୟବସ୍ଥା କରିବ ; ବୁଦ୍ଧି ଖଟାଇ ଦେଖିବ, ଯେଉଁ ଯୋଜନା ହେଉଛି ସେଥିରେ କେତେ ପଛରେ ପଡ଼ି ଯାଉଛନ୍ତି, ଓ କେତେ ପାରି ଉଠୁ ନାହାନ୍ତି । ସମାଜ-ପତିମାନେ ଆତ୍ମପରୀକ୍ଷା କରି ସ୍ଥିର କରିବେ, ଯେଉଁ ଯୋଜନାରେ ଏତେ ଲୋକ ପଛରେ ପଡ଼ି ଯାଉଛନ୍ତି, ବା ହାରି ଯାଉଛନ୍ତି, ସେପରି ଯୋଜନା ରହିବା ଉଚିତ ନା ରଦ୍ ହେବା ଉଚିତ" । ଆମ ସଂସ୍କୃତିରେ ପାରିବାର ଓ ଅପାରିବାର ସମସ୍ତଙ୍କ ଉପରେ ନଜର ଥିଲା ; ବୋଧହୁଏ ଅପାରିବାରଙ୍କ ଉପରେ ଅ ଗ ନଜର ପଡୁଥିଲା, ଯେପରି ମା'ର ପଡେ । ପାଶ୍ଚାତ୍ୟ-ପଣ୍ଡିତମାନଙ୍କର ଦୃଷ୍ଟି ଆମ ଆଡ଼କୁ ଫେରିଲା ବେଳକୁ, ଆମେ ଆଉ ସେଇମାନଙ୍କ ପୂର୍ବରୀତିକୁ ଧରି ବସିବା ଠିକ୍ ହେଉ ନାହିଁ ।

ଜାତିଭେଦ ଠିକ୍ ଯେଉଁ ରୀତିରେ ପୂର୍ବେ ଥିଲା ସେପରି ରହିବ ବୋଲି ଆଶା କରିବା ଅଜ୍ଞତା ; କିନ୍ତୁ ବିନସୋତ୍ ଉଠିଯିବ ବୋଲି ଧରି ବସିବା ମୂର୍ଖାମି ଛଡ଼ା ଆଉ କିଛି ନୁହେଁ । ବର୍ତ୍ତମାନ୍ ଘଡ଼ି ସନ୍ଧ୍ୟା ବେଳ ପଡ଼ିଛି । ଏତେବେଳେ ଆଗକୁ ନ ଗୃହିଁ, ଆତ୍ମପରୀକ୍ଷା ନ କରି, ଅନ୍ଧଭାବେ ଅନ୍ୟର ଅନୁକରଣ କଲେ, ଘରପୋଡ଼ିରେ ମଶାଙ୍କ ସଙ୍ଗେ ଗୋରୁ ମଧ୍ୟ ମରିଯିବେ ।

ଆଉ ଗୋଟିଏ କଥା ବିଚାରିବା ଉଚିତ । ଆଜି ଆମେ ଏବେ ଚଳୁଥିବା ରୀତିକୁ ପସନ୍ଦ କରୁଥାଇଁ, ତାହା କ'ଣ ଏ ରୀତିର ସ୍ୱାଭାବିକ ଉପଯୋଗିତା ଯୋଗୁଁ, ନା ଏହା ଆମକୁ ସୁହାଉଛି ବୋଲି ?

ଯେଉଁମାନଙ୍କ ହାତରେ ସମାଜକୁ ନିୟନ୍ତ୍ରଣ କରିବାର ଅଧିକାର ଅଛି, ସେମାନେ ଜାଣତରେ ବା ଅଜାଣତରେ ନିଜ ଜାତି ବା ଗୋଷ୍ଠୀର ପିଲାଙ୍କ ସ୍ୱାର୍ଥ ପ୍ରତି ଅଧିକ ଦୃଷ୍ଟି ଦେଇ ଅନୁନ୍ନତ ଜାତିର ସ୍ୱାର୍ଥପ୍ରତି ଅନ୍ଧ ହୋଇଯିବା ଫଳରେ, ବର୍ତ୍ତମାନ୍‌ର ରୀତି ନିରଙ୍କୁଶ ଭାବେ ଚଳୁଛି ବୋଲି ସନ୍ଦେହ ହେବା ସ୍ୱାଭାବିକ ।

## ଚିନ୍ତାର ଧାରା ସଂସ୍କୃତିକୁ ଛୁଉଁଛି ?

ଆମ ସମାଜର ନିୟନ୍ତା ଥିଲେ ବ୍ରାହ୍ମଣମାନେ । ସେଇମାନଙ୍କ ନିର୍ଦ୍ଦେଶରେ ରାଜା, କ୍ଷତ୍ରିୟ, ରାଜ୍ୟ ପାଳନ କରୁଥିଲେ । ପୂର୍ବରୁ ପ୍ରତିପାଦିତ ହୋଇଅଛି ଯେ ଜାତିମାନରେ ବ୍ରାହ୍ମଣ କ୍ଷତ୍ରିୟ ହୁଅନ୍ତି ନାହିଁ । ଲକ୍ଷଣ ଥାଇ ଅନୁରୂପ କାର୍ଯ୍ୟ କଲେ ଯାଇ ବ୍ରାହ୍ମଣ ଓ କ୍ଷତ୍ରିୟ । ବ୍ରାହ୍ମଣ କାର୍ଯ୍ୟ ଓ କ୍ଷତ୍ରିୟ କାର୍ଯ୍ୟ ସବୁ ସମାଜର ସବୁବେଳେ ଦରକାର । ଆଜି-ମଧ୍ୟ ସେଇ କାମ ହେଉଛି, ଖାଲି ବ୍ରାହ୍ମଣ ବା କ୍ଷତ୍ରିୟ 'ଜାତି'ରେ ତାହା ଆବଦ୍ଧ ନ ହୋଇ । ଏପରି ହେବାର କଥା । ଏ ନୂଆ 'ବ୍ରାହ୍ମଣ' ଓ 'କ୍ଷତ୍ରିୟ'ମାନେ ଯୁଗଶାସ୍ତ୍ରର ପ୍ରତିପାଦନ ଓ ଦେଶର ପରିଚାଳନା କରୁଥିଲେ ହେଁ ବ୍ରାହ୍ମଣ ଓ କ୍ଷତ୍ରିୟଙ୍କଠାରେ ଯେଉଁ ଲକ୍ଷଣ ଥିଲା, ତାହା ନିଜ ଆଚରଣରେ ଦେଖାଇବାର ପ୍ରୟାସ କରୁ ନାହାନ୍ତି । ସରକାରଙ୍କ ସେକ୍ରେଟାରୀ, କଲେଜ ଓ ସ୍କୁଲର ପ୍ରଫେସର ଓ ଶିକ୍ଷକ, ଦେଶସେବକ ନେତା ଓ କର୍ମୀ, ଖବରକାଗଜର ସମ୍ପାଦକ— ଏଇମାନେ ଏ ଯୁଗର ନୂଆ ବ୍ରାହ୍ମଣଙ୍କ ମଧ୍ୟରେ ପ୍ରଧାନ । ବ୍ରାହ୍ମଣର ଯାହା ଯାହା ଲକ୍ଷଣ ପୂର୍ବରେ ସୂଚିତ ହୋଇଛି, ତାହା ସେମାନଙ୍କଠାରେ ଅଛି କି ନାହିଁ ସେମାନେ ନିଜେ ନିଜେ ଚିନ୍ତା କରନ୍ତୁ । ଖାଲି ଯେ ସେକ୍ରେଟାରୀ ଓ ପ୍ରଫେସରମାନେ ଆଜି ମନକୁ ମନ 'ସେବକ' ହୋଇ ଗଲେଣି

ତାହା ନୁହେ, ଖବରକାଗଜ ସଂପାଦକ ସ୍ୱାଧୀନତା-ପ୍ରାପ୍ତି ପରେ 'ଗୃକରଆ' ହେବାକୁ ପସନ୍ଦ କରୁଛନ୍ତି ବୋଲି ମନେ ହୁଏ । ଦେଶ-ସେବା ଅନେକଙ୍କର ପେଷା ହୋଇ ଗଲାଣି । ବିନୋବାଙ୍କ ପରି ଯେଉଁମାନେ ପୂର୍ବର ଧର୍ମମାର୍ଗକୁ ବାଚିକ ସମର୍ଥନ ଦେଉଛନ୍ତି, ସେମାନେ ପୂର୍ବର ଧର୍ମର ସଂସ୍କାର କରିବାକୁ ଯାଇ ଏକ ଅଦ୍ଭୁତ ଖେଚେଡ଼ି ଧର୍ମର ପ୍ରଚାର କରୁଛନ୍ତି । ତାହା ପୁରୁଣାକାଳିଆଙ୍କୁ ଯେତିକି ଅସୁଆଦ ଲାଗୁଛି, ନୂଆଙ୍କୁ ମଧ୍ୟ ତହିଁରୁ ବଳି ଅପ୍ରିୟ ହେଉଛି । ସନ୍ଦର୍ଭର ପ୍ରୟୋଜନରେ, ନିତାନ୍ତ ଅନିଚ୍ଛାସତ୍ତ୍ୱେ ଗୋଟିଏ ଦୃଷ୍ଟାନ୍ତ ଦେବି । ପୁରୀରେ ଚୈତନ୍ୟାଦି ମହାପୁରୁଷଙ୍କର ପରୀକ୍ଷା ହୋଇ ଯାଇଛି ; ଏବେ ବିନୋବାଙ୍କର ମଧ୍ୟ ହୋଇଗଲା । ସେ ଭଗବତ୍ ଗୀତା ପ୍ରଚାର କରୁଛନ୍ତି ; ଓଡ଼ିଶାରେ ପଶିବା ମାତ୍ରେ ପୁଣ୍ୟ ପୁରୁଷୋତ୍ତମ କ୍ଷେତ୍ରର ନାମ ଉଲ୍ଲେଖ କରି ଏ ପୁଣ୍ୟ ଭୂମିକୁ ଆସିଲେ ବୋଲି ଆନନ୍ଦ ପ୍ରକାଶ କରିଥିଲେ । କିନ୍ତୁ ଯାହାଙ୍କ ଯୋଗୁଁ ଓଡ଼ିଶା ପୁଣ୍ୟଭୂମି, ସେ ଜଗନ୍ନାଥ ମହାପ୍ରଭୁଙ୍କୁ ସେ ଅବଜ୍ଞା କଲେ । ପ୍ରଥମ ଦିନ, ପ୍ରୋଗ୍ରାମରେ ବନ୍ଧା ହୋଇଥିବାରୁ, ସିଂହ-ଦ୍ୱାରକୁ ଯାଇ ମଧ୍ୟ ମନ୍ଦିରକୁ ଯାଇ ପାରିଲେ ନାହିଁ । ପୁରୀର ଜନସାଧାରଣ ଆଶା କରୁଥିଲେ, ପୁରୀରେ ପହଞ୍ଚିବା ମାତ୍ରେ ସେ ଜଗନ୍ନାଥ ମନ୍ଦିରକୁ ଯିବେ । ତହିଁ ଆର ଦିନ ସେ ଯିବାକୁ ବାହାରିଲେ, କିନ୍ତୁ ଗୋଟିଏ ସର୍ତ୍ତରେ । ଫ୍ରେଞ୍ଚ ମହିଳା ଯଦି ଯାଇ-ପାରିବେ ତେବେ ସେ ଯିବେ । ଜଗନ୍ନାଥ ମହାପ୍ରଭୁ ବିନୋବାଜୀଙ୍କ ଧର୍ମ ସଂସ୍କାରରେ ହେଲେ ପ୍ରତିପକ୍ଷ । ଫ୍ରେଞ୍ଚ ଲେଡ଼ି ଯାଇ ପାରିଲେ ନାହିଁ, ତେଣୁ ବିନୋବାଜୀ ପୁରୀକୁ ଆସି ଜଗନ୍ନାଥଙ୍କୁ ନ ଦେଖି ଫେରିଲେ । ସେତିକରେ ସରିଲା ନାହିଁ ; ସଙ୍ଗେ ସଙ୍ଗେ ସଭାକୁ ଯାଇ ସେ ଦେଉଳରେ ଜଗନ୍ନାଥ ନାହାନ୍ତି ବୋଲି ଘୋଷଣା କଲେ ଓ

ଦେଉଳକୁ ନ ଯିବାପାଇଁ ଅନୁଚରମାନଙ୍କୁ ଆହ୍ୱାନ କଲେ । ସେମାନଙ୍କ ମଧ୍ୟରୁ ଅନେକେ ଛେରେଇ ଲୁଚେଇ ମନ୍ଦିର ଭିତରକୁ ଯିବାର ପ୍ରମାଣ ଅଛି । ଏ ସମ୍ପର୍କରେ ରାଗ ଶାନ୍ତ ହେଲା ପରେ ବିନୋବାଜୀ ଗୋଟିଏ ବିବୃତ୍ତି ଦେବେ ବୋଲି ଅନେକେ ଆଶା କରି ନିରାଶ ହୋଇଛନ୍ତି । ବିନୋବାଜୀ ବିଚାର-ଦାନର ପ୍ରବର୍ତ୍ତକ । ପୁରୀ ମନ୍ଦିର ରାଜା, ମଠାଧୀଶ, ମୁକ୍ତିମଣ୍ଡପ ଓ ପଢ଼ିଆରୀ ସୁଆର ନିଯୋଗମାନଙ୍କ ଦ୍ୱାରା ଚଳେ । ଫ୍ରେଞ୍ଚ ଲେଡ଼ିଙ୍କୁ ନେଇ ସିଂହଦ୍ୱାର ମୁହଁରେ ଠିଆ କରାଇବା ପୂର୍ବରୁ ସେ ଏମାନଙ୍କ ମଧ୍ୟରୁ କାହାରି ବିଚାର ନେଇ ନ ଥିଲେ ବୋଲି ଲୋକେ କହୁଛନ୍ତି ।

## ବାହ୍ମଣତ୍ୱ ଓ କ୍ଷତ୍ରିୟତ୍ୱର ମୂଳଦୁଆ ଦୃଢ଼ କରିବାକୁ ହେବ

ଆମ ସଂସ୍କୃତି ଧରି ଯେ ବ୍ରାହ୍ମଣ ହେବାକୁ ବସିବ, ତାହାର ବିନୟ ଓ ତ୍ୟାଗ ସବୁଠାରୁ ବଡ଼ ଲକ୍ଷଣ । ବିନୟ ଖାଲି କଥାରେ ନୁହେଁ, ଆଚରଣରେ ପ୍ରକଟିତ ହୁଏ ; ତ୍ୟାଗ ଖାଲି ଧନ ତ୍ୟାଗରେ ନାହିଁ, ନିଜର ଅହଂକାର ଓ ପ୍ରିୟ ବସ୍ତୁ, ଜନ ଓ ମତ ପ୍ରତି ମମତା ତ୍ୟାଗରେ । ଯେଉଁମାନେ ନେତା ଓ ପଥପ୍ରଦର୍ଶକ ସେମାନେ ଯଦି ଟଙ୍କା କରିବାରେ, ବିଳାସରେ, ଉଦର ପୋଷଣ ଓ ତୋଷଣରେ ସାଧାରଣଙ୍କ ସଙ୍ଗେ ପ୍ରତିଦ୍ୱନ୍ଦ୍ୱୀ ହୁଅନ୍ତି, ତେବେ ସେମାନଙ୍କର କ୍ଷମତା ଥିବା ପର୍ଯ୍ୟନ୍ତ ଲୋକେ ଚପି କରି ରହିବେ ଓ ଟିକିଏ ସୁଯୋଗ ପାଇଲେ ଅନାଦରରେ ଆଡ଼େଇ ଦେବେ ।

ମଠନାୟକଙ୍କର ଯାହା ଅବସ୍ଥା, ଦେଶଶାସକଙ୍କର ମଧ୍ୟ ସେଇଆ । ବର୍ତ୍ତମାନର ଶାସକ-ଗୋଷ୍ଠୀ କ୍ଷତ୍ରିୟବୃତ୍ତି ଓ ବୈଶ୍ୟ-ବୃତ୍ତି ଏକାସଙ୍ଗେ କରୁଛନ୍ତି । ପୂର୍ବ ଗଡ଼ଜାତର ରାଜାମାନେ ଓ ତାଙ୍କ

ପୂର୍ବରୁ ଆମ ଓଡ଼ିଶାର ପରାଧୀନ ରାଜାମାନେ ଏ ଦିଗରେ ଗୋଟିଏ ଅବାଟ ଦେଖାଇ ଦେଇଛନ୍ତି ।

ରାଜାର ମହତ୍ତ୍ୱ ଭୋଗ କରିବାରେ ନୁହେଁ, ତ୍ୟାଗରେ । ଏହାର ଦୃଷ୍ଟାନ୍ତ ଆମର ଶାସ୍ତ୍ର ପୁରାଣରେ ଭର୍ତ୍ତିହୋଇ ରହିଛି । ଆଜି ଶାସକମାନେ ଯେଉଁ ଆଦର୍ଶ ଦେଖାଉଛନ୍ତି ତାହା ଲୋକଙ୍କ ଆଖିରେ ବଡ଼ ବିସଦୃଶ ଦିଶୁଛି । ଲୋକଙ୍କର କ୍ରମେ ବିଶ୍ୱାସ ବଦ୍ଧମୂଳ ହେଉଛି ଯେ ଆଜି ଯେଉଁମାନଙ୍କ ହାତରେ ଶାସନ ଡୋରି ରହିଛି, ସେମାନେ ସୁବିଧା ଓ ବିଳାସ ଭୋଗ କରିବାରେ ଇଂରେଜ ଅଫିସର୍ ଓ ଗଡ଼ଜାତ ରାଜାଙ୍କର ସରଣୀ ଅନୁସରଣ କରୁଛନ୍ତି । ଏ ବିଷୟରେ ମଧ୍ୟ ଅନିଚ୍ଛା ସତ୍ତ୍ୱେ ଗୋଟିଏ କ୍ଷୁଦ୍ର ଉଦାହରଣ ଦେବି । ଇଂରେଜ ଅମଳରେ ବଡ଼ ବଡ଼ କର୍ତ୍ତାମାନେ ମାଗଣାରେ ଚିକିତ୍ସା ପାଉଥିଲେ । ବର୍ତ୍ତମାନ ମଧ୍ୟ ତାହା ଚାଲିଛି । ଏଣେ ବଡ଼ ଅଫିସରଙ୍କ ଦରମା କମ୍ବୁ ବୋଲି ଦାବୀ ହେଉଛି, କିନ୍ତୁ ସାଆନ୍ତିଆ ଯୁଗର ଏ ପ୍ରଥାଟି ବନ୍ଦ ହୋଇ ପାରୁନାହିଁ । ଡାକ୍ତରଖାନାର ଗୋଟିଏ କଣରେ ଖଟ ନ ପାଇ ରୋଗୀ ତଳେ ଗଡୁଛନ୍ତି ; ଆଉ ମନ୍ତ୍ରୀ ବଡ଼ ଅଫିସରମାନେ ବିନା ଖର୍ଚ୍ଚରେ ବସା ଛଣ୍ଡା ପାଇ ଦିନରାତି ଡାକ୍ତର ଓ ପରିଚାରିକାମାନଙ୍କର ସେବା ପାଉଛନ୍ତି । ଏହା ବର୍ତ୍ତମାନ ଏତେ ଉତ୍କଟ ହେଲଣି ଯେ ହଜାରେ ଟଙ୍କା ଦରମା ପାଉଥିବା ଅଫିସର ସାମାନ୍ୟ ରୋଗରେ ଦଶ ବାର ଟଙ୍କା ଔଷଧ ଖର୍ଚ୍ଚ କରି ତାହା ସ୍ୱଚ୍ଛନ୍ଦଭାବେ ସରକାରଠାରୁ ଆଦାୟ କରୁଛନ୍ତି ।

## ଏହାର ଦୁଇଟି ପ୍ରତିକାର

ଏପରି ବ୍ୟବହାର ଦେଖି ସହର ଓ ମଫସଲରେ ଦୁଇ ବିଭିନ୍ନ ରକମର ପ୍ରତିକ୍ରିୟା ହେଉଛି । ଶିକ୍ଷିତ ଲୋକେ ଶାସକ

ବଦଳାଇବାକୁ, ବିପ୍ଳବ କରିବାକୁ ଡାକ ଦେଉଛନ୍ତି । ମଫସଲର ଲୋକେ କହୁଛନ୍ତି :—

ଅଳପ ଲୋକେ ଅଧିକାର
କମାଇ ଦେଲ ଦାମୋଦର ।

ଶିକ୍ଷିତ ଲୋକଙ୍କ ବିପ୍ଳବର ଆହ୍ୱାନ ମଫସଲର ପୂର୍ବସଂସ୍କାର-ଗ୍ରସ୍ତ ଲୋକଙ୍କୁ ଛୁଇଁ ନାହିଁ ; ଅଶିକ୍ଷିତଙ୍କ ଈଶ୍ୱରବିଶ୍ୱାସରେ ଶିକ୍ଷିତ ଲୋକେ ଭାଗୀ ନୁହନ୍ତି । ଏ ଦୁଇ ପକ୍ଷରୁ ଯେ କୌଣସି ପକ୍ଷ ଅନ୍ୟ ସଙ୍ଗେ ମିଶିଗଲେ ସମାଧାନର ବାଟ ଫିଟିଯାଆନ୍ତା । ମଫସଲ ଲୋକେ ବିପ୍ଳବର ଡାକ ଶୁଣିଲେ, ଗଣତନ୍ତ୍ରଭିତରେ ବା କମ୍ୟୁନିଷ୍ଟ ଭିତରେ ଅବସ୍ଥା ସୁଧୁରି ଯାଆନ୍ତା । ଅଶିକ୍ଷିତ ଲୋକଙ୍କର ଈଶ୍ୱର ବିଶ୍ୱାସର ବିଶ୍ଳେଷଣ କଲେ, ଶିକ୍ଷିତ ଲୋକେ ଦେଖନ୍ତେ, ସେହି ବାଟରେ ସଂସ୍କାରର ସଂକେତ ।

ଏ ଦୁଇଟି ବାଟରୁ କେଉଁ ବାଟଟି ଆମ ଦେଶର ଉପଯୋଗୀ ତାହା ଅନୁଧ୍ୟାନ କଲେ ମନେ ହେଉଛି, କମ୍ୟୁନିଷ୍ଟ ବାଦ ଏ ଦେଶର ଜଳବାୟୁରେ ଉଧେଇବ ନାହିଁ । ପାଶ୍ଚାତ୍ୟ ଦେଶରେ ଯେଉଁ ପ୍ରକାର ଗଣତନ୍ତ୍ର ପ୍ରଚଳିତ ତାହା ମଧ୍ୟ ଆମ ଦେଶରେ କାମ ଦେଖାଇବ ନାହିଁ । ପ୍ରତ୍ୟେକେ, ନିଜର ଅଧିକାର ଦାବି କରିବାରେ ତାଙ୍କର ଶାସନ ଚଳୁଛି । ଆମ ଦେଶ ଚଳୁଥିଲା, ପ୍ରତ୍ୟେକେ ପ୍ରତ୍ୟେକର କର୍ତ୍ତବ୍ୟ କରିବାରେ । ଏବେ ବି ସାଧାରଣ ଲୋକେ ନିଜ କର୍ତ୍ତବ୍ୟରେ ଅଛନ୍ତି । ଅନ୍ୟ ତାଙ୍କ ଉପରେ ଅତ୍ୟାଚାର କଲେ ଭଗବାନଙ୍କୁ ଡାକୁଛନ୍ତି ପ୍ରତିକାର ପାଇଁ । ଏହା ବଦଳାଇବାକୁ ଚେଷ୍ଟା ଯେ ନ ହୋଇଛି ତା' ନୁହେଁ । ଏତିକି ମାତ୍ର ଫଳ ହୋଇଛି, ଲୋକେ ନିଜର କର୍ତ୍ତବ୍ୟ କରିବାରେ ବୀତଶ୍ରଦ୍ଧ ହେଉଛନ୍ତି, କିନ୍ତୁ ଅଧିକାର ଦାବି କଲାବେଳକୁ ଭାଗ୍ୟକୁ ଆଦରି ରହୁଛନ୍ତି । ବର୍ତ୍ତମାନ୍

ଏକମାତ୍ର ଆଶ୍ରୟ ହୋଇଛି ମାସଫଳ ବା ସାପ୍ତାହିକ ରାଶିଫଳ । ଆମ ଦେଶ କର୍ମରେ ବିଶ୍ୱାସ କରୁଥିଲା, ଏବେ ବିଭିନ୍ନ ଆଦର୍ଶର ସଂଘର୍ଷରେ କିଂକର୍ତ୍ତବ୍ୟବିମୂଢ଼ ହୋଇ ଭାଗ୍ୟକୁ ଆଦରି ରହିଛି ।

## ପ୍ରତିକାର ପନ୍ଥା ସଂସ୍କୃତିର ଅନୁକୂଳ ହେବ

ଏ ଅବସ୍ଥାର ସଂଶୋଧନ ହେବ କିପରି ? ଆମରି ଦେଶର ସଂସ୍କୃତିରେ ହେବ, ଓ ଆମରି ରୀତିରେ ହେବ । ପୁଣି ଦେଶରେ ନିଷ୍ଠା ଓ ତ୍ୟାଗର ପ୍ରତିଷ୍ଠା କରିବାକୁ ହେବ । ଆଜି ଯେଉଁମାନେ ଶିକ୍ଷିତ, କ୍ଷମତାରେ ଅଧିଷ୍ଠ, ସେମାନେ ଶିକ୍ଷା ଓ କ୍ଷମତାର ଅଭିମାନରେ ବା ଧନର ମଦରେ ମତ୍ତ ନ ହୋଇ ବିନୀତ ଓ ସହନଶୀଳ ହେବାକୁ ଅଭ୍ୟାସ କରନ୍ତୁ । ସେଇମାନେ ଏ ଦେଶର ବ୍ରାହ୍ମଣ, ସାଧୁ, ସନ୍ଥ ବା ସନ୍ନ୍ୟାସୀ ହୁଅନ୍ତୁ । ଯମ, ନିୟମ, ତପ ଓ ତ୍ୟାଗରେ ଜନ୍ମଗତ ଜାତିର କଥା ଉଠି ନ ପାରେ ; କେବେ ଉଠିନାହିଁ ।

ଏ କଥା କହିଦେବା ଯେତେ ସହଜ, କରିବା ସେତେ ନୁହେ । କରିବାକୁ ମନ ଥିଲେ ମଧ୍ୟ, ବାଟ ଜଣା ନ ଥିଲେ ଖାଲି ଭ୍ରମି-ହେବା ସାର ହେବ । ବର୍ତ୍ତମାନର ବ୍ରାହ୍ମଣ ଜାତିରେ ଯେଉଁମାନେ ଅଦ୍ୟାପି କିଛି ନା କିଛି ସଂସ୍କାର ଓ ସଦାଚାରରେ ଅଛନ୍ତି, ସେମାନେ ଏ ବାଟ ଦେଖାଇବାକୁ କେତେକାଂଶରେ ସମର୍ଥ । ନିଜର ଚିନ୍ତାକୁ ଯୁଗୋପଯୋଗୀ କରି ନିଷ୍ଠାର ସହିତ ଉଦ୍ୟମ କଲେ ଏମାନେ ପୁଣି ଥରେ ଦେଶକୁ ଠିକ ମାର୍ଗରେ ଚଳାଇବାକୁ ସମର୍ଥ ହେବେ । ଶ୍ରୀଯୁକ୍ତ ରାଧାକୃଷ୍ଣନ୍ କହିଲପରି, ଜୀବନର କେତେକ ବିଭାବରେ ଭାରତୀୟର ପାରଂପରିକ ସଂସ୍କୃତି କ୍ଷୁଣ୍ଣ ହୋଇଥିଲେ ହେଁ, ଲୋକେ ଦେଶାଚାର ଓ କୁଳାଚାରରୁ ଭ୍ରଷ୍ଟ ହୋଇଥିଲେ ହେଁ ଆମ ସଂସ୍କୃତିର କାଳ ପୂରିଗଲାଣି ବୋଲି କହି

ହେବ ନାହିଁ । ଅଦ୍ୟାପି ଦେଶରେ ଏପରି ମହାତ୍ମାମାନେ ବାହାରୁଛନ୍ତି, ଯେଉଁମାନେ ପତନକୁ ରୋକି ଆମ ସଂସ୍କୃତିର ମୂଳ ନୀତିକୁ ପୁନଃ ପ୍ରତିଷ୍ଠିତ କରିବାକୁ ସମର୍ଥ । † ଏହା ଆମ ଜୀବନୀଶକ୍ତି ଅକ୍ଷୁଣ୍ଣ ଥିବାର ଲକ୍ଷଣ । ମନର ଦୃଢ଼ତା, ଇନ୍ଦ୍ରିୟ ସଂଯମ, ଜ୍ଞାନ ଓ ତପସ୍ୟା ଲୋପ ପାଇବାର ନୁହେଁ । ତାହା ଆଜି ଜଣକଠାରେ ଲୋପ ହୋଇଗଲେ, ଆଉ ଜଣକଠାରେ ଦେଖା ଦେବ । ଯାହାଠାରେ ଦେଖାଦେବ, ତାକୁ ଅପାର କଷ୍ଟ ନାହିଁ । ମହାତ୍ମାଜୀ ଏହା ଦେଖାଇଛନ୍ତି । ଆଜି ଯେଉଁମାନେ ବ୍ରାହ୍ମଣ ବୋଲାଉଛନ୍ତି ସେମାନଙ୍କଠାରେ ଯଦି ଏ ଶକ୍ତି ଦେଖା ନ ଯାଏ ତେବେ ଯେଉଁମାନଙ୍କଠାରେ ଦେଖାଯିବ ସେଇମାନେ ହେବେ ଏ ଯୁଗର ବ୍ରାହ୍ମଣ ।

## ଏହାର ସରଣୀ ଆଗରୁ ଫିଟିଛି

ଆଜି ଦେଶରେ ଯେଉଁ ଅବସ୍ଥା ଘୋଟିଛି ତାହା ଅଭୂତପୂର୍ବ ନୁହେଁ । ଥରକୁ ଥର ଏପରି ଅବସ୍ଥା ଘୋଟିଛି । ପ୍ରତିଥର ଜଣା ପଡ଼ିଛି ସତେ ଯେପରି ଏଇଥର ସବୁ ସରିଲା । ପାଉଁଶ ଭିତରେ ଲୁଚି ରହିଥିବା ଅଗ୍ନି କଣାରୁ ପୁଣି ବାହାରିଚି, ଘରଆଡ଼କୁ ଉଦ୍ଭାସିତ କଲାପରି ଆଲୋକ । ବ୍ରାହ୍ମଣ ଉପରେ ଅବସ୍ଥା ସୁଧାରିବାର ଭାର ପଡ଼ିଛି । ଜାତି-ମାନ ବ୍ରାହ୍ମଣ ଯୁଗର ପ୍ରୟୋଜନ ମେଣ୍ଟାଇ ନ ପାରିଲେ, ଆଡ଼େଇ ହୋଇ ଯାଇଛନ୍ତି ଓ ନୂଆ ବ୍ରାହ୍ମଣ ବାହାରି ପ୍ରୟୋଜନ ମେଣ୍ଟାଇଛନ୍ତି । ବୌଦ୍ଧଧର୍ମର ନିରୀଶ୍ୱରବାଦ ଫଳରେ ବେଦଧର୍ମ ଲୋପପ୍ରାପ୍ତ ହୋଇଗଲା । ସମସ୍ତେ ସମାନ

† Dr. Radhakrishnan— Religion and Society, P. 101.

ହେଲେ, ପେଟ ପୋଷିବାରେ, ଇନ୍ଦ୍ରିୟ ସେବାରେ । ବୈଷୟିକ ସୁଖ ସମୃଦ୍ଧି ମନୁଷ୍ୟର ଚରମ ଲକ୍ଷ୍ୟ ହୋଇଗଲା । ସେତେବେଳର ବ୍ରାହ୍ମଣ ଏହି ଭଉଁରିରେ ପଡ଼ିଗଲା । ଯେତେବେଳେ ଏହାର ଖିଷଣ ପ୍ରତିକ୍ରିୟା ଆରମ୍ଭ ହେଲା, ସେତେବେଳେ ଏ ବ୍ରାହ୍ମଣମାନେ 'ଭୂମିହର' ବା ମାସ୍ତାନ ହୋଇଲେ । ଆଉ ଥରେ ଚୈତନ୍ୟଙ୍କ ବେଳେ ପୁଣି ସେହିପରି ବିପ୍ଳବ ହେଲା ; ବଡ଼, ସାନ ହୋଇଗଲେ ସାନ, ବଡ଼ ହୋଇଗଲେ । ଏ ଦେଶରେ ନିଜର ଯୋଗ୍ୟତା ଫଳରେ ଅବ୍ରାହ୍ମଣ ଯେପରି ବ୍ରାହ୍ମଣ ବୋଲାଇଛନ୍ତି, ବ୍ରାହ୍ମଣଙ୍କୁ ଅନ୍ୟଙ୍କ ସଙ୍ଗେ ସମାନ କରିବାକୁ ସେହିପରି, ସେନାପତି, ସାମନ୍ତ-ରାୟ, ପାତ୍ର, ସାହୁ, ନାୟକ, ବେହେରା, ଦାସ, ମହାପାତ୍ର ପ୍ରଭୃତି ଉପାଧି ଦିଆ ହୋଇଛି । ଆଜିର ରାଜଶକ୍ତି ଇଚ୍ଛାକଲେ, ସମସ୍ତଙ୍କର ସାଂଙ୍ଖ୍ୟା ଉଠାଇ ଦେବାକୁ ଆଇନ୍ କରିଦେଇ ପାରନ୍ତି । ସାଂଙ୍ଖ୍ୟା-ବ୍ୟକ୍ତିତ ଏ କାଳର ବ୍ରାହ୍ମଣଙ୍କଠାରେ ଆଉ ଯଦି କିଛି ନ ଥିବ, ତେବେ ବସ୍ତୁତଃରେ ତ ବ୍ରହ୍ମତ୍ୱ ଲୋପ ।

ଲୋକଶକ୍ତି ମଧ୍ୟ ଏ ସଂସ୍କାର କରିପାରିବ, ରାଜଶକ୍ତିକୁ ଅପେକ୍ଷା ନ କରି । ଆଜି ତ 'ପଇତା' କେବଳ ପୁରୋହିତ ହେବାର ଯୋଗ୍ୟତା ସାର୍ଟିଫିକେଟ୍ ମାତ୍ର ହେବାକୁ ବସିଲାଣି । ଏ କାଳରେ ବ୍ରାହ୍ମଣ ଯଦି ଯୁଗର ପ୍ରୟୋଜନ ବୁଝିବାକୁ ପସନ୍ଦ କରି, 'ନୂଆ କରଣ', 'ନୂଆ କାରିଗର', 'ନୂଆ ଗଉଡ଼' ଓ 'ନୂଆ ହାଡ଼ି' ହେବାକୁ ପସନ୍ଦ କରେ, ତେବେ ତା'ର ସ୍ଥାନ, ସେଇ ସେଇ ଜାତିରୁ ଲୋକେ ଉଠି ପୂରଣ କରିବେ । ଏ ଦେଶରେ ସେ ଦୃଷ୍ଟାନ୍ତ ବି ବିରଳ ନୁହେଁ । 'ଖିମା ଭୋଇ' ଧର୍ମପ୍ରଚାରକ ହୋଇଛନ୍ତି, 'ଶବରାଚାର୍ଯ୍ୟ' ଜନ୍ମରେ ଶବର ଥିଲେ । 'ରୂପ ଗୋସ୍ୱାମୀ' ଓ 'ଜୀବ ଗୋସ୍ୱାମୀ' ମୁସଲମାନ ଥିଲେ ବୋଲି କଥିତ ଅଛି । ଆମ

ଦେଶରେ କାଳର ପ୍ରୟୋଜନଟା ବଡ଼— କାହାର ବ୍ରହ୍ମତ୍ତ୍ୱ ଚାଲିଗଲା, କାହା ମନ୍ତ୍ରୀତ୍ୱ ଚାଲିଗଲା ସେ ବିଷୟରେ କେହି ଚିନ୍ତିତ ହୁଅନ୍ତି ନାହିଁ ।

## ବ୍ରାହ୍ମଣ ନିଜର କର୍ତ୍ତବ୍ୟ ନିର୍ଣ୍ଣୟ କରୁ

ଶିକ୍ଷିତ ସହରିଆଙ୍କର ଯାହା ହେଉ, ଆମ ଦେଶର ଲୋକ ସାଧାରଣଙ୍କର ବ୍ରାହ୍ମଣଙ୍କଠାରୁ ମନ ଛାଡ଼ୁନାହିଁ । ଯେଉଁମାନଙ୍କ ପୂର୍ବପୁରୁଷ ଜଗନ୍ନାଥ ପୀଠରେ ଶବର ଦେବତା ସ୍ଥାପନ କରିଛନ୍ତି, ଅନ୍ନକୁ ନିର୍ମାଲ୍ୟ କରିଛନ୍ତି, ସବୁ ସଂପ୍ରଦାୟର ସବୁ ଜାତିର ଲୋକଙ୍କୁ ଜଗନ୍ନାଥଙ୍କ ଆଗରେ ସମାନ ଆସନ ଦେଇଛନ୍ତି, ସେମାନେ ପରିସ୍ଥିତିକି କଳନା କରି ଯୁଗୋପଯୋଗୀ ବ୍ୟବସ୍ଥା ଦେବେ ବୋଲି ଦେଶର ଲୋକେ ଅଦ୍ୟାପି ସେମାନଙ୍କ ଆଡ଼କୁ ଚାହିଁଛନ୍ତି । ଆମ ଦେଶରେ ପରାମର୍ଶ କଥାରେ ଦିଆ ହୁଏନାହିଁ । ଶାସ୍ତ୍ରଜ୍ଞ ଓ ସାଧୁ-ମାନଙ୍କର ଆଚରଣ ଲୋକେ ଦେଖନ୍ତି ଓ ମନକୁ ପାଇଲେ ଘେନନ୍ତି * । ବର୍ତ୍ତମାନ ବ୍ରାହ୍ମଣଙ୍କ ଭିତରେ ଯେଉଁମାନେ କ୍ରିୟାଭ୍ରଷ୍ଟ ହୋଇଛନ୍ତି, ସେମାନଙ୍କ କାର୍ଯ୍ୟରେ ମୁରବିମାନେ ପାଟି ନ ଫିଟାଇବାରୁ ସମାଜ ବ୍ରାହ୍ମଣଙ୍କୁ ସନ୍ଦେହ କରିବାକୁ ଆରମ୍ଭ କଲାଣି । କ'ଣ କଲେ ବ୍ରାହ୍ମଣ, ବ୍ରାହ୍ମଣ ବୋଲାଏ ତାହାର ପୁନରୁକ୍ତି ଏଠାରେ ଆଉ ଆବଶ୍ୟକ ନାହିଁ । ବ୍ରାହ୍ମଣମାନଙ୍କ ଭିତରେ ଅଦ୍ୟାପି ଅନେକ ଶାସ୍ତ୍ରଜ୍ଞ ପଣ୍ଡିତ ଅଛନ୍ତି । ସେମାନେ ବସି ନିଜର କର୍ତ୍ତବ୍ୟ ନିର୍ଣ୍ଣୟ କରନ୍ତୁ ।

## ରାଜଶକ୍ତିକୁ ସୁଧାରିବାକୁ ହେବ

ବହୁ ଗୁରୁଜନଙ୍କଠାରୁ ଶୁଣିଛୁ, ରାଜଶକ୍ତି ତ ଭିନ୍ନ ମାର୍ଗରେ ଚାଲିଛି, ଆମେ କ'ଣ କରିବା । ବ୍ରାହ୍ମଣ ମୁଖରେ ଏ କଥା

---

* ବେଦୋଽଖିଲୋ ଧର୍ମମୂଳଂ ସ୍ମୃତିଶୀଲେ ଚ ତଦ୍‌ବିଦାଂ
ଆଚାରଶ୍ଚୈବ ସାଧୂନାଂ ମନସସ୍ତୁଷ୍ଟି ରେବ ଚ ।

ଶୋଭାପାଏ କି ନାହିଁ, ତାହା ମୋର ଗୁରୁଜନମାନେ ବିଚାର କରିବେ । ରାଜଶକ୍ତି ବ୍ରାହ୍ମଣମାନଙ୍କ ପରାମର୍ଶରେ ଚାଲିବାର କଥା । ଯଦି ଏବେ ନ ଚାଲୁଛନ୍ତି, ତାହାର ଦୁଇଟି କାରଣ ହୋଇ ପାରେ—(୧) ହୁଏତ ବ୍ରାହ୍ମଣମାନଙ୍କର ରାଜାଙ୍କୁ ପ୍ରଭାବିତ କରିବାର କ୍ଷମତା ନାହିଁ, (୨) ନୋଚେତ୍ ରାଜଶକ୍ତି ଉତ୍ପଥଗାମୀ । ପ୍ରଥମଟି କାରଣ ହୋଇଥିଲେ ପ୍ରଭାବିତ କରିବାର କ୍ଷମତା ଅର୍ଜନ କରିବାକୁ ହେବ । ଦ୍ୱିତୀୟଟି ଯଦି କାରଣ ହୋଇଥାଏ, ତେବେ ରାଜଶକ୍ତିକୁ ବାଟକୁ ଆଣିବା ସକାଶେ ଜନଶକ୍ତିକୁ ସଂଗଠିତ କରିବା ଦାୟିତ୍ୱ ମଧ ବ୍ରାହ୍ମଣର । ବେଣ ରାଜାଙ୍କର ବୃତ୍ତାନ୍ତ ଏଠାରେ ଉଲ୍ଲେଖ-ଯୋଗ୍ୟ :—

ଆମ ଦେଶରେ ବେଣ ବୋଲି ଜଣେ ରାଜା ଥିଲେ । ରାଜ୍ୟର ଅଧୀଶ୍ୱର ହୋଇ ସେ ଐଶ୍ୱର୍ଯ୍ୟରେ ଅନ୍ଧପରି ହୋଇଗଲେ । ସତ୍‌ପରାମର୍ଶ ଗ୍ରହଣ ନ କରି ନିଜକୁ ସକଳ ଶାସ୍ତ୍ରରେ ପଣ୍ଡିତ ବୋଲି ମନେ କରି ନିଜ ମନମୁଖୀ ଶାସନ ଚଳାଇଲେ । ଧର୍ମ କର୍ମ ସବୁ ବୁଡ଼ାଇ ଦେଲେ । ଏଥିରେ ଲୋକ ସାଧାରଣ ଉତ୍ତ୍ୟକ୍ତ ହୋଇ ଉଠିଲେ । କାଠର ଦୁଇପଟେ ନିଆଁ ଲାଗିଲେ ଯେପରି ତହିଁ ମଝିରେ ଥିବା ପିମ୍ପୁଡ଼ିଙ୍କର ଅବସ୍ଥା ହୁଏ, ସେହିପରି ଦାୟିତ୍ୱହୀନ ରାଜ-କର୍ମଚାରୀ ଓ ଦୁର୍ବୃତ୍ତ ଲୋକଙ୍କ ଉପଦ୍ରବରେ, ଲୋକଙ୍କର ମହା ବିପଦ୍ ଉପସ୍ଥିତ ହେଲା । ବେଣ ରାଜପଦର ଉପଯୁକ୍ତ ନୁହନ୍ତି ବୋଲି ଜାଣି ମଧ ମୁନି ଋଷିମାନେ ଲୋକଙ୍କୁ ସଂଭାଳି ସତ୍‌ପରାମର୍ଶ ଦ୍ୱାରା ରାଜାଙ୍କୁ ବାଟକୁ ଆଣିବାକୁ ଚେଷ୍ଟା କଲେ । ସେମାନେ ରାଜାଙ୍କୁ ଯାଇ କହିଲେ, "ରାଜା ! ଆମ୍ଭେମାନେ ଯେପରି କହୁଛୁ, ସେପରି ଆଚରଣ କର । ଦେଶର ମଙ୍ଗଳ ହେବ, ଓ ତୁମର କୀର୍ତ୍ତି ରହିବ । ଦୁଷ୍ଟ ପରାମର୍ଶ ଦାତା ଓ ଖଣ୍ଡ ତସ୍କରଙ୍କଠାରୁ ଯେଉଁ ରାଜା ଲୋକଙ୍କୁ

ରକ୍ଷା କରେ ତାହାର ରାଜତ୍ୱକାଳ ଶାନ୍ତିରେ କଟେ ଓ ପରେ ତାହାର ସୁନାମ ରହେ । ଲୋକେ ଯେପରି ଧର୍ମ ଆଚରଣ କରିବାକୁ ଚାହୁଁଛନ୍ତି ତୁମେ ସେହିପରି ଚାଲ । ରାଜା ମୁନିମାନଙ୍କର ପରାମର୍ଶ ଶୁଣିବେ କ'ଣ ଆହୁରି ରାଗିଲେ । ଖୁସାମତିଆ ଲୋକଙ୍କ କଥାରେ ତାଙ୍କର ପୂର୍ଣ୍ଣ ବିଶ୍ୱାସ ହୋଇଯାଇଥିଲା ଯେ ସେ ଯାହା କହୁଛନ୍ତି ଓ କରୁଛନ୍ତି ତାହାହିଁ ନ୍ୟାୟ ଓ ଧର୍ମ । ମୁନିମାନେ ନିରୁତ୍ସାହ ନ ହୋଇ ଆଉ ଥରେ ଆସି ବହୁ ଅନୁନୟ ବିନୟ କଲେ । କିଛି ଫଳ ହେଲା ନାହିଁ । ତା'ପରେ ସେମାନେ ଦେଖିଲା କାମ କରିବାକୁ ଲୋକଙ୍କୁ ପରାମର୍ଶ ଦେଇ ଆଡ଼େଇ ହୋଇଗଲେ । ବେଣ ମଲେ । ତା'ପରେ ମୁନି ଋଷିଙ୍କ ପରାମର୍ଶରେ ଆଉ ଜଣେ ରଜା ହେଲେ ।

## ପ୍ରତିକାରର ମୂଳରେ 'ବଡ଼'ର ତ୍ୟାଗ

ସବୁକାଳେ ଏଇ କଥା । ନିଜର ଆଚରଣରେ ରାଜାଙ୍କୁ ପ୍ରଭାବିତ କରିବା ସକାଶେ ପ୍ରଥମେ ଉଦ୍ୟମ କରିବାକୁ ହେବ, ତାହା ନହେଲେ ଲୋକଶକ୍ତିକୁ ଜାଗ୍ରତ କରିବାକୁ ହେବ । ଏ ଦାୟିତ୍ୱ ଯେ ତୁଲାଇବାକୁ ବସିବେ, ସେ ଧନ ସମ୍ପତ୍ତିରେ ବଡ଼ ଭାଗ ମାଡ଼ି ବସିବାକୁ ବସିଲେ ଚଳିବ ନାହିଁ । ଏ ଦେଶରେ ଲୋକଙ୍କ ଉପରେ ନୈତିକ ପ୍ରଭାବ ପଡ଼େ କେବଳ ତ୍ୟାଗରେ । ସେ ତ୍ୟାଗରେ ଯେ ଉପରକୁ ଉଠିପାରେ, ସେ ବ୍ରାହ୍ମଣ । ସେପରି ବ୍ରାହ୍ମଣ ସ୍ୱୟଂ ଜନାର୍ଦ୍ଦନ ବୋଲି ଶାସ୍ତ୍ରରେ ଅଛି । ବ୍ରାହ୍ମଣର ସତ୍ତା ସଂଖ୍ୟାରେ ନାହିଁ, ମହତ୍ତ୍ୱରେ । ସେହିମାନେ ବାହାରିଲେ ବର୍ତ୍ତମାନର ଦୁରବସ୍ଥା ଦୂର ହେବ । ସେଇମାନେ ଯାହା କହିବେ, ଜାତି ରହିବ; ତେବେ ଜାତି ରହିବ, ଯାହା କହିବେ, ଉଠିଯିବା ଦରକାର ତେବେ ଉଠିଯିବାରେ ସବୁ ଶ୍ରେଣୀର ଲୋକେ ସହଯୋଗ କରିବେ । ସେଇମାନଙ୍କ ମତରେ

ଦେଶର ବୈଷୟିକ ସ୍ଥିତି ଓ ଗତି ନିର୍ଣ୍ଣିତ ହେବ । ଅନ୍ୟଦେଶ ପରି ଆମ ଦେଶର ଧର୍ମ, ବୈଷୟିକ ସମୃଦ୍ଧି ଓ ସୁଖଭୋଗ ଠାରୁ ସ୍ୱତନ୍ତ୍ର ନୁହେ । ଧର୍ମ, ଅର୍ଥ ଓ କାମ ତିନୋଟି ଭିତରେ ସମତା ରଖି ଚଳିବା ଆମ ସଂସ୍କୃତିର ବିଶିଷ୍ଟତା । ଏହି ସମତା ଫଳରେ ହିଁ ଏ ଦେଶର ଲୋକେ ବିଷୟ ମଦରେ ଅନ୍ଧ ନହୋଇ ଶାନ୍ତିରେ ରହନ୍ତି । ଦେଶର ବ୍ରାହ୍ମଣମାନେ ଦେଶ କାଳ ଓ ପାତ୍ର ଦୃଷ୍ଟିରେ ସମାଜକୁ ସଜାଡ଼ି ଶାନ୍ତି ସ୍ଥାପନ କରି ନ ପାରିଲେ, ନିଜେ ଯିବେ ଓ ପିତୃ ପୁରୁଷଙ୍କୁ ନରକଗାମୀ କରିବେ ।

ଆମ ସଂସ୍କୃତିର ଅନ୍ତିମ ବେଳ ହେଲାଣି ବୋଲି ଜଣା ପଡ଼ିଥିଲେହେଁ ପୂର୍ବଥରମାନଙ୍କ ପରି ପୁଣି ପାଉଁଶ ଭିତରୁ ନିଆଁ ବାହାରିବ । ପୁଣି ଯଥା ସମୟରେ ବର୍ଷା ହେବ, ଲୋକଙ୍କର ଅଭାବ ରହିବ ନାହିଁ, ଜାତି ଜାତି, ଗୋଷ୍ଠୀ ଗୋଷ୍ଠୀ ଭିତରେ କ୍ଷୋଭ ରହିବନାହିଁ । ସେଥିପାଇଁ ପ୍ରୟୋଜନ ପଥପ୍ରଦର୍ଶକର ତ୍ୟାଗ, ସତ୍‌ଚିନ୍ତା ଓ ସତ୍‌ପଥରେ ସାଧନା । ତେବେ ଲୋକେ ସୁଖଶାନ୍ତିରେ ରହିବେ, ନିରୋଗ ହେବେ, ସମସ୍ତଙ୍କର ଚିନ୍ତା ଠିକ୍ ମାର୍ଗରେ ଚାଲିବ, ଓ କାହାର କୌଣସି ଦୁଃଖ ରହିବ ନାହିଁ ।

କାଳେ ବର୍ଷତୁ ପର୍ଜନ୍ୟଃ ପୃଥିବୀ ଶସ୍ୟଶାଳିନୀ
ଦେଶୋଽୟଂ କ୍ଷୋଭରହିତଃ ବ୍ରାହ୍ମଣାଃ ସନ୍ତୁ ନିର୍ଭୟାଃ ॥
ସର୍ବେ ଭବନ୍ତୁ ସୁଖିନଃ ସର୍ବେ ସନ୍ତୁ ନିରାମୟାଃ
ସର୍ବେ ଭଦ୍ରାଣି ପଶ୍ୟନ୍ତୁ ମା କଶ୍ଚିଦ୍ ଦୁଃଖଭାଗ୍ ଭବେତ୍
ଓଁ ଶାନ୍ତିଃ, ଶାନ୍ତିଃ, ଶାନ୍ତିଃ ।

Printed by R. K. Nanda, B.A., D.Ed.
Parijat Press, Telengabazar, Cuttack-1—1955